আমর প্রতিবদ্ধতা -- 
ଆମର ପ୍ରତିବଦ୍ଧତା
ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ
ନିଷ୍କର୍ଷ

# ନିଷ୍କର୍ଷ
NISHKARSHA

RNI REGD. No. : ODIODI/2020/78909

Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Nishkarsha Media
www.nishkarsha.com
www.nishkarsha.in
NISHKARSHA MEDIA ENTERTAINMENT & PUBLICATION

♦ VOLUME - 03 ♦ ISSUE- 32 ♦ CUTTACK ♦ WEEKLY ♦ 08 TO 14 - AUGUST 2022 ♦ 8 PAGE ♦ RATE- 5/- ■ ବର୍ଷ - ୦୩ ♦ ସଂଖ୍ୟା -୩୨ ♦ କଟକ ♦ ସାପ୍ତାହିକ ♦ ୦୮ ରୁ ୧୪- ଅଗଷ୍ଟ ୨୦୨୨ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା

## ନିତି ଆୟୋଗ ବୈଠକରେ ଓଡ଼ିଶାକୁ ସ୍ୱତନ୍ତ୍ର ଧ୍ୟାନ ଲାଗି ନବୀନଙ୍କ ଦାବି




**ନୂଆଦିଲ୍ଲୀ/ଭୁବନେଶ୍ୱର (ଏନ୍.ଏମ୍.) :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି 'ନିତି' ଆୟୋଗର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଯୋଗଦେଇଥିଲେ । ଏହି ବୈଠକରେ ଯୋଗଦେଇଥିବା ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ରାଜ୍ୟ ମାନ୍ୟତା ଦାବି ଦୋହରାଇଛନ୍ତି । ଓଡ଼ିଶା ନିୟମିତ ବ୍ୟବଧାନରେ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି । ଏହାଦ୍ୱାରା ରାଜ୍ୟର ଭିତ୍ତିଭୂମି ବହୁଳ ଭାବେ ପ୍ରଭାବିତ ହେଉଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ବିପର୍ଯ୍ୟୟ ନିରୋଧୀ ଭିତ୍ତିଭୂମି ପ୍ରତିଷ୍ଠା ପାଇଁ ସହାୟତା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ନିକଟରେ ପୁନଃ ପ୍ରସ୍ତାବ ରଖିଛନ୍ତି । ଏଥି ସହିତ ଟେଲିକମ୍, ରେଲୱେ ଓ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଓଡ଼ିଶାକୁ ସ୍ୱତନ୍ତ୍ର ଧ୍ୟାନ ଦେବା ଲାଗି ଦାବି କରିଛନ୍ତି ମୁଖ୍ୟମନ୍ତ୍ରୀ । ରାଜ୍ୟରେ ରେଳବାଇ ସାନ୍ଦ୍ରତା ବୃଦ୍ଧି, ଧାର୍ଯ୍ୟ ସମୟରେ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଶେଷ କରିବା, ଗ୍ରାମାଞ୍ଚଳରେ ବ୍ୟାଙ୍କ୍ ସେବା ପହଞ୍ଚାଇବା, ଓଡ଼ିଶାରେ ମୋବାଇଲ ଓ ଇଣ୍ଟରନେଟ ସେବା ବ୍ୟବସ୍ଥାର ସ୍ଥିତି ନେଇ ବୈଠକରେ ଦାବି ଉପସ୍ଥାପନ କରିଛନ୍ତି । ଏହାସହ ବୈଠକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନେଇ ଦୃଷ୍ଟି ଆକର୍ଷଣ କରିଛନ୍ତି । ଅଧିକାଂଶ ଆଦିବାସୀ ଓ କେବିକେ ଜିଲ୍ଲା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା କହିଛନ୍ତି ନବୀନ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ବନ୍ଧିତ ଅସାମଞ୍ଜସ୍ୟ ତୁରନ୍ତ ଦୂର କରିବାକୁ ସେ ଦାବି କରିଛନ୍ତି । ବୈଠକରେ ଇଝଓ ଓ ଇଗଝଇଜର ରୂପାନ୍ତରଣ ଦାବି କରିଛନ୍ତି ନବୀନ । ଇଝଓ ଓ ଇଗଝଇଜରର ଟେକ୍ନୋଲୋଜି ଓ ନ୍ୟାୟିକ ଢାଞ୍ଚାରେ ପରିବର୍ତ୍ତନ ଦାବି କରିଛନ୍ତି । ଏହାଦ୍ୱାରା କୋଣାର୍କ ଆଦି ଐତିହ୍ୟ ସ୍ଥଳୀକୁ ସୁରକ୍ଷିତ ରଖାଯାଇପାରିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ।

ନିୟମିତ ବ୍ୟବଧାନରେ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖିନ ହୋଇଥିବା ଓଡ଼ିଶା ୧୭,୦୦୦ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ ସହ ବିପର୍ଯ୍ୟୟ ନିରୋଧୀ ଭିତ୍ତିଭୂମି ପ୍ରତିଷ୍ଠା ପାଇଁ ଦାବି କରି ଆସୁଛି । ତନ୍ମଧ୍ୟରୁ ୧୦,୦୦୦ କୋଟି ଟଙ୍କା କେବଳ ବିପର୍ଯ୍ୟୟ ପ୍ରତିରୋଧୀ ଶକ୍ତି ଭିତ୍ତିଭୂମି ପ୍ରତିଷ୍ଠା ପାଇଁ ମଗାଯାଇଛି । ଏହି ଦୀର୍ଘମିଆଦୀ ଯୋଜନା ନେଇ କେନ୍ଦ୍ର ନିଜର ଆଭିମୁଖ୍ୟ ସ୍ପଷ୍ଟ କରିନାହିଁ । ତେଣୁ କେନ୍ଦ୍ର ଏହି ଅନୁଦାନ ମଞ୍ଜୁର କରିବା ନେଇ ରାଜ୍ୟ ଦାବି ରଖିଛି । ବିପର୍ଯ୍ୟୟ ରାଜ୍ୟର ନିରନ୍ତର ଅର୍ଥନୈତିକ ଗତିବିଧିକୁ ପ୍ରଭାବିତ କରିଛି । ତେଣୁ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଜଷ୍ଟିସ୍ ଲଳିତ ପରବର୍ତ୍ତୀ ପ୍ରଧାନ ବିଚାରପତି, ନାଁ ସୁପାରିସ କଲେ ସିଜେଆଇ



**ନୂଆଦିଲ୍ଲୀ(ଏଜେନ୍ସି) :** ଭାରତର ପରବର୍ତ୍ତୀ ପ୍ରଧାନ ବିଚାରପତି ହୋଇପାରନ୍ତି ଜଷ୍ଟିସ୍ ୟୁ ୟୁ ଲଳିତ । ୟୁ ୟୁ ଲଳିତଙ୍କ ନାମକୁ କେନ୍ଦ୍ର ଆଇନ ମନ୍ତ୍ରଣାଳୟକୁ ସୁପାରିଶ କରିଛନ୍ତି ବର୍ତ୍ତମାନର ପ୍ରଧାନ ବିଚାରପତି ଜଷ୍ଟିସ୍ ଏନ ଭି ରମନା । ପରମ୍ପରା ଅନୁସାରେ ଅବସରପ୍ରାପ୍ତ ଚିଫ୍ ଜଷ୍ଟିସ୍ ନୂତନ ଚିଫ୍ ଜଷ୍ଟିସଙ୍କୁ ନାମ ସୁପାରିଶ କରିଥାନ୍ତି । ଚଳିତ ବର୍ଷ ଅଗଷ୍ଟ ୨୬ରେ ଅବସର ନେବେ ପ୍ରଧାନ ବିଚାରପତି ଜଷ୍ଟିସ୍ ଏନ ଭି ରମନା ।

## ଜଗଦୀପ ଧନଖଡ଼ ହେଲେ ଭାରତର ଉପ-ରାଷ୍ଟ୍ରପତି



**ନୂଆଦିଲ୍ଲୀ (ଏଜେନ୍ସି) :** ପଶ୍ଚିମବଙ୍ଗର ପୂର୍ବତନ ରାଜ୍ୟପାଳ ଜଗଦୀପ ଧନଖଡ଼ ଦେଶର ଉପ-ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି । ଏନଡିଏରୁ ପ୍ରାର୍ଥୀ ହୋଇଥିବା ଶ୍ରୀ ଧନଖଡ଼ ମିଳିତ ବିରୋଧୀ ପ୍ରାର୍ଥୀ ମାର୍ଗାରେଟ ଆଲଭାଙ୍କୁ ପରାସ୍ତ କରିଛନ୍ତି । ସେ ମାର୍ଗାରେଟ ଆଲଭାଙ୍କୁ ୩୪୬ ଭୋଟରେ ପରାସ୍ତ କରିଛନ୍ତି । ଉପ-ରାଷ୍ଟ୍ରପତି ନିର୍ବାଚନ ପାଇଁ ଆଜି ସଂସଦ ଭବନରେ ଭୋଟ୍ ଗ୍ରହଣ ହୋଇଥିଲା । ମୋଟ ୭୮୦ ଜଣ ସାଂସଦଙ୍କ ମଧ୍ୟରୁ ୭୨୫ ଜଣ ଭୋଟ୍ ଦେଇଥିଲେ । ଅର୍ଥାତ୍ ପ୍ରାୟ ୯୩ପ୍ରତିଶତ ସାଂସଦ ସେମାନଙ୍କ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଫାଇଟର୍ ଜେଟ୍ ତେଜସ୍ ବିକ୍ରି ପାଇଁ ମାଲେସିଆକୁ ଭାରତର ଅଫର୍



**ନୂଆଦିଲ୍ଲୀ(ଏଜେନ୍ସି) :** ଫାଇଟର୍ ଜେଟ୍ ତେଜସ୍ ବିକ୍ରି ପାଇଁ ମାଲେସିଆକୁ ଭାରତ ଅଫର୍ ଦେଇଛି । ୧୮ଟି ତେଜସ ବିମାନ ବିକ୍ରି କରିବା ପାଇଁ ଭାରତ ମ୍ୟାଲେସିଆକୁ ପ୍ରସ୍ତାବ ଦେଇଛି । ଏ ନେଇ କୌଣସି ଡିଲ୍ ଫାଇନାଲ୍ ହୋଇନାହିଁ । ଉଭୟ ଦେଶ ଭିତରେ ଏ ନେଇ କଥାବାର୍ତ୍ତା ଚାଲିଛି । ଗତ ଫେବୃଆରି ୨୦୧୯ରେ ମାଲେସିଆ ସରକାର ଏଥିପାଇଁ ରିକ୍ୱେଷ୍ଟ ଫର ଇନଫର୍ମେସନ ଆହ୍ୱାନ କରିଥିଲେ । ଏହାର ଜବାବରେ ଭାରତର ହାଲ୍ ନିଜର ପ୍ରସ୍ତାବ ଦାଖଲ କରିଥିଲା । ଏହାପରେ ଗତ ବର୍ଷ ମାଲେସିଆର ବାୟୁସେନା ପକ୍ଷରୁ ଜାରି ରିକ୍ୱେଷ୍ଟ ଫର ପ୍ରପୋଜାଲର ଜବାବରେ ହାଲ ନିଜର ବିଡ୍ ଦାଖଲ କରିଛି । ଆମେରିକା ଛଡ଼ା ଆର୍ଜେଣ୍ଟିନା, ଇଜିପ୍ଟ, ଇଣ୍ଡୋନେସିଆ, ଅଷ୍ଟ୍ରେଲିଆ ଓ ଫିଲିପାଇନ୍ସ ମଧ୍ୟ ଏଲସିଏ ବିମାନ ପ୍ରତି ନିଜର ଆଗ୍ରହ ଦେଖାଇଛନ୍ତି । ଏଲସିଏ ତାଲିମ ବିମାନ ( ଫାଇଟର ଲିଡ ଇନ ଟ୍ରେନର-ଏଲସିଏ) ଟି ବିଶ୍ୱରେ ଏକ ଉତ୍କୃଷ୍ଟ ତାଲିମ ବିମାନ ଭାବେ ପରିଗଣିତ କରାଯାଉଛି । ତେଜସ୍ ଭାରତର ସ୍ୱଦେଶୀ ଯୁଦ୍ଧ ବିମାନ । ହିନ୍ଦୁସ୍ତାନ ଏରୋନେଟିକ୍ସ ଲିମିଟେଡ୍ ହାଲ୍ ଦ୍ୱାରା ଏହାର ନିର୍ମାଣ କରାଯାଇଛି । ତେଜସ୍ ଏବେ ମାଲେସିଆର ପ୍ରଥମ ପସନ୍ଦ ହୋଇଥିବା ବେଳେ ଆମେରିକା ସମେତ ଅନ୍ୟ କେତେକ ଦେଶ ମଧ୍ୟ ଏଥିପ୍ରତି ନିଜର ରୁଚି ଦେଖାଇ ସାରିଛନ୍ତି । ମାଲେସିଆ ବାୟୁସେନା ନିକଟରେ ଥିବା ରଷ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ରାଜ୍ୟସଭାରେ ଜୟପୁର ଓ ଉତକେଲା ବିମାନବନ୍ଦରକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଦାବି ଉଠାଇଲେ ସାଂସଦ ମାନସ ମଙ୍ଗରାଜ

**ନୂଆଦିଲ୍ଲୀ(ଏଜେନ୍ସି) :** ବିମାନସେବା କ୍ଷେତ୍ରରେ ଓଡ଼ିଶା ଦେଶରେ ଅନ୍ୟତମ ପଛୁଆ ରାଜ୍ୟ । ଅନ୍ୟ ରାଜ୍ୟଗୁଡ଼ିକର ଛୋଟଛୋଟ ଅଞ୍ଚଳକୁ ବିମାନ ସେବା ଆରମ୍ଭ ହୋଇଥିଲେ ମଧ୍ୟ ଓଡ଼ିଶାକୁ ଅନୁରୂପ ସେବା ମିଳିପାରି ନାହିଁ । ବିଶେଷକରି 'ଉଡ଼ାନ' ଯୋଜନାରେ ଓଡ଼ିଶାର ଜୟପୁର, ଉତକେଲା, ରାଉରକେଲା ଆଦି ଅଞ୍ଚଳକୁ ସାମିଲ କରିବାକୁ କେନ୍ଦ୍ର ସରକାର ଘୋଷଣା କରିଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇ ପାରିନାହିଁ । ଦୀର୍ଘ ଦିନ ହେଲା କଳାହାଣ୍ଡି ଏବଂ କୋରାପୁଟ ଜିଲ୍ଲାବାସୀ ବିମାନ ସେବା ଆରମ୍ଭ ହେବାକୁ ଚାହିଁ ବସିଛନ୍ତି । ଏଏଆଇ ଅଧିକାରୀ ବାରମ୍ବାର କ୍ଷେତ୍ର ପରିଦର୍ଶନ କରି ଶୀଘ୍ର ବିମାନ ସେବା ଆରମ୍ଭ ହେବ ବୋଲି କହୁଛନ୍ତି । କିନ୍ତୁ ଅଜ୍ଞାତ କାରଣ ପାଇଁ ଦୁଇ ଜିଲ୍ଲାରୁ ବିମାନ ସେବା ଆରମ୍ଭ ହୋଇପାରୁ ନାହିଁ । ଏହି ପ୍ରସଙ୍ଗକୁ ନେଇ ରାଜ୍ୟସଭାରେ ଉଦ୍ବେଗ ପ୍ରକାଶ କରିଛନ୍ତି ବିଜେଡ଼ି ସାଂସଦ ମାନସ ରଞ୍ଜନ ମଙ୍ଗରାଜ । ଆଜି ସ୍ୱତନ୍ତ୍ର ଧ୍ୟାନ ଆକର୍ଷଣକାରୀ ନୋଟିସ ଜରିଆରେ ଶ୍ରୀ ମଙ୍ଗରାଜ କୋରାପୁଟ ଜିଲ୍ଲାର ଜୟପୁର ଓ କଳାହାଣ୍ଡିର ଉତକେଲାକୁ ବିମାନ ଚଳାଚଳ ନିମନ୍ତେ ଦାବି କରିଛନ୍ତି । ଶ୍ରୀ ମଙ୍ଗରାଜ କହିଛନ୍ତି ଯେ, ୨୦୧୭ ମସିହାରେ ଉଡ଼ାନ୍

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ତାଇୱାନ୍ ବିରୋଧରେ ଚୀନର ଯୁଦ୍ଧ ପ୍ରସ୍ତୁତି

**ବେଜିଂ (ଏଜେନ୍ସି) :** ଆମେରିକା ବାଚସ୍ପତି ନାନ୍ସି ପେଲୋସି ତାଇୱାନ ଗସ୍ତ ଶେଷ କରି ଦକ୍ଷିଣ କୋରିଆ ଯାଇଛନ୍ତି । ସେ ତାଇୱାନ ଛାଡିବା ପୂର୍ବରୁ ଚୀନ କିଛି ପଦକ୍ଷେପ ନେଇପାରେ ବୋଲି ଆଶଙ୍କା ରହିଥିଲା । କିନ୍ତୁ ପେଲୋସୀ ତାଇୱାନ ଛାଡିବା ପରେ ଚୀନ ତାଇୱାନକୁ ଉଚିତ ଶିକ୍ଷା ଦେବାକୁ ପ୍ରସ୍ତୁତି ଆରମ୍ଭ କରିଦେଇଛି । ବର୍ତ୍ତମାନ ଚୀନ ବାୟୁ ସେନା ପୁରା ତାଇୱାନକୁ ଘେରି ରହିଥିବା ବେଳେ ସାମରିକ ଡ୍ରିଲ ଅଭ୍ୟାସ ମଧ୍ୟ ଜାରି ରହିଛି । ଏହାବ୍ୟତୀତ ଚାଇନା ସାଗରରେ ଚୀନ ନିଜର ଯୁଦ୍ଧ ପୋତ ସହ ବହୁ ଜାହାଜ ମୁତୟନ କରିଛି । ଯଦି କୌଣସି ସ୍ଥିତିରେ ଚୀନ ତାଇୱାନ ଉପରେ ହମଲା କରେ ତେବେ ଏହାକୁ ମୁକାବିଲା କରିବାକୁ ଆମେରିକା ମଧ୍ୟ ଏହାର ଅତ୍ୟାଧୁନିକ ଯୁଦ୍ଧପୋତ 'ରୋନାଲ୍ଡ ରେଗନ'କୁ ମୁତୟନ କରିଛି । ଫଳରେ ଚାଇନା ସାଗର ଅଞ୍ଚଳରେ ଏବେ ଉତ୍ତେଜନା ପ୍ରକାଶ ପାଇଛି । ଚୀନ ଏବଂ ଆମେରିକା ମଧ୍ୟରେ ବାକ୍ ଯୁଦ୍ଧ ଜାରି ରହିଥିବାବେଳେ କେତେ ବେଳେ ପରିସ୍ଥିତି ଗମ୍ଭୀର ହୋଇପାରେ ବୋଲି କୁହାଯାଉଛି । ବିଶେଷକରି ପେଲୋସୀଙ୍କ ସାହାସକୁ ଏବେ ସାରା ବିଶ୍ୱରେ ପ୍ରଶଂସା କରାଯାଉଛି । ଚୀନର ତୀବ୍ର ବିରୋଧ ଏବଂ ଆକ୍ରମଣ ଧମକ ସତ୍ତ୍ୱେ ୮୨ ବର୍ଷୀୟା ପେଲୋସୀ ଯେଭଳି ନିର୍ବିଘ୍ନରେ ତାଇୱାନ ଯାଇ ଫେରି ଆସିଲେ ତାହାକୁ ନେଇ ଏବେ ସାରା ବିଶ୍ୱରେ ଚର୍ଚ୍ଚା ଜୋର ଧରିଛି । ଏହାବ୍ୟତୀତ ପ୍ରାୟ ୨୫ବର୍ଷ ତଳେ ପେଲୋସୀ ବେଜିଂ ଆସିଥିଲା ବେଳେ ସେତେବେଳେ ମଧ୍ୟ ଚୀନର ବିରୋଧ ସତ୍ତ୍ୱେ ସେ ତିଆନମେନ୍ ସ୍କୋୟାର ସହିଦଙ୍କୁ ସମ୍ମାନ ଜଣାଇଥିଲେ । ଏହାକୁ ନେଇ ଚୀନ ରକ୍ତ ଚାଉଳ ଚୋବାଇବା ସହିତ ତାଇୱାନ ବିପକ୍ଷରେ ଶକ୍ତ ପଦକ୍ଷେପ ନେବାକୁ କାର୍ଯ୍ୟ ଆରମ୍ଭ କରିଦେଇଛି । ତାଇୱାନକୁ ଅର୍ଥନୀତି ଦିଗରୁ ପାଣେ ଚଖାଇବା ପାଇଁ ମଧ୍ୟ ଚୀନ ପଦକ୍ଷେପ ନେଇଛି । ଚୀନରୁ ତାଇୱାନକୁ ପ୍ରାକୃତିକ ବାଲୁକା ରପ୍ତାନି ବନ୍ଦ କରି ଦିଆଯାଇଥିଲା ବେଳେ ସେଠାରୁ ଚୀନକୁ ମାଛ ଏବଂ ଫଳମୂଳ ଆମଦାନୀ ମଧ୍ୟ ବନ୍ଦ କରି ଦିଆଯାଇଛି । ଏହାବ୍ୟତୀତ ତାଇୱାନ ଫାଉଣ୍ଡେସନ ଫର ଡେମୋକ୍ରାସି କାର୍ଯ୍ୟାନୁଷ୍ଠାନ ନେବାକୁ ଘୋଷଣା କରିଛି ।

## ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା : ପାଟଣାଗଡ ଓ କୁଚିଣ୍ଡାରେ ଖୋଲାଯିବ ନୂଆ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ



**ଭୁବନେଶ୍ୱର(ଏନ୍.ଏମ୍.) :** ସମ୍ବଲପୁରର କୁଚିଣ୍ଡା ଓ ବଲାଙ୍ଗୀରର ପାଟଣାଗଡ ଠାରେ ଦୁଇଟି ନୂତନ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ (ଆଇଟିଆଇ) ଖୋଲାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି । ଏହାଦ୍ୱାରା ଏହି ଜନଜାତି ବହୁଳ ଅଞ୍ଚଳର ଯୁବ ସମାଜ ବିଶେଷ ଭାବରେ ଉପକୃତ ହେବେ । କୁଚିଣ୍ଡାରେ ନୂଆ ସରକାରୀ ଆଇଟିଆଇ ପ୍ରତିଷ୍ଠା ଦ୍ୱାରା କୁଚିଣ୍ଡା ବାମରା ଓ ଜମନକିରା ବ୍ଲକର ଯୁବସମାଜ ଉପକୃତ ହେବେ । ନିଯୁକ୍ତି ତଥା ଆତ୍ମନିଯୁକ୍ତିର ସୁଯୋଗ ଥିବା ଚାରିଗୋଟି ଟ୍ରେଡରେ ଏଠାରେ ୨୪୦ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ଦିଆଯିବ । ସମ୍ବଲପୁର ଆଖପାଖରେ ଅନେକ ଶିଳ୍ପାନୁଷ୍ଠାନ ଗଢି ଉଠୁଥିବାରୁ ଏହା ଛାତ୍ରଛାତ୍ରୀ ମାନଙ୍କ ପାଇଁ ବିପୁଳ ଓ ଆତ୍ମନିଯୁକ୍ତି ପାଇଁ ସୁଯୋଗ ମଧ୍ୟ ସୃଷ୍ଟି କରିବ । ସେହିପରି ବଲାଙ୍ଗୀରର ପାଟଣାଗଡ ଠାରେ ପ୍ରତିଷ୍ଠିତ ଆଇଟିଆଇରେ ମଧ୍ୟ ୪ ଗୋଟି ଟ୍ରେଡ଼ରେ ୨୪୦ ଜଣ ପିଲା ଶିଳ୍ପ ତାଲିମ ପାଇପାରିବେ । ବୃତ୍ତିଗତ ତାଲିମ ବ୍ୟବସ୍ଥା ଦ୍ୱାରା ବ୍ଲକ୍ର ଯୁବକ ଯୁବତୀ ମାନଙ୍କୁ ଦକ୍ଷତା ବୃଦ୍ଧି ହେବା ସହିତ ନିଯୁକ୍ତି/ଆତ୍ମନିଯୁକ୍ତିର ସୁଯୋଗ ସୃଷ୍ଟିରେ ସହାୟକ ହେବ ।

ସୂଚନାଯୋଗ୍ୟ ଯେ, ରାଜ୍ୟର ୩୧୪ଟି ବ୍ଲକ୍ ମଧ୍ୟରୁ ୨୫୧ଟି ବ୍ଲକର ସରକାରୀ/ବେସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ (ଆଇଟିଆଇ) ରହିଛି । ଏହି ୨ଟି ନୂଆ ଆଇଆଇଟି ସହ ରାଜ୍ୟର ମୋଟ ସରକାରୀ ଓ ବେସରକାରୀ ଆଇଟିଆଇ ସଂଖ୍ୟା ୨୫୩ରେ ପହଂଚିଛି । ସେହିପରି ୫୮ଟି ସବଡିଭିଜନ ମଧ୍ୟରୁ ୪୮ଟିରେ ଆଇଟିଆଇ ରହିଛି । ପାଟଣାଗଡ ଓ କୁଚିଣ୍ଡାରେ ଆଇଟିଆଇ ପ୍ରତିଷ୍ଠା ହେବା ପରେ ଏହି ସଂଖ୍ୟା ୫୦କୁ ବୃଦ୍ଧି ପାଇବ । ସ୍କିଲ ଇନ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ ଆମର ଯୁବକ ଯୁବତୀ ମାନେ ବିଭିନ୍ନ ସରକାରୀ ଶିଳ୍ପତାଲିମ ପ୍ରତିଷ୍ଠାନ ମାନଙ୍କରେ ତାଲିମ ନେଇ ନିଜର ଦକ୍ଷତା ଦ୍ୱାରା ଓଡିଶା ପାଇଁ ନୂଆ ପରିଚୟ ସୃଷ୍ଟି କରିପାରିଛନ୍ତି । ଭୁବନେଶ୍ୱର ନିକଟରେ ପ୍ରତିଷ୍ଠିତ ୱାର୍ଲ୍ଡ ସ୍କିଲ ସେଣ୍ଟର ଆମର ଯୁବସମାଜ ପାଇଁ ଅନେକ ସମ୍ଭାବନା ସୃଷ୍ଟି କରିଛି ।

**ଓଟିଏମକୁ ନେଇ ଏବେ ଚୌଦ୍ୱାର ଚଳଞ୍ଚଳ**

## ଓଟିଏମ୍ ପୁନରୁଦ୍ଧାର ପାଇଁ ୧୫୦ କୋଟି ପଇଠ କରିବେ ରାଜ୍ୟ ସରକାର

### କର୍ମଚାରୀଙ୍କ ବକେୟା ହିସାବ ପାଇଁ ଚାଟାର୍ଡ ଆକାଉଣ୍ଟାଣ୍ଟ ନିଯୁକ୍ତ



**କଟକ/ଚୌଦ୍ୱାର(ଏନ୍.ଏମ୍.) :** ବହୁ ପ୍ରତିକ୍ଷୀତ ଓଡ଼ିଶା ଟେକ୍ସଟାଇଲ ମିଲ୍(ଓଟିଏମ)କୁ ନେଇ କଳ୍ପନା ଜଳ୍ପନାର ଅନ୍ତ ଘଟିଛି । ହାଇକୋର୍ଟଙ୍କ ରାୟ ପରେ ଓଟିଏମ ପୁନରୁଦ୍ଧାର ହେବା ନେଇ ବାଟ ଫିଟୁଛି । ତେବେ ଓଟିଏମ ବିଚାର ପରେ ଶିଳ୍ପନଗରୀ ଚୌଦ୍ୱାର ଏବେ ଉତ୍ସବ ମୁଖର ହୋଇ ଉଠିଛି । ବର୍ଷ ବର୍ଷ ଧରି ଓଟିଏମର ଭାଗ୍ୟ କୋର୍ଟର କାଠଗଡ଼ାରେ ରହିଯାଇଥିବାବେଳେ ଶ୍ରମିକମାନଙ୍କ ଭବିଷ୍ୟତ ଅନ୍ଧାର ଭିତରକୁ ଠେଲି ହୋଇଯାଇଥିଲା । ଏବେ ଶ୍ରମିକ ପରିବାରରେ ନୂତନ ଆଶାର ସଞ୍ଚାର ହୋଇଛି । ଦୀର୍ଘ ଦଶନ୍ଧି ଧରି ଚାଲିଥିବା ଆଇନଗତ ବିବାଦର ଖୁବଶୀଘ୍ର ଅବସାନ ଘଟିପାରେ ବୋଲି କୁହାଯାଉଛି । ତେବେ ହାଇକୋର୍ଟଙ୍କ ପରବର୍ତ୍ତୀ ଶୁଣାଣିକୁ ଅପେକ୍ଷା ରହିଛି । ଓଟିଏମ ସଂକ୍ରାନ୍ତୀୟ ମାମଲାର ଶୁଣାଣି ହାଇକୋର୍ଟରେ ହୋଇଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଓଟିଏମ ଅଧିଗ୍ରହଣ ପାଇଁ ୧୫୦ କୋଟି ଟଙ୍କା ପଇଠ କରାଯିବ ବୋଲି ସତ୍ୟପାଠ ଦିଆଯାଇଛି । ଅନ୍ୟପଟରେ ଓଟିଏମ ମାମଲାରେ ନିଯୁକ୍ତ ଅଫିସିଆଲ ଲିକ୍ୟୁଡେଟରଙ୍କ ପକ୍ଷରୁ କର୍ମଚାରୀଙ୍କ ବକେୟା ପ୍ରାପ୍ୟ ହିସାବ ପାଇଁ ଜଣେ ଚାଟାର୍ଡ ଆକାଉଣ୍ଟାଣ୍ଟଙ୍କୁ ନିଯୁକ୍ତ କରିବା ପାଇଁ ଅଦାଲତଙ୍କୁ ଅନୁରୋଧ କରାଯାଇଥିଲା । ବିଚାରପତି ଜଷ୍ଟିସ ଅରିନ୍ଦମ ସିହ୍ନା ଏହି ମାମଲାର ଶୁଣାଣି କରି ଆସନ୍ତା ୬ ସପ୍ତାହ ମଧ୍ୟରେ ଏହି କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଅଦାଲତରେ ଉପସ୍ଥିତ ରହି ଆଡଭୋକେଟ ଜେନେରାଲ ଦର୍ଶାଇଥିଲେ ଯେ, ଓଟିଏମ ପାଇଁ ପ୍ରଥମ ପର୍ଯ୍ୟାୟରେ ୩୫କୋଟି ଟଙ୍କା ଡିପୋଜିଟ କରାଯାଇଛି । ରାଜ୍ୟ ସରକାର ୩୦ କୋଟି ଦେଇଥିବା ବେଳେ ବାକି ୫କୋଟି ଇଡକୋ ପକ୍ଷରୁ ପ୍ରଦାନ କରାଯାଇଛି । ଇତିମଧ୍ୟରେ କେତେକ କର୍ମଚାରୀଙ୍କୁ ଏହି ଟଙ୍କାରୁ ବକେୟା ପ୍ରଦାନ କରାଯାଇଛି ଓ ପ୍ରକ୍ରିୟା

### ଅନିଶ୍ଚିତତାରେ କଲୋନୀ ବାସୀଙ୍କ ବାସ



ଜାରି ରହିଛି । ସରକାର ଆଉ ୧୫୦କୋଟି ଜମା କରିବେ ବୋଲି ଆଡଭୋକେଟ ଜେନେରାଲ ଆଶୋକ ପରିଜା ଅଦାଲତଙ୍କୁ ଅବଗତ କରାଇଛନ୍ତି । ଏଣୁ ସମସ୍ତ ପ୍ରାପ୍ୟ ପ୍ରଦାନ ପରେ ବି ସରକାର ଏଥିରୁ ବଳକା କିଛି ଟଙ୍କା ଫେରିପାଇବେ ବୋଲି ମଧ୍ୟ କୁହାଯାଇଛି । ଅନ୍ୟପଟରେ ରାଜ୍ୟସରକାର ଏହି ୫୨୧ ଏକର ପରିମିତ ଓଟିଏମକୁ ଅଧିଗ୍ରହଣ କରି ପୁନରୁଦ୍ଧାର କରିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି । ସେହିପରି ଓଟିଏମ କ୍ୱାର୍ଟରରେ ବିଜୁଳି ସଂଯୋଗ ସମସ୍ୟା ନେଇ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଗୋଟିଏ ମିଟରରେ ୯୦କ୍ୱାର୍ଟରକୁ ବିଜୁଳି ସଂଯୋଗ ହୋଇଥିବା କୁହାଯାଇଥିଲା । ସବୁ କ୍ୱାର୍ଟରକୁ ପୃଥକ ପୃଥକ ମିଟର ସଂଯୋଗ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ନିକଟରେ ବିଧାନସଭାରେ ମଧ୍ୟ ବିଭାଗୀୟ ମନ୍ତ୍ରୀ ଏ ନେଇ ସ୍ପଷ୍ଟ କରିଛନ୍ତି । ଏନେଇ ଅଫିସିଆଲ ଲିକ୍ୟୁଡେଟରଙ୍କୁ ଜଣାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ତେବେ କୋର୍ଟଙ୍କ ରାୟ ପରେ ଏବେ ଓଟିଏମକୁ ସରକାର ହାତକୁ ନେବେ । ସେଠି ପୁଣି ହୁଏତ ଟେକ୍ସଟାଇଲ୍ ପାର୍କ ମୁଣ୍ଡ ଟେକିବ । ଚୌଦ୍ୱାର ପୁଣି ଶିଳ୍ପକୁ ନେଇ ଚଳଚଞ୍ଚଳ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

‘ଶାନ୍ତିପୂର୍ଣ୍ଣ ଜୀବନ ପାଇଁ ଦୁଇଟି ନିୟମ: ବିଫଳତାର ଉଦାସୀନତା କେବେହେଲେ ହୃଦୟକୁ ଯିବା ଅନୁଚିତ; ସଫଳତାର ଅହଂକାର ମସ୍ତିଷ୍କକୁ ଯିବା ଅନୁଚିତ’ - ଡ. ଅବଦୁଲ କଲାମ



# ଜନ୍ମଦିନରେ ଉଲଗ୍ନ ହେଲେ ଅଭିନେତ୍ରୀ



**ନୂଆଦିଲ୍ଲୀ(ଏଜେନ୍ସି):** ଜନ୍ମଦିନରେ ଉଲଗ୍ନ ହେଲେ ଅଭିନେତ୍ରୀ। ଉଲଗ୍ନ ହୋଇ କରାଇଲେ ଫଟୋ ସୁଟ୍। ହଲିଉଡର ପ୍ରସିଦ୍ଧ ପପ୍ ସିଙ୍ଗର ତଥା ଅଭିନେତ୍ରୀ ଜେନିଫର ଲୋପେଜ ନିଜ ଜନ୍ମଦିନକୁ ଏଭଳି କିଛି ନିଆରା ଢ଼ଙ୍ଗରେ ପାଳିଛନ୍ତି। ଯାହାର ଫଟୋ ଆଉ ଭିଡିଓ ଏବେ ସୋଶାଲ ମିଡିଆରେ ହଇଚଇ ସୃଷ୍ଟି କରିଛି। ଜୁଲାଇ ୨୪ ତାରିଖରେ ନିଜ ୫୩ ତମ ଜନ୍ମଦିନ ପାଳନ କରିଛନ୍ତି ଜେନିଫର। ବିବାହ ପରେ ଏହା ଥିଲା ତାଙ୍କର ପ୍ରଥମ ଜନ୍ମଦିନ। ତେଣୁ ଏହାକୁ ସ୍ୱତନ୍ତ୍ର କରିବା ପାଇଁ ଚିନ୍ତା କରିଥିଲେ ସେ। ତେବେ ନିଜ ସ୍ୱାମୀଙ୍କ ସହ ନିଜ ଜନ୍ମଦିନ ପାଳନ କରିବା ପାଇଁ ନୁହେଁ ଅନ୍ୟ ଏକ ବିଷୟ ପାଇଁ ଏବେ ଚର୍ଚ୍ଚାକୁ ଆସିଛନ୍ତି। ଜେନିଫର ଲୋପେଜ ନିକଟରେ ନିଜ ବ୍ୟୁଟି ପ୍ରଡକ୍ଟ ଲଞ୍ଚ କରିଛନ୍ତି। ଏହି ବ୍ରାଣ୍ଡ ଲଞ୍ଚ ପାଇଁ ସେ କରାଇଛନ୍ତି ନିଜର ନ୍ୟୁଡ୍ ଫଟୋ ସୁଟ୍। ନିଜ ବ୍ରାଣ୍ଡର ପ୍ରମୋସନ୍ ପାଇଁ କ୍ୟାମେରା ଆଗରେ ଉଲଗ୍ନ ହୋଇ ସେ ଦେଇଛନ୍ତି ପୋଜ୍। ୫୩ ବର୍ଷ ବୟସରେ ଜେନିଫର ଦେଖାଇଛନ୍ତି ନିଜ ଗ୍ଲାମର। ସୋଶାଲ ମିଡିଆରେ ନ୍ୟୁଡ୍ ଫଟୋ ଶେଆର କରି ସେ ଲଗାଇଛନ୍ତି ନିଆଁ। ଯାହାର ଫଟୋ ଓ ଭିଡିଓକୁ ଜେନିଫର ଖୋଦ୍ ନିଜ ଇନ୍ଷ୍ଟାଗ୍ରାମରେ ଶେଆର କରିଛନ୍ତି। ଏହି ଭିଡିଓ ସାମ୍ନାକୁ ଆସିବା ପରେ ଫ୍ୟାନ୍ମାନେ ଚକିତ ହୋଇପଡିଛନ୍ତି। ଅନେକ ଫ୍ୟାନ୍ମାନେ ତାଙ୍କର ଏହି ଫଟୋ ତଥା ଭିଡିଓରେ ହଜାର ହଜାର କମେଣ୍ଟ ଦେଇଛନ୍ତି। ଜଣେ ୟୁଜର୍ସ ଲେଖିଛନ୍ତି, ‘ଲାଗୁଛି ଆପଣ ଯେପରି ୫୩ ବର୍ଷୀୟ ଡିଭା’। ସେହିପରି ଆଉ ଜଣେ ଲେଖିଛନ୍ତି, ‘ବିଶ୍ୱର ସବୁଠୁ ସୁନ୍ଦର ମହିଳା।’ ଉଲ୍ଲେଖଯୋଗ୍ୟ, ନିକଟରେ ଜେନିଫର୍ ଲାସ୍ ଭେଗାସ୍ରେ ଏକ ବ୍ୟକ୍ତିଗତ ସମାରୋହରେ ବେନ୍ ଏଫ୍ଲେକ୍ଙ୍କୁ ବିବାହ କରିଥିଲ। ଏହି ବିବାହର ଖବରକୁ ସେ ନିଜେ ତାଙ୍କ ଫ୍ୟାନ୍ମାନଙ୍କୁ ସୋଶାଲ ମିଡିଆ ଜରିଆରେ ଦେବା ସହ ନିଜ ଫିଲିଙ୍ଗସ୍ ଶେଆର କରିଥିଲେ। ଯାହାର ବେଶ୍ ଚର୍ଚ୍ଚା ସାଉଁଟିଥିଲା, କାରଣ ଜେନିଫରଙ୍କ ଏହା ଥିଲା ଚତୁର୍ଥ ବିବାହ।

# ୬ ବର୍ଷର ଡେଟିଂ ପରେ ଅଲଗା ହେଲେ ଟାଇଗର-ଦିଶା !



**ମୁମ୍ବାଇ (ଏଜେନ୍ସି):** ୬ ବର୍ଷର ପ୍ରେମ ସମ୍ପର୍କରେ ଲାଗିଲା ଫୁଲ ଷ୍ଟପ୍। ଅଲଗା ହେଲେ ବି-ଟାଉନ୍ର ଆଉ ଏକ ଲଭ୍ ବାର୍ଡ। ଅଭିନେତା ଟାଇଗର ଶ୍ରଫ ଓ ଦିଶା ପଟାନୀଙ୍କ ମଧ୍ୟରେ ହେଲା ବ୍ରେକ୍ ଅପ୍। ଟାଇଗର ଶ୍ରଫ ଏବଂ ଦିଶା ପଟାନୀ ବି-ଟାଉନର ଲୋକପ୍ରିୟ କପଲ୍ମାନଙ୍କ ମଧ୍ୟରୁ ଜଣେ। ଦୁହେଁ ପରସ୍ପରକୁ ବର୍ଷ ବର୍ଷ ଧରି ଜାଣିଛନ୍ତି। ଏହା ସତ ଯେ ଉଭୟ ନିଜ ସମ୍ପର୍କକୁ ନେଇ କେବେ କ୍ୟାମେରା ଆଗରେ ସ୍ୱୀକାର କରି ନାହାନ୍ତି। କିନ୍ତୁ ତାଙ୍କ ଫ୍ୟାନ୍ସ ଜାଣନ୍ତି ଦୁହେଁ ଦୁହିଁଙ୍କୁ ଡେଟ୍ କରୁଛନ୍ତି। ସେ ପାର୍ଟି ହେଉ ଅବା କୌଣସି ଫଙ୍କସନ୍, ପ୍ରାୟତଃ ଦୁଇ ଜଣଙ୍କୁ ଏକାଠି ଦେଖିବାକୁ ମିଳେ। ହେଲେ ଏବେ ଆଉ ଦେଖିବାକୁ ମିଳିବ ନାହିଁ। ଦୁହେଁ ପରସ୍ପର ଠାରୁ ଅଲଗା ହୋଇଯାଇଥିବା ଶୁଣିବାକୁ ମିଳୁଛି। ଟାଇଗର ଓ ଦିଶାଙ୍କ ବ୍ରେକ୍ଅପ୍ ନେଇ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ହେଲେ ଦୁଇ ଜଣଙ୍କ ପକ୍ଷରୁ ଏନେଇ କୌଣସି ସୂଚନା ମିଳି ନାହିଁ। ଶୁଣିବାକୁ ମିଳିଛି କି ଗତ ଏକ ବର୍ଷ ଧରି ସେମାନଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା। ଯାହା ଧିରେ ଧିରେ ବଢିବାରେ ଲାଗିଲା। ଟାଇଗରଙ୍କ ଜଣେ ଘନିଷ୍ଠ ବନ୍ଧୁ ହିନ୍ଦୁସ୍ତାନ ଟାଇମ୍ସକୁ ଦେଇଥିବା ସାକ୍ଷାତକାର୍ରେ କପଲଙ୍କ ଏହି ବ୍ରେକଅପ୍ ଖବରକୁ ସତ ବୋଲି କହିଛନ୍ତି। ବ୍ରେକଅପ୍ ପରେ ବି ଟାଇଗର ନିଜ କାମରେ ଏହାର କୌଣସି ପ୍ରଭାବ ପଡିବାକୁ ଦେଇ ନଥିବା ସେ କହିଛନ୍ତି। ସେ ପୂର୍ବ ଭଳି ନିଜ କାମକୁ ନେଇ ବେଶ୍ ତତ୍ପର ଅଛନ୍ତି। ତେବେ ଏହି ଦୁଇ ଷ୍ଟାର୍ କପଲ୍ ଅଲଗା ହେବାର ପ୍ରକୃତ କାରଣ କ’ଣ ତାହା ଜଣା ପଡିନାହିଁ। କିନ୍ତୁ ବର୍ତ୍ତମାନ ଦୁହେଁ ଆଉ କପଲ୍ ଭାବରେ ଏକାଠି ନାହାଁନ୍ତି। ଉଭୟ ଏକାକୀ ଜୀବନ ବିତାଉଛନ୍ତି। ଟାଇଗର ଏବେ ଲଣ୍ଡନରେ ନିଜ ଅପକମିଂ ଫିଲ୍ମର ଶୁଟିଂରେ ବ୍ୟସ୍ତ ଥିବା ବେଳେ ଦିଶା ପଟାନୀ ତାଙ୍କର ଫିଲ୍ମ ‘ଏକ ଭିଲେନ୍-ରିଟର୍ଣ୍ଣ’ର ପ୍ରମୋସନରେ ବ୍ୟସ୍ତ ଅଛନ୍ତି।

# ସାମନ୍ଥା କିଣିଲେ ପୁରୁଣା ଘର, ଏକ୍ସ-ହଜବ୍ୟାଣ୍ଡଙ୍କ ସହ ରହିଛି କନେକସନ୍



**ହାଇଦ୍ରାବାଦ:** ନାଗା ଚୈତନ୍ୟଙ୍କଠାରୁ ବିଚ୍ଛେଦ ହେବା ପରେ ବିନ୍ଦାସ୍ ଲାଇଫ୍ ଏନଜୟ କରୁଛନ୍ତି ସାଉଥ ସୁନ୍ଦରୀ ସାମନ୍ଥା। ନିକଟରେ କରନ ଜୋହରଙ୍କ ଶୋ’କୁ ଆସିଥିବା ସାମନ୍ଥା ନାଗାଙ୍କୁ ନିଜ ଏକ୍ସ-ହଜବ୍ୟାଣ୍ଡ ବୋଲି କହିଥିଲେ। ଉଭୟଙ୍କ ସମ୍ପର୍କ ତୁଟି ସାରିଥିଲେ ବି ସ୍ମୃତିକୁ ପାସୋରି ପାରୁ ନାହାନ୍ତି ସାମନ୍ଥା। ନାଗାଙ୍କ ସହ ଯେଉଁ ଘରେ ନିଜ ବୈବାହିକ ଜୀବନକୁ ହସଖୁସିରେ କାଟୁଥିଲେ, ସେହି ଘରକୁ ଉଚ୍ଚା ଦରରେ କିଣି ନେଇଛନ୍ତି ସାମନ୍ଥା। ଏପରିକି ଏବେ ସେ ଉକ୍ତ ଘରେ ନିଜ ମା’ଙ୍କ ସହ ରହୁଛନ୍ତି। ଏହାର ଖୁଲାସା କରିଛନ୍ତି ଖୋଦ ଘର ବିକିଥିବା ବ୍ୟକ୍ତି। ସାମନ୍ଥା ସାଉଥରେ ଜଣେ ଆଗ ଧାଡ଼ିର ଅଭିନେତ୍ରୀ ଥିବା ବେଳେ ଏବେ ବଲିଉଡରେ ବି ନିଜ ଜଲୱା ଦେଖାଉଛନ୍ତି। ପ୍ରଫେସନାଲ ଲାଇନରେ ବେଶ୍ ଖୁସି ଥିବା ସାମନ୍ଥା ନିଜ ପର୍ସନାଲ ଲାଇଫକୁ ବି ଖୁବ୍ ଏନଜୟ କରୁଛନ୍ତି। ନିକଟରେ ସେ ହାଇଦ୍ରାବାଦରେ ଏକ ଘର କିଣିଛନ୍ତି । ହେଲେ ଏହି ଘର ତାଙ୍କ ପାଇଁ ବେଶ୍ ପୁରୁଣା ଓ ତାଙ୍କ ହୃଦୟର ନିକଟ ତର ହୋଇ ରହିଛି। କାରଣ ନାଗାଙ୍କ ସହ ବିବାହ ପରେ ଏହି ଘରେ ବେଶ୍ ଖୁସିରେ ଦିନ କାଟୁଥିଲେ ସାମନ୍ଥା। ହେଲେ ବିଚ୍ଛେଦ ପରେ ଏହି ଘରକୁ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରି ଦିଆଯାଇଥିଲା। ସେହି ଘରକୁ ପୁଣି ଥରେ ନିଜ ନାମରେ କରାଇ ନେଇଛନ୍ତି ସାମନ୍ଥା। ଏଥିନିମନ୍ତେ କେତେ ଟଙ୍କାରେ ଡିଲ୍ ଫାଇନାଲ ହୋଇଛି ତାହା ଜଣାପଡ଼ି ନ ଥିବା ବେଳେ ସାମନ୍ଥା କିନ୍ତୁ ଚଢ଼ା ଦରରେ ଘରଟିକୁ କିଣିଥିବା ଜଣାଯାଇଛି। ନିକଟରେ କରନଙ୍କ ଶୋ’କୁ ଆସି ଚର୍ଚ୍ଚାକୁ ଆସିଥିଲେ ସାମନ୍ଥା। ଏହି ଶୋ’ରେ ନାଗା ତାଙ୍କ ହଜବ୍ୟାଣ୍ଡ ବୋଲି କରନ କହିଥିବା ବେଳେ ସାମନ୍ଥା କିନ୍ତୁ ସେ ଏକ୍ସ-ହଜବ୍ୟାଣ୍ଡ ବୋଲି କହିଥିଲେ। ଏହାବାଦ ନିଜ ପର୍ସନାଲ ଲାଇଫ୍ ବିଷୟରେ ଖୁଲମଖୁଲା କଥା ହୋଇଥିଲେ ସାମନ୍ଥା।

## ଏ ସପ୍ତାହର ଭାଗ୍ୟବିଚାର

**ମେଷ:** ସୋମବାର: ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ। ଶୁକ୍ର ଓ ଶନିବାର: ଶିକ୍ଷକଙ୍କର ସହଯୋଗ ପାଇବେ। ରବିବାର ପାରିବାରିକ ସୁଖ ମିଳିବ।

**ବୃଷ:** ସୋମବାର: ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ। ଶୁକ୍ର ଓ ଶନିବାର: ଘରର ପରିବେଶ ଭଲ ରହିବ। ରବିବାର: ଲାଭବାନ ହେବେ।

**ମିଥୁନ:** ସେମାବାର: ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ। ଶୁକ୍ର ଓ ଶନିବାର: ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି। ରବିବାର:ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ।

**କର୍କଟ:** ସୋମବାର: ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ। ଶୁକ୍ର ଓ ଶନିବାର: ବ୍ୟବସାୟରେ ବିକ୍ରୀ ବଢ଼ିବ। ରବିବାର: ମନବାଞ୍ଛା ପୂର୍ଣ୍ଣ ହେବ।

**ସିଂହ:** ସୋମବାର: ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ମନ ଆଧାତ୍ମିକ ଦିଗରେ ଲାଗି ରହିବ। ଶୁକ୍ର ଓ ଶନିବାର: କିଛିନା କିଛି ଇଚ୍ଛା ପୂରା ହେବ। ରବିବାର: ନୂତନ କାର୍ଯ୍ୟରେ ଯୋଗଦେବେ।

**କନ୍ୟା:** ସୋମବାର: କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ। ଶୁକ୍ର ଓ ଶନିବାର: ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ। ରବିବାର: କର୍ମକ୍ଷେତ୍ରକୁ ନେଇ ଚିନ୍ତିତ ରହିବେ।

**ତୁଳା:** ସୋମବାର: ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ। ମଙ୍ଗଳ, ବୁଧ ଓ ଗୁରୁବାର: ବେକାରଙ୍କୁ ରୋଜଗାର ମିଳିବ। ଶୁକ୍ର ଓ ଶନିବାର: ବିଶେଷ କାମରେ ବାଧା ଉପୁଜିପାରେ। ରବିବାର: ହଠାତ୍ ଅସୁସ୍ଥ ଅନୁଭବ କରିବେ।

**ବିଛା:** ସୋମବାର: ବ୍ୟବସାୟରେ ସବୁ ଭଲ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ। ଶୁକ୍ର ଓ ଶନିବାର: ଜୀବନସାଥୀଙ୍କ ସହିତ ସମ୍ବନ୍ଧ ମଧୁର ହେବ। ରବିବାର: ବ୍ୟବସାୟରେ ଲାଭବାନ ହେବେ।

**ଧନୁ:** ସୋମବାର: କୌଣସି କାମରେ ଅଧିକ ସମୟ ବ୍ୟୟ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ନୂଆ ଲୋକଙ୍କ ସହିତ ସଂପର୍କ ହେବ। ଶୁକ୍ର ଓ ଶନିବାର: କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ। ରବିବାର: ଅଯଥାରେ ସମୟ ଅତିବାହିତ ହେବ।

**ମକର:** ସୋମବାର: ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଉପାର୍ଜନ ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: କାରବାରରେ ସଫଳତା ପାଇବେ। ରବିବାର: କୌଣସି ବନ୍ଧୁ ସହଯୋଗର ହାତ ବଢ଼ାଇବେ।

**କୁମ୍ଭ:** ସୋମବାର: ସାମାଜିକ କାର୍ଯ୍ୟରେ ସମୟ ଦେବେ। ମଙ୍ଗଳ, ବୁଧ ଓ ଗୁରୁବାର: ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: ନୂଆ କାର୍ଯ୍ୟରେ ରୁଚି ବଢ଼ିବ। ରବିବାର: ଧର୍ମାନୁଷ୍ଠାନ କାର୍ଯ୍ୟରେ ସମୟ କଟିବ।

**ମୀନ:** ସୋମବାର: ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ। ଶୁକ୍ର ଓ ଶନିବାର: ଆୟ ବୃଦ୍ଧି ହେବ। ରବିବାର: ଦୀର୍ଘ ଦିନ ଧରି ଆଶା କରିଥିବା ଫଳ ପ୍ରାପ୍ତି ହୋଇପାରେ।

## ହାତ ପାହାନ୍ତାରେ ଔଷଧ

ବର୍ତ୍ତମାନ ଲୋକଙ୍କ ମଧ୍ୟରେ କରୋନା, ମଙ୍କିଫକ୍ସ ଭଳି ଅନ୍ୟାନ୍ୟ ରୋଗକୁ ନେଇ ଭୟ ରହିଛି। ତେବେ ବିଭିନ୍ନ ପ୍ରକାରର ରୋଗରୁ ଶରୀରକୁ ଦୂରେଇ ରଖିବା ପାଇଁ କିଛି ସରଳ ଉପାୟ ରହିଛି। ଏଭଳି କିଛି ଖାଦ୍ୟ ରହିଛି, ଯାହାକୁ ସେବନ କରିବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହେବା ସହ ରୋଗ ଦୂରେଇ ରହିଥାଏ। ଜାଣନ୍ତୁ...

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତାନୁଯାୟୀ, ଅମୃତଭଣ୍ଡାରେ ଶକ୍ତିଶାଳୀ ଆଣ୍ଟି-ଅକ୍ସିଡାଣ୍ଟ ରହିଛି। ଏହା ମାନସିକ ଶାନ୍ତି ପ୍ରଦାନ କରିବା ସହ ମସ୍ତିଷ୍କକୁ ସୁସ୍ଥ ରଖିଥାଏ। ଏହାସହ ଭିଟାମିନ ସିରେ ଭରପୁରରେ ଖାଦ୍ୟପଦାର୍ଥ ଲେମ୍ବୁ, ଅଁଳା, କମଳା, ଚେରି ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ। ଏହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ।

ତେଜପତ୍ରରେ ଆଣ୍ଟି-ବ୍ୟାକ୍ଟେରିୟଲ ଗୁଣ ସହ ଏହା ପାଚନ ପାଇଁ ମଧ୍ୟ ଉପକାରୀ। ଏଥିରେ ଥିବା ଏକ ପ୍ରକାର ପୋଷକ ତତ୍ତ୍ୱ ବିଭିନ୍ନ ଯନ୍ତ୍ରଣାକୁ ଦୂର କରିଥାଏ। ଏହି ପତ୍ରକୁ ବ୍ୟବହାର ଦ୍ୱାରା ଥଣ୍ଡା, ଜ୍ୱର, କାଶ ଆଦି ସମସ୍ୟା ଦୂର ହୋଇଥାଏ। ଏହା ଗ୍ୟାଷ୍ଟ୍ରିକ,ପାଚନର ଅନେକ ସମସ୍ୟାକୁ ଦୂର କରିଥାଏ।

ପୁଦିନା ପତ୍ରରେ ବିଭିନ୍ନ ପୋଷକ ତତ୍ତ୍ୱ ଭରପୁର ପରିମାଣରେ ରହିଛି। ପୁଦିନାପତ୍ର ସେବନ ଦ୍ୱାରା ମାଂସପେଶୀ ଓ ପାଚନକୁ ଆରାମ ଅନୁଭବ ହୋଇଥାଏ। ଅଧ୍ୟୟନ ଅନୁଯାୟୀ, ପୁଦିନାପତ୍ରର ନିୟମିତ ସେବନ ଦ୍ୱାରା ବିଭିନ୍ନ ପ୍ରକାର ସଂକ୍ରମଣ, କାଶ ଆଦି ଦୂର ହେବା ସହ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ ପାଚନ ତନ୍ତ୍ରକୁ ସୁସ୍ଥ ରଖିଥାଏ।

ତୁଳସୀ ପତ୍ରରେ ଆଣ୍ଟି-ବ୍ୟାକ୍ଟେରିୟଲ ସହ ଅନ୍ୟ ବହୁ ଗୁଣ ଭରପୁର ମାତ୍ରାରେ ରହିଛି। ଏହା ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ସହ ମୁଣ୍ଡ ବିନ୍ଧା ଦୂର କରିଥାଏ। ଥଣ୍ଡାକୁ ମଧ୍ୟ ଶରୀର ଠାରୁ ଦୂରେଇ ରଖେ।

ଦହି ଅନେକ ରୋଗ ସହ ଲଢେଇ କରିବାରେ ସହାୟକ ହୋଇଥାଏ। ଭିଟାମିନ ଡିର ଏହା ଏକ ଉତ୍ତମ ସ୍ରୋତ। ଏହା ରୋଗ ଠାରୁ ଶରୀରକୁ ଦୂରେଇ ରଖିବାରେ ପ୍ରାକୃତିକ ଭାବେ ସୁରକ୍ଷା ପ୍ରଦାନ କରିଥାଏ।

### ମା’ରାଣ ଦେହକୁ ନେବେନି...

ଆହା କି ସୁନ୍ଦର ବିରୋଧୀଙ୍କ ଦଳ
ରାଜରାସ୍ତାରେ ହୋଇଲେ ମେଳ...
ଦରଦାମ ବୃଦ୍ଧି ପ୍ରତିବାଦ କରି
ଭୁଲିଗଲେ ସେକାଳ ପଖାଳ..
ଫଟାନା ଆଉ କପାଳ...
ପଚାଶ ବରଷ ଶାସନ କାଳରେ
କରିଥେଲ ଦେଶ ଖୋଳ...



- ସମ୍ବିତ ସେନାପତି

## ବୋଉର ରୋଷେଇ ଘର

# ଚୁଡ଼ା ଚିତଉ ପିଠା



**ଆବଶ୍ୟକ ସାମଗ୍ରୀ:** ଅରୁଆ ଚାଉଳ, ଚୁଡ଼ା, ନଡ଼ିଆ, ଲୁଣ, ଛେନା, ଗୁଡ଼, ଗୁଜରାତି ଗୁଣ୍ଡ, ତେଲ

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଅରୁଆ ଚାଉଳକୁ କିଛି ସମୟ ପାଣିରେ ଭିଜାଇ ରଖନ୍ତୁ। ଚୁଡ଼ାକୁ ଧୋଇ ସେଥିରେ ନଡ଼ିଆ କୋରା ପକାଇ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏହାପରେ ଚାଉଳକୁ ଗ୍ରାଇଣ୍ଡିଂ କରି ଏକ ପାତ୍ରରେ ରଖନ୍ତୁ। ଏହି ଦୁଇଟି ଆଣକୁ ଭଲ ଭାବରେ ମିଶାଇ ଦିଅନ୍ତୁ। ସେଥିରେ ସ୍ୱାଦ ଅନୁସାରେ ଲୁଣ ପକାଇ ଗୋଳାଇ ଦିଅନ୍ତୁ। ପୁର ତିଆରି ପାଇଁ ପ୍ରଥମ କରେଇକୁ ଗରମ କରନ୍ତୁ। ପରେ ସେଥିରେ ନଡ଼ିଆ କୋରା ପକାଇ ଭାଜନ୍ତୁ। ସେଥିରେ ଛେନା, ଗୁଡ଼ ଓ ଗୁଜରାତି ଗୁଣ୍ଡ ପକାଇ ଗୋଳାଇ ଦିଅନ୍ତୁ। ଗୁଡ଼ଟି ଛେନା ଓ ନଡ଼ିଆ କୋରା ସହ ମିଶିଗଲେ ତାକୁ ପ୍ଲେଟକୁ କାଢ଼ି ଦିଅନ୍ତୁ। ଏହାପରେ ତାୱାରେ ତେଲ ପକାଇ ଗରମ କରନ୍ତୁ। ପରେ ଚୁଡ଼ା ଆଣକୁ ପକାଇ ଚିତଉ ପରି ଗଢ଼ନ୍ତୁ। ପୂର୍ବରୁ ପ୍ରସ୍ତୁତ କରିଥିବା ପୁରକୁ ତା’ ଉପରେ ପକାଇ ଢାଙ୍କି ଦିଅନ୍ତୁ। ପ୍ଲେଟ ଢାଙ୍କିଥିବା ଅବସ୍ଥାରେ କଡ଼ରେ କିଛି ପାଣି ଦିଅନ୍ତୁ ଯାହା ଚିତଉକୁ ଶିଝିବାରେ ସାହାଯ୍ୟ କରିବ। କିଛି ସମୟ ପରେ ପ୍ଲେଟକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଚୁଡ଼ା ଚିତଉ ପିଠା।

ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର । ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା’ ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି । ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ ।




# ନାନସି ପେଲୋସିଙ୍କ ତାଇୱାନ ଗସ୍ତକୁ ନେଇ ଆମେରିକାକୁ ଚୀନର ନାଲି ଆଖି



**ନୂଆଦିଲ୍ଲୀ(ଏଜେନ୍ସି):** ତାଇୱାନରେ ଆମେରିକାର ବାଚସ୍ପତି ନାନସି ପେଲୋସି ପହଞ୍ଚିବା ପରେ ବିଚଳିତ ହୋଇପଡିଛି ଚାଇନା। ଚୀନର ବିରୋଧ ସତ୍ତ୍ୱେ ତାଇୱାନର ରାଜଧାନୀ ତାଇପେରେ ପହଞ୍ଚିଛନ୍ତି ଆମେରିକୀୟ ସଂସଦର ବାଚସ୍ପତି ନାନସି ପେଲୋସି। ବାୟୁସେନା ଏବଂ ନୌସେନାର ୨୪ଅତ୍ୟାଧୁନିକ ଯୁଦ୍ଧ ବିମାନ ନାନସିଙ୍କ ବିମାନକୁ ଏସ୍କର୍ଟ କରି ରାଜଧାନୀ ପର୍ଯ୍ୟନ୍ତ ନେଇଥିଲେ। ଦୀର୍ଘ ୨୫ବର୍ଷ ଭିତରେ ଆମେରିକାର କୌଣସି ନିର୍ବାଚିତ ଉଚ୍ଚ ପଦାଧିକାରୀ ତାଇୱାନ ଗସ୍ତ କରିଛନ୍ତି।

ଚାଇନା ଧମକ ଦେଇଥିବାରୁ ତାଇୱାନ ଆର୍ମି ନାନସି ପେଲୋସିଙ୍କୁ ସ୍ଥଳ ଭାଗରେ ସବୁ ପ୍ରକାରର ସୁରକ୍ଷା ଯୋଗାଇ ଦେବାର ବ୍ୟବସ୍ଥା କରିଛି। ନାନସି ପହଞ୍ଚିବା ପରେ ତାଙ୍କୁ କଡ଼ା ସୁରକ୍ଷାବଳୟ ମଧ୍ୟରେ ସ୍ୱତନ୍ତ୍ର ମିଟିଂ ସ୍ଥଳକୁ ନିଆଯାଇଛି। ଚାଇନାର ବିପଦକୁ ଦୃଷ୍ଟିରେ ରଖି ଆମେରିକା ମଧ୍ୟ ତାଇୱାନର ପୂର୍ବ ଭାଗରେ ୪ଟି ଯୁଦ୍ଧ ଜାହାଜ ମୁତୟନ କରିଛି। ଏୟାରକ୍ରାଫ୍ଟ ବ୍ୟାରିୟର ମଧ୍ୟ ଆମେରିକା ସେନା ତାଇୱାନ ସୀମାରେ ମହଜୁଦ କରି ରଖିଛି। ଚାଇନା ମଧ୍ୟ ପଛରେ ପଡ଼ିନି। ତାଇୱାନ ସୀମା ନିକଟରେ ବେଜିଂ ପକ୍ଷରୁ ଯୁଦ୍ଧ ଜାହାଜ ଉଡ଼ା ଯାଇଛି। ସେହିପରି ତାଇୱାନ ସୀମାକୁ ଲାଗି ରହିଥିବା ୬ଟି ରିଜନରେ ଚାଇନା ସେନା ଗୁରୁବାର ଠାରୁ ରବିବାର ଯାଏ ମିଲିଟାରୀ ଡ୍ରିଲ କରିବ ବୋଲି ମଧ୍ୟ ଘୋଷଣା କରିଛି। ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇ ଯାଇଛି। ଅନ୍ୟପଟେ ଆମେରିକା ସାଂସଦ ନାନସୀ ପେଲୋସିଙ୍କ ତାଇୱାନ ଗସ୍ତ ଆରମ୍ଭ ହେବା ପରେ ତାହାକୁ ନେଇ ଚୀନ କଡ଼ା ପ୍ରତିକ୍ରିୟା ରଖିଛି। ଚୀନ ପକ୍ଷରୁ ଆମେରିକୀୟ ସାଂସଦଙ୍କ ଗସ୍ତକୁ ନିନ୍ଦା କରି କୁହାଯାଇଛି ଯେ, ଏହାର ପରିଣତି ଆମେରିଆ ଓ ତାଇୱାନ ଭୋଗିବେ। ନିଜର ଅଖଣ୍ଡତା ବଜାୟ ରଖିବାକୁ ଚୀନ ସବୁପ୍ରକାର ପଦକ୍ଷେପ ଗ୍ରହଣ କରିବ। ଏହା ସହିତ ଚୀନ ପକ୍ଷରୁ ତାଇୱାନ ଉପକୂଳରେ ଏକ ବୃହତ ସମରାଭ୍ୟାସ କରିବାକୁ ଘୋଷଣା କରାଯାଇଛି। ତାଇୱାନକୁ ଘେରି ରହିଥିବା ୬ଟି ଅଂଚଳରେ ଏହି ସମରାଭ୍ୟାସ କରାଯିବ। ଏଥିରେ ଚୀନର ନୌସେନା ଓ ବାୟୁସେନା ଯୋଗ ଦେବେ। ଅନ୍ୟପକ୍ଷରେ ତାଇୱାନଉପରେ ଏକ ସୀମିତ ସାମରିକ କାର୍ଯ୍ୟାନୁଷ୍ଠାନ ନେବାକୁ ଚୀନ ପ୍ରସ୍ତୁତ ହେଉଛି। ଅନ୍ୟପକ୍ଷରେ ତାଇୱାନକୁ ସୁରକ୍ଷା ଦେବାକୁ ଆମେରିକା ନିଜ ସାମରିକ ବାହିନୀକୁ ପ୍ରସ୍ତୁତ ରଖିଛି। ପେଲୋସିଙ୍କ ଗସ୍ତକୁ ଏକ ବିବାଦ ରୂପ ନଦେବାକୁ ଆମେରିକା ପୂର୍ବରୁ ଚୀନକୁ ଚେତାବନୀ ଶୁଣାଇସାରିଛି। ଚୀନ ଲଗାତାର ନାନସି ପେଲୋସିଙ୍କ ତାଇୱାନ ଗସ୍ତକୁ ବିରୋଧ କରିଆସୁଥିଲା। ଚୀନ କହିଛି ଆମେରିକା ତାଇୱାନର ବିଚ୍ଛିନତାବାଦକୁ ସମର୍ଥନ କରି ଆମେରିକା ଚୀନ ସହ ସମ୍ପର୍କ ଖରାପ କରିଛି। ନାନସି ପେଲୋସି ତାଇୱାନରେ ପହଞ୍ଚିବା କ୍ଷଣି ଚୀନରେ ଆଲର୍ଟ ଦେଖାଯାଇଥିଲା। ସିଭିଲ ଡିଫେନ୍ସର ଆଲାରାମ ବାଜିଛି। ନାନସି ତାଇୱାନରେ ପହଞ୍ଚିବା ପରେ କହିଛନ୍ତି, ଆମେ କେବଳ ତାଇୱାନ ଗଣତନ୍ତ୍ରକୁ ସମର୍ଥନ କରୁଛୁ। କେହି ଯଦି ତାଇୱାନ ଉପରେ ଆକ୍ରମଣ କରେ ତେବେ ଆମେରିକା ବିରୋଧରେ ବାହାରିବ। ସୂଚନା ଥାଉକି, ଚୀନ ଏବଂ ତାଇୱାନ ମଧ୍ୟରେ ଯୁଦ୍ଧ ବହୁତ ପୁରୁଣା। ୧୯୪୯ରେ କମ୍ୟୁନିଷ୍ଟ ପାର୍ଟି ସିଭିଲ ଯୁଦ୍ଧ ଜିତିଥିଲା। ସେବେଠୁ ଦୁଇ ପ୍ରାନ୍ତ ନିଜେ ନିଜକୁ ଏକ ଦେଶ ବୋଲି ମାନି ଆସୁଛନ୍ତି। ହେଲେ ରାଷ୍ଟ୍ରୀୟ ନେତୃତ୍ୱ କେଉଁ ସରକାର କରିବ ତାକୁ ନେଇ ବିବାଦ ଜାରି ରହିଛି। ତାଇୱାନକୁ ଚାଇନା ସବୁବେଳେ ନିଜର କହି ଆସୁଛି। ହେଲେ ଏହାକୁ ସେଠାକାର ଲୋକ ଗ୍ରହଣ କରୁ ନାହାନ୍ତି ଓ ଚାଇନା ବିରୋଧରେ ବିକ୍ଷୋଭ କରୁଛନ୍ତି। ତାଇୱାନ ନିଜେ ସ୍ୱାଧୀନ ଦେଶ ବୋଲି କହୁଛି। ଦୁଇ ଦେଶ ମଧ୍ୟରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠୁ ବିବାଦ ଲାଗି ରହିଛି। ଚୀନ ମଧ୍ୟ ତାଇୱାନ ଉପରେ ଆକ୍ରମଣ କରି ନିଜ ଅକ୍ତିଆରକୁ ଆଣିବା ପାଇଁ ପ୍ରସ୍ତୁତି କରି ସାରିଛି। ହେଲେ ଏପଟେ ବିଶ୍ୱର ସବୁଠୁ ଶକ୍ତିଶାଳୀ ଦେଶ ତାଇୱାନର ସମର୍ଥନରେ ବାହାରି ଚୀନକୁ ବ୍ୟାକଫୁଟକୁ ପଠାଇ ଦେଇଛି। ଏପରି ସ୍ଥିତିରେ ଆଗାମୀ ଦିନରେ ଯୁଦ୍ଧ ହେବ କି ନାହିଁ ତା ଉପରେ ସମସ୍ତଙ୍କ ନଜର ରହିଛି।

# ୫ ବର୍ଷରେ ୬୫ ହଜାର ନିଖୋଜଙ୍କୁ ଉଦ୍ଧାର କରିଛି ଆରପିଏଫ୍

**ନୂଆଦିଲ୍ଲୀ(ଏଜେନ୍ସି):** ୨୦୧୭ ରୁ ୨୦୨୧ ମଧ୍ୟରେ ୬୫ହଜାରରୁ ଅଧିକ ନାବାଳକ, ନାବାଳିକା, ମହିଳା ଓ ପୁରୁଷଙ୍କୁ ଆରପିଏଫ୍ ଉଦ୍ଧାର କରିବା ବ୍ୟତୀତ ୨୧୭୮ ଜଣଙ୍କୁ ମାନବ ଚାଲାଣକାରୀଙ୍କ କବଳରୁ ଉଦ୍ଧାର କରିଛି। ଷ୍ଟେସନ ଏବଂ ଟ୍ରେନରେ ଆରପିଏଫ୍ ଏହାର ରଣନୀତିକ ସ୍ଥିତିକୁ ବୃଦ୍ଧି କରିବା ପାଇଁ ଏହାର ପ୍ୟାନ୍ ଇଣ୍ଡିଆ ପହଞ୍ଚ ଏବଂ ପୋଲିସ୍ ତଥା ଅନ୍ୟାନ୍ୟ ସୁରକ୍ଷା ଓ ନିରାପତ୍ତା ସଂସ୍ଥାର ଆଣ୍ଟି ହ୍ୟୁମାନ୍ ଟ୍ରାଫିକ୍ ୟୁନିଟ୍ (ଏଏଚଟିୟୁ) ର ପ୍ରୟାସକୁ ଖୋରାକ ଯୋଗାଇବା ପାଇଁ ନିକଟରେ ଆରପିଏଫ୍ ମାନବ ଚାଲାଣ ବିରୋଧରେ ଏକ ଅପରେସନ୍ ଆହାଟ (ଏଏଏଚଟି) କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହି ପଦକ୍ଷେପର ଏକ ଅଂଶ ଭାବରେ ଆରପିଏଫ୍ ନିକଟରେ ସାରା ଦେଶରେ ୭୫୦ ମାନବ ଚାଲାଣ ବିରୋଧୀ ୟୁନିଟ୍ ଗଠନ କରିଛି ଯାହା ପୋଲିସ୍, ଥାନା, ଜିଲ୍ଲା ତଥା ରାଜ୍ୟ ସ୍ତରରେ କାର୍ଯ୍ୟ କରୁଥିବା ମାନବ ଚାଲାଣ ବିରୋଧୀ ୟୁନିଟ୍, ଇଣ୍ଟେଲିଜେନ୍ସ ୟୁନିଟ୍, ଏନଜିଓ ଏବଂ ଅନ୍ୟାନ୍ୟ ହିତାଧିକାରୀଙ୍କ ସହ ସମନ୍ୱୟ ରକ୍ଷା କରିବ। ରେଳ ମାଧ୍ୟମରେ ମାନବ ଚାଲାଣ ଉପରେ ପ୍ରଭାବଶାଳୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ପୂର୍ବ ତଟ ରେଳପଥ ପରିସୀମା ମଧ୍ୟରୁ ଆରପିଏଫ୍ ୧୪୦ ନାବାଳକ ଏବଂ ୨୯ ନାବାଳିକାଙ୍କ ସମେତ ୧୬୯ ନାବାଳକଓ ନାବାଳିକାଙ୍କୁ ଉଦ୍ଧାର କରିଛି।

# ଡକ୍ଟର ଅରୁନ୍ଧତୀ ଦେବୀଙ୍କୁ ବୀର ବାଜି ରାଉତ ସମ୍ମାନ-୨୦୨୨

**ନୂଆଦିଲ୍ଲୀ(ଏଜେନ୍ସି):** ବିଶିଷ୍ଟ ସମାଜସେବୀ ଏବଂ ଶୋଭାନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଡଃ ଅରୁନ୍ଧତୀ ଦେବୀଙ୍କୁ ଚଳିତ ବର୍ଷର ବୀର ବାଜି ରାଉତ ସମ୍ମାନ ପ୍ରଦାନ କରାଯାଇଛି। ସମାଜର ସବୁକ୍ଷେତ୍ରରୁ ଅଶୋଭନୀୟତାର ଦୂରୀକରଣ ଏବଂ ଜନକଲ୍ୟାଣ ନେଇ ତାଙ୍କର ଜୀବନତମାମ ଅବଦାନ ସକାଶେ ଡଃ ଦେବୀଙ୍କୁ ଏହି ସମ୍ମାନନୀୟ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ କରାଯାଇଥିବା ଜଣାଯାଇଛି। ଉତ୍କଳ ଭାରତୀ ପତ୍ରିକା ତରଫରୁ ଜାତୀୟସ୍ତରରେ ପ୍ରତିଷ୍ଠିତ ଏହି ସମ୍ମାନ, ବାଜିରାଉତଙ୍କର ସ୍ମୃତିରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ମୁକ୍ତ ଶିକ୍ଷା ବିଦ୍ୟାଳୟ ଠାରେ ଆୟୋଜିତ ଜାତୀୟ ଆଲୋଚନା ଚକ୍ର ଅବସରରେ ଡଃ ଦେବୀଙ୍କୁ ପ୍ରଦାନ କରାଯାଇଛି। 'ଜାତୀୟ ଶିକ୍ଷା ନୀତି ୨୦୨୦ : ଭାରତର ସର୍ବ କନିଷ୍ଠ ଶହୀଦ ବାଜି ରାଉତଙ୍କ ସମ୍ପର୍କରେ ଏକ ଶୈକ୍ଷିକ ଅନୁଶୀଳନ' ଶୀର୍ଷକ ଏହି ବିଚାରଗୋଷ୍ଠୀରେ ଦେଶର ବହୁ ଲବ୍ଧପ୍ରତିଷ୍ଠ ଶିକ୍ଷାବିତ୍, ବୁଦ୍ଧିଜୀବି, ଛାତ୍ର



ଛାତ୍ରୀ ଏବଂ ପ୍ରବାସୀ ଓଡ଼ିଆ ସମ୍ପ୍ରଦାୟର ନେତୃବୃନ୍ଦ ଯୋଗ ଦେଇଥିଲେ। ସମାବେଶକୁ ସମ୍ବୋଧନ କରି ଡଃ ଅରୁନ୍ଧତୀ ଦେବୀ, ବାର ବର୍ଷର ବାଳୁତ ବାଜି ରାଉତଙ୍କର ମହାନ ବଳିଦାନ ପ୍ରକୃତ ଦେଶପ୍ରେମ, ପ୍ରଗାଢ଼ ଦେଶଭକ୍ତି ଏବଂ ପ୍ରଶସ୍ତ ଦେଶସେବାର ନିଦର୍ଶନ ଥିଲା ବୋଲି ଉଲ୍ଲେଖ କରିଥିଲେ। ବାଜିଙ୍କର ଦେଶମାତୃକା ପାଇଁ ଚରମ ତ୍ୟାଗ, ଆମର ଯୁବପିଢିଙ୍କୁ ଯୁଗ ଯୁଗ ଧରି ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହେବାକୁ ପ୍ରେରିତ ଓ ଉତ୍ସାହିତ କରୁଥିବ ବୋଲି ଡଃ ଦେବୀ ପ୍ରକାଶ କରିଥିଲେ। ସଭାରେ ଉଦବୋଧନ ଦେଇ ସମ୍ମାନିତ ଅତିଥି, ୱାର୍ଲଡ ଓଡ଼ିଶା ସୋସାଇଟିର ଅଧକ୍ଷ କିଶୋର ଦ୍ୱିବେଦୀ, ପ୍ରଦେଶ ରାଜଧାନୀ ଭୁବନେଶ୍ୱର ଏବଂ ଜାତୀୟ ରାଜଧାନୀ ଦିଲ୍ଲୀ ଠାରେ ବାଜି ରାଉତଙ୍କର ଭବ୍ୟ ସ୍ମାରକ ନିର୍ମାଣ କରାଯିବାକୁ ନିବେଦନ କରିଥିଲେ। ସମ୍ମାନିତ ବକ୍ତା ପ୍ରଫେସର ଡି.କେ ଗିରି ସମାଜରୁ ଦ୍ୱନ୍ଦ ଓ ଦ୍ୱିବିଧାର ଦୂରୀକରଣ ନେଇ ଦୃଢ଼ ଯୁକ୍ତି ଉପସ୍ଥାପନ କରିଥିଲେ। ଆଲୋଚନା ଚକ୍ରର ଅଧକ୍ଷ ପ୍ରଫେସର ଜନ୍ମେଜୟ ଖୁଣ୍ଟିଆ, ବାଜି ରାଉତଙ୍କର ବାଳିଦାନକୁ ଇତିହାସରେ ଲିପିବଦ୍ଧ କରାଯିବା ଉଦ୍ଦେଶ୍ୟରେ ସରକାରଙ୍କୁ ପ୍ରସ୍ତାବ ଦେବାକୁ ପରାମର୍ଶ ଦେଇଥିଲେ। ବରେଣ୍ୟ ଅତିଥି ରାକେଶ ପାଣ୍ଡେ ଭାରତରେ ପ୍ରଚଳିତ ଧାର୍ମିକ ଗଣତନ୍ତ୍ରର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ସହ ଆବାହକ ଡକ୍ଟର ଶିବନାଥ ମିଶ୍ର ବାଜି ରାଉତଙ୍କର ନାମରେ ଏକ ପାର୍କକୁ ନାମିତ କରିବାକୁ ମତପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଆଇନଜୀବୀ ଅନିତା ମହାପାତ୍ର ବାଜି ରାଉତଙ୍କର ଜୀବନ ଓ ଦର୍ଶନକୁ ବ୍ୟାପକ ଭାବେ ପ୍ରଚାର ଓ ପ୍ରସାର କରାଯିବା ଉପରେ ଜୋର ଦେଇଥିଲେ। ପ୍ରବାସୀ ଓଡ଼ିଆ ବିକାଶ ସମିତିର ସଭାପତି ସୂର୍ଯ୍ୟ ନାରାୟଣ ମିଶ୍ର, ସଚ୍ଚା ଜାତୀୟତା ଓ ସମର୍ପିତ ରାଷ୍ଟ୍ରପ୍ରେମ ଦ୍ୱାରା ଯୁବ ସମାଜ ଉଦବୁଦ୍ଧ ହେବାକୁ ଆହ୍ୱାନ ଜଣାଇଥିଲେ। ଯୁବ ପ୍ରାଧ୍ୟାପକ କମଳାକାନ୍ତ ରାଉଳ ଦେଶର ଇତିହାସକୁ ସଂଶୋଧନ କରାଯାଇ ଏଥିରେ ବାଜିରାଉତଙ୍କର ଜୀବନୀକୁ ସନ୍ନିବେଶିତ କରିବାକୁ ଦାବି କରିଥଲେ। ଅନ୍ୟମାନଙ୍କ ମଧ୍ୟରେ ନେହା ଆଲ୍‌ହାବାଦୀ, ପୁଷ୍ପାଞ୍ଜଳି ବାରିକ, ଅର୍ଚ୍ଚନା ପରିଡ଼ା, ଅନିଶ ପୂଜାପଣ୍ଡା, ଧର୍ମିତା ତଲୱାର, ଅଙ୍କିତ କୁମାର ଓ ଇନ୍ଦରଜିତ୍ ସୁକୁମାର ପ୍ରମୁଖ ବଜିରାଉତଙ୍କୁ ଭବ୍ୟ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ।

# କେମିକାଲ ପ୍ଲାଣ୍ଟରୁ ହଠାତ୍ ଲିକ୍ ହେଲା ବିଷାକ୍ତ ଗ୍ୟାସ: ୬୮ ଗୁରୁତର, ମୁଖ୍ୟମନ୍ତ୍ରୀ ଦେଲେ ତଦନ୍ତ ନିର୍ଦ୍ଦେଶ

**ବିଶାଖାପାଟଣା (ଏଜେନ୍ସି):** ବିଶାଖାପାଟଣା ନିକଟ ଅନାକପଲ୍ଲୀରେ ଏକ ପୋଷାକ ଉତ୍ପାଦନ କାରଖାନାରେ ବିଷାକ୍ତ ଗ୍ୟାସ୍ ଲିକ୍ ହୋଇ ୬୮ଜଣ ଗୁରୁତର ହୋଇଛନ୍ତି। ଯେଉଁଥିରେ ୫୦ରୁ ଅଧିକ ମହିଳା ଅସୁସ୍ଥ ଥିବା ଜଣାପଡିଛି। ସମସ୍ତଙ୍କୁ ଉଦ୍ଧାର କରି ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି। ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ଖବର ଅନୁଯାୟୀ, ବିଳମ୍ବିତ ରାତିରେ ବିଶାଖାପାଟଣା ସ୍ପେଶାଲ୍ ଇକୋନୋମିକ୍ ଜୋନରେ ଥିବା କାରଖାନାରେ ଗ୍ୟାସ୍ ଲିକ୍ ହୋଇଥିବା ସୂଚନା ମିଳିଥିଲା। ଏହାପରେ ତୁରନ୍ତ ଅଗ୍ନିଶମ ବାହିନୀ ଓ ଉଦ୍ଧାରକାରୀ ଦଳକୁ ଖବର ଦିଆ ଯାଇଥିଲା। କିନ୍ତୁ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ କାରଖାନାରେ କାମ କରୁଥିବା ପ୍ରାୟ ମହିଳା ଗୁରୁତର ହୋଇଥିଲେ। କାରଖାନାରୁ ଏହି ବିଷାକ୍ତ ଗ୍ୟାସ୍ ଲିକ୍ ଲାଗି ୫୦ରୁ ଅଧିକ ମହିଳା ଗୁରୁତର ହୋଇଛନ୍ତି। ତୁରନ୍ତ ସେମାନଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ କେତେକଙ୍କ ଅବସ୍ଥା ଗୁରୁତର ଥିବାରୁ ଅନ୍ୟ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଅନାକପଲ୍ଲୀର ଏସପିଙ୍କ ସୂଚନା ଅନୁଯାୟୀ, ଘଟଣାଟି ସନ୍ଧ୍ୟା ୬.୧୫ରୁ ୭ ମଧ୍ୟରେ ଘଟିଛି। ଅପରାହ୍ଣ ୨ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ କାରଖାନାରେ ଚାଲିଥିବା ଦ୍ୱିତୀୟ ସିଫ୍ଟରେ ପ୍ରାୟ ୧୦୦୦ଜଣ କର୍ମଚାରୀ କାର୍ଯ୍ୟ କରୁଥିଲେ। ପ୍ରାୟ ୫୦ଜଣ ମହିଳା କର୍ମଚାରୀ ଅସୁସ୍ଥତା ଅନୁଭବ କରୁଥିବା କଥା ଜଣାଇଥିଲେ। ଗ୍ୟାସ୍ ଲିକ୍ ଯୋଗୁ ୬୮ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅମୋନିଆ ଗ୍ୟାସ୍ ଲିକ୍ ହେବାରୁ ଏପରି ଘଟଣା ଘଟିଥିବା ତଦନ୍ତକାରୀ ଅଧିକାରୀ ଆଶଙ୍କା ବ୍ୟକ୍ତ କରୁଛନ୍ତି। ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ କେମିକାଲ୍ସ ଟେକନୋଲଜିର ବିଶେଷଜ୍ଞ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରି ବିଷାକ୍ତ ଗ୍ୟାସକୁ ଟେଷ୍ଟିଂ ପାଇଁ ଲ୍ୟାବକୁ ପଠାଇଛନ୍ତି। ଏହି ଘଟଣା ପରେ ରାଜ୍ୟ ପ୍ରଦୂଷଣ ବୋର୍ଡ କମ୍ପାନୀକୁ ତୁରନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛି। ଏଠାରେ ଗତ ୪ ମାସରେ ଏହା ତୃତୀୟ ଗ୍ୟାସ୍ ଘଟଣା ବୋଲି କୁହଯାଉଛି। ଏପରି ସମାନ ଘଟଣା ଗତ ଜୁନ୍ ୩ ତାରିଖରେ ବି ଘଟିଥିଲା, ଯେଉଁଥିରେ ମହିଳାମାନେ ଆଖି ପୋଡ଼ିବା ସହ ବାନ୍ତି ହେଉଥିବା ଅଭିଯୋଗ କରିଥିଲେ।

## ଆଇନ ଅଦାଲତ

# ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ହାଇକୋର୍ଟରୁ ମିଳିଲା ଅନ୍ତରୀଣ ସୁରକ୍ଷା



**କଟକ(ଏନ୍.ଏମ୍.):** ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ହାଇକୋର୍ଟରୁ ଅନ୍ତରୀଣ ସୁରକ୍ଷା ମିଳିଛି। ବର୍ଷା ତାଙ୍କ ସ୍ୱାମୀ ଅନୁଭବ ମହାନ୍ତିଙ୍କ ସହଯୋଗୀ ସୁଜିତ ଦଳାଇଙ୍କ ବିରୋଧରେ ଜାତିଆଣ ମନ୍ତବ୍ୟ ଦେଇଥିବା ମାମଲାରେ ଦିଲ୍ଲୀ ପୁଲିସ୍ ନୋଟିସ୍ ଜାରି କରିଥିଲା। ଏହାକୁ ନେଇ ପରେ ବର୍ଷା ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ବର୍ଷାଙ୍କ ସହିତ ତାଙ୍କ ମା ଓ ଝିଆରୀ ମଧ୍ୟ ଆଗୁଆ ଜମିନ ପାଇଁ ଆବେଦନ କରିଥିଲେ। ଆଜି ହାଇକୋର୍ଟ ମାମଲାର ଶୁଣାଣି କରି ବର୍ଷା ଓ ଅନ୍ୟ ଦୁଇ ଜଣଙ୍କୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଦିଲ୍ଲୀ ପୁଲିସ ଏସ୍.ସି ଓ ଏସ୍.ଟି ଆଇନ୍ ଅନୁଯାୟୀ ମାମଲା ରୁଜୁ କରିଥିଲା। ଗତ ୨୫ ତାରିଖରେ ଦିଲ୍ଲୀ ପୁଲିସର ଏକ ଟିମ୍ ପୁରୀଘାଟ ଥାନାରେ ପହଞ୍ଚି ସ୍ଥାନୀୟ ପୁଲିସ ଜରିଆରେ ବର୍ଷାଙ୍କୁ ଏକ ନୋଟିସ୍ ଜାରି କରିଥିଲା। ଏବେ କୋର୍ଟରେ ଅନୁଭବ ଓ ବର୍ଷା ପ୍ରିୟଦର୍ଶନୀଙ୍କ ବିବାହ ବିଚ୍ଛେଦ ମାମଲା ଚାଲିଛି।

# ମାଗଣା ଯୋଜନାରେ ଲାଗିବ ରୋକ୍ ! କମିଟି ଗଠନ ସପକ୍ଷରେ ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ(ଏଜେନ୍ସି):** ନିର୍ବାଚନ ପୂର୍ବରୁ ରାବଡି ପ୍ରଥା ବା ମାଗଣା ଯୋଜନା ଉପରେ ଲାଗିବ ରୋକ୍। ଏହି ପ୍ରଥାକୁ ବନ୍ଦ କରିବା ପାଇଁ ସୁପ୍ରିମକୋର୍ଟ କଡା ଅଭିମୁଖ୍ୟ ଗ୍ରହଣ କରିଛନ୍ତି। ନିର୍ବାଚନ ଆସିଲେ ସବୁ ନେତା ମନ୍ତ୍ରୀ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ପୁଳା ପୁଳା ମାଗଣା ପ୍ରତିଶ୍ରୁତି ଦିଅନ୍ତି। ଏହାକୁ ସାଧାରଣ ଭାଷାରେ 'ରାବଡି ପ୍ରଥା' କୁହାଯାଏ। ତେବେ ଏହି ପ୍ରଥାକୁ କିଭଳି ନିୟନ୍ତ୍ରଣ କରାଯାଇ ପାରିବ ଓ ଏହା ଉପରେ କିଭଳି ରୋକ୍ ଲଗାଯାଇପାରିବ ସେ ନେଇ କେନ୍ଦ୍ର ସରକାରଙ୍କଠୁ ପରାମର୍ଶ ଲୋଡିଛନ୍ତି ସର୍ବୋଚ୍ଚ ଅଦାଲତ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ନିର୍ବାଚନ କମିଶନ ଓ ସରକାର ଏଥିରୁ ହାତ ଝାଡି ପାରିବେ ନାହିଁ। ସେମାନେ କିଛି କରିପାରିବେ ନାହିଁ ବୋଲି ମଧ୍ୟ କହିପାରିବେ ନାହିଁ। ସରକାର ଓ ନିର୍ବାଚନ ଆୟୋଗ ମିଶି ଏହି ମାଗଣା ଯୋଜନା ଉପରେ ରୋକ ଲଗାଇବା ପାଇଁ ବିଚାର କରନ୍ତୁ। ଏଥିପାଇଁ ଏକ କମିଟି ଗଠନ କରାଯିବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏହି କମିଟିରେ ନୀତି ଆୟୋଗ, ଅର୍ଥ କମିଶନ୍, ଶାସକ ଓ ବିରୋଧୀ ଦଳ, ରିଜର୍ଭ ବ୍ୟାଙ୍କ୍ ଏବଂ ନିର୍ବାଚନରେ ସାମିଲ ହେଉଥିବା ଅନ୍ୟାନ୍ୟ ପ୍ରତିଷ୍ଠାନଗୁଡ଼ିକର ସଦସ୍ୟମାନଙ୍କୁ ଅନ୍ତର୍ଭୁକ୍ତ କରାଯାଉ ବୋଲି ମଧ୍ୟ ସର୍ବୋଚ୍ଚ ଅଦାଲତ ପରାମର୍ଶ ଦେଇଛନ୍ତି। ନିର୍ବାଚନ ସମୟରେ ରାଜନୈତିକ ଦଳମାନେ ବିଭିନ୍ନ ସାମଗ୍ରୀ ମାଗଣାରେ ଦେବେ ବୋଲି ଦେଉଥିବା ପ୍ରତିଶ୍ରୁତିକୁ ବିରୋଧ କରି ଆବେଦନ ହୋଇଥିବା ପିଟିସନ୍ର ଶୁଣାଣି ବେଳେ କୋର୍ଟ ଏହା କହିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ୍ ଏନ୍.ଭି. ରମନ୍ନାଙ୍କ ନେତୃତ୍ୱାଧୀନ ୩ ଜଣିଆ ଖଣ୍ଡପୀଠ କହିଛନ୍ତି, ମାଗଣା ସାମଗ୍ରୀ ଯୋଗାଣ ଅର୍ଥନୀତି ଉପରେ ପ୍ରଭାବ ପକାଉଥିବାରୁ ଉକ୍ତ କମିଟି ଏହାର ସପକ୍ଷ ଓ ବିପକ୍ଷରେ ମତ ଉପସ୍ଥାପନ କରିବା ଆବଶ୍ୟକ। ମାଗଣା ସାମଗ୍ରୀ ବଣ୍ଟନକୁ କିଭଳି ନିୟନ୍ତ୍ରଣ କରାଯାଇ ପାରିବ ତାହା ପ୍ରସ୍ତାବିତ କମିଟି ପରୀକ୍ଷାନିରୀକ୍ଷା କରି କେନ୍ଦ୍ର ସରକାର, ନିର୍ବାଚନ କମିଶନ ଏବଂ ସୁପ୍ରିମ୍ କୋର୍ଟଙ୍କୁ ରିପୋର୍ଟ ଦେବେ। ବିଶେଷଜ୍ଞ କମିଟି ଗଠନ ସଂକ୍ରାନ୍ତରେ ୭ ଦିନ ମଧ୍ୟରେ ପ୍ରସ୍ତାବ ଦାଖଲ କରିବା ଲାଗି କେନ୍ଦ୍ର ସରକାର, ନିର୍ବାଚନ କମିଶନ ଏବଂ ଆବେଦନକାରୀ ଓକିଲଙ୍କୁ ସର୍ବୋଚ୍ଚ ଅଦାଲତ କହିଛନ୍ତି। ନିର୍ବାଚନ କମିଶନଙ୍କ ନିଷ୍କ୍ରିୟତା ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଛି। ଏହି ମାଗଣା ଯୋଜନା ସିଧାସଳଖ ଦେଶର ଅର୍ଥବ୍ୟବସ୍ଥା ଉପରେ ପ୍ରଭାବ ପକାଉଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏହାର ଉତ୍ତରରେ ନିର୍ବାଚନ କମିଶନ କୋର୍ଟଙ୍କୁ ଦୋଷ ଦେଇଛନ୍ତି। ମାଗଣା ଯୋଜନାରେ କୋର୍ଟ ଦେଇଥିବା ରାୟ ଯୋଗୁ ଆମ ହାତ ବନ୍ଧା ହୋଇ ରହିଛି। ଏକଥା ଶୁଣି ତିନି ଜଣିଆ ଖଣ୍ଡପୀଠ କହିଛନ୍ତି, 'ଯଦି ଦରକାର ପଡେ ଆମେ ରାୟରେ ପରିବର୍ତ୍ତନ କରିବାକୁ ରାଜି।' ଆସନ୍ତା ଅଗଷ୍ଟ ୧୧ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।

## ପଞ୍ଚାୟତ ନିର୍ବାଚନରେ ହାରିଥିବା ପ୍ରାର୍ଥୀଙ୍କୁ ବିଜୟୀ ଘୋଷଣା କଲେ କଲେକ୍ଟର

# ବିଚାରପତି କହିଲେ ସେ କଲେକ୍ଟର୍ ହେବାକୁ ଯୋଗ୍ୟ ନୁହନ୍ତି

**ଭୋପାଳ(ଏଜେନ୍ସି):** ପଞ୍ଚାୟତ ନିର୍ବାଚନରେ ହାରିଯାଇଥିବା ପ୍ରାର୍ଥୀଙ୍କୁ ବିଜୟୀ ଘୋଷଣା କରିଥିବା ଜଣେ ବରିଷ୍ଠ ଆଇ.ଏ.ଏସ୍. ଅଧିକାରୀଙ୍କୁ ମଧ୍ୟପ୍ରଦେଶ ହାଇକୋର୍ଟର ଜଣେ ବିଚାରପତି ବୁଧବାର ଦିନ ଭର୍ତ୍ସନା କରିବା ସହ ସେ ପଦବୀର ରହିବାକୁ ଯୋଗ୍ୟ ନୁହନ୍ତି କହି ତାଙ୍କୁ ବହିଷ୍କାର କରାଯିବା ଉଚିତ ବୋଲି କହିଛନ୍ତି।



ପ୍ରାପ୍ତ ସୂଚନା ଅନୁସାରେ, ଗତମାସରେ ଗୁନ୍ନୋର ଜନପଦ ପଞ୍ଚାୟତରେ ଅନୁଷ୍ଠିତ ଉପସଭାପତି ନିର୍ବାଚନରେ ପରାଜିତ ପ୍ରାର୍ଥୀଙ୍କୁ ବିଜେତା ଘୋଷାଣା କରାଯିବା ମାମଲାର ରାୟ ଶୁଣାଇ ବିଚାରପତି ବିବେକ ଅଗ୍ରୱାଲ୍ କହିଛନ୍ତି, ସେ ଜଣେ ରାଜନୈତିକ ଏଜେଣ୍ଟ୍ ଭାବେ କାର୍ଯ୍ୟ କରୁଛନ୍ତି। ସେ କଲେକ୍ଟର୍ ହେବାକୁ ଯୋଗ୍ୟ ନୁହନ୍ତି। ତଣ୍ଟେ, ତାଙ୍କୁ କଲେକ୍ଟର୍ ପଦରୁ ହଟାଇ ଦିଆଯିବା ଉଚିତ। ମାମଲାର ଶୁଣାଣି ବେଳେ ବିଚାରପତି ବିବେକ ଅଗ୍ରୱାଲ୍ ପନ୍ନା ଜିଲ୍ଲାପାଳ ସଞ୍ଜୟ ମିଶ୍ରାଙ୍କୁ ତୀବ୍ର ଭର୍ତ୍ସନା କରି କହିଲେ ଯେ, ଅଧିକାରୀଙ୍କର ଭଲମନ୍ଦ ବିଚାରଧାରା ପ୍ରତି ଭ୍ରୂକ୍ଷେପ ନାହିଁ। ତେଣୁ, ତାଙ୍କୁ ଜିଲ୍ଲାପାଳ ପଦବୀରୁ ହଟାଇ ଦିଆଯାଉ। ସୂଚନାଯୋଗ୍ୟ, ୨୫ ସଦସ୍ୟବିଶିଷ୍ଟ ଗୁନ୍ନୋର ଜନପଦ ପଞ୍ଚାୟତ ଜୁଲାଇ ୨୭ ତାରିଖ ଦିନ ସଭାପତି ଓ ଉପସଭାପତି ପଦବୀ ପାଇଁ ନିର୍ବାଚନ କରାଇଥିଲା। ଉପସଭାପତି ନିର୍ବାଚନରେ କଂଗ୍ରେସ ସମର୍ଥୀତ ପ୍ରାର୍ଥୀ ପରମାନନ୍ଦ ଶର୍ମା ୨୫ଖଣ୍ଡ ଭୋଟରୁ ୧୩ଖଣ୍ଡ ଭୋଟ୍ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଶାସକ ବିଜେପି ସମର୍ଥୀତ ପ୍ରାର୍ଥୀ ରାମଶିରୋମଣି ମିଶ୍ରାଙ୍କୁ ପରାସ୍ତ କରିଥିଲେ। ସେହି ଦିନ ପ୍ରିଜାଇଡିଙ୍ଗ୍ ଅଫିସର ପରମାନନ୍ଦ ଶର୍ମା ବିଜୟୀ ପ୍ରାର୍ଥୀଙ୍କୁ ନିର୍ବାଚନ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ। ସେହି ଦିନ ହିଁ ପରାଜିତ ପ୍ରାର୍ଥୀ ରାମଶିରୋମଣି ମିଶ୍ରା ନିର୍ବାଚନ ଫଳାଫଳକୁ ଚାଲେଞ୍ଜ୍ କରି ପନ୍ନା ଜିଲ୍ଲାପାଳଙ୍କ ନିକଟରେ ନିର୍ବାଚନ ପିଟିସନ୍ ଫାଇଲ୍ କରିଥିଲେ। ବିଜୟୀ ପରମାନନ୍ଦ ଶର୍ମା ଅଭିଯୋଗ କରିଥିଲେ ଯେ, ଜିଲ୍ଲାପାଳ ସଞ୍ଜୟ ମିଶ୍ରା ତାଙ୍କ କଥା ନ ଶୁଣି ନିର୍ବାଚନ ଫଳାଫଳକୁ ରଦ୍ଦ କରିଦେଇଥିଲେ। ତା'ପର ଦିନ ଜିଲ୍ଲାପାଳ ଲଟେରି ମାଧ୍ୟମରେ ଆଉ ଥରେ ନିର୍ବାଚନ କରାଇ ହାରିଯାଇଥିବା ପ୍ରାର୍ଥୀ ରାମଶିରୋମଣି ମିଶ୍ରାଙ୍କୁ ବିଜୟୀ ଘୋଷଣା କରିଥିଲେ।

## ବହୁଚର୍ଚ୍ଚିତ କାଷ୍ଟିଂ କାଉଚ୍ ମାମଲା

# ନିର୍ଦ୍ଦୋଷରେ ଖଲାସ ହେଲେ ଅଭିନେତା ପପୁ ପମପମ୍

**ଭୁବନେଶ୍ୱର(ଏନ୍.ଏମ୍.):** ଭୁବନେଶ୍ୱରର ବହୁଚର୍ଚ୍ଚିତ କାଷ୍ଟିଂ କାଉଚ୍ ମାମଲାରେ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି ଅଭିନେତା ପପୁ ପମପମ୍ ଓ ତାଙ୍କର ସହଯୋଗୀ ଗିଟୁ। ପୋକ୍ସୋ କୋର୍ଟ ଉଭୟଙ୍କୁ କ୍ଲିନଚିଟ୍ ଦେଇଛନ୍ତି। ଜଣେ ନାବାଳିକାଙ୍କୁ ଚଳଚ୍ଚିତ୍ରରେ ଅଭିନୟ କରିବାର ସୁଯୋଗ ଦେବା ବାହାନାରେ ଓଡ଼ିଆ ଫିଲ୍ମ ଜଗତର ଚର୍ଚ୍ଚିତ ହାସ୍ୟ କଳାକାର ତତ୍ତ୍ୱପ୍ରକାଶ ଶତପଥୀ ଓରଫ ପପୁ ପମୁପମ୍ ଅସଦାଚରଣ କରିବା ଅଭିଯୋଗ ହୋଇଥିଲା। ଏନେଇ ପପୁ ପମପମ ଓରଫ ତତ୍ତ୍ୱ ପ୍ରକାଶ ଶତପଥୀଙ୍କ ନାମରେ ଗତ ୨୦୧୬ ମସିହା ଜୁନ୍ ୨୫ରେ ଭୁବନେଶ୍ୱର ମହିଳା ଥାନାରେ ମାମଲା ରୁଜୁ ହୋଇଥିଲା। ସୂଚନାଯୋଗ୍ୟ ଯେ, ଜୁଲାଇ ୧ ତାରିଖରେ ପୋକ୍ସୋ କୋର୍ଟରେ ପପୁଙ୍କ ବିରୋଧରେ ଚାର୍ଜଫ୍ରେମ କରାଯାଇଥିଲା। ଆଇପିସିର ଧାରା ୩୪୧, ୩୨୩ ଏବଂ ୩୫୪ ଏବଂ ସେକ୍ସନ୍ ୮ ଓ ୧୨ରେ ପୋକ୍ସୋ କୋର୍ଟରେ ତାଙ୍କ ବିରୋଧରେ ମାମଲା ଦାୟର ହୋଇଥିଲା। କମିସନରେଟ୍ ପୁଲିସ ଏହି ଘଟଣାରେ ପପୁ ଓ ତାଙ୍କର ଜଣେ ସହଯୋଗୀ ଗିଟୁଙ୍କୁ ପୁରୀରୁ ଗିରଫ କରିଥିଲା। ତେବେ ଉଭୟଙ୍କୁ ଅଗଷ୍ଟ ୧୦ରେ ହାଇକୋର୍ଟରୁ ଜାମିନ ମିଳିଥିଲା। ଏନେଇ ପପୁ ପମପମ୍ କହିଛନ୍ତି, ନ୍ୟାୟ ବ୍ୟବସ୍ଥା ଉପରେ ମୋର ସମ୍ପୂର୍ଣ୍ଣ ବିଶ୍ୱାସ ଥିଲା। ମୁଁ ପୁରା ନିର୍ଦ୍ଦୋଷ ଥିଲି। ଶେଷରେ ନ୍ୟାୟର ବିଜୟ ହୋଇଛି। ଓକିଲଙ୍କ ସହ ପରାମର୍ଶ ପରେ ମାନହାନି ମକଦ୍ଦମା କରିବି।

# ବାବୁସାନଙ୍କ ଆଗୁଆ ଜାମିନ ଶୁଣାଣିରେ ପଡ଼ିଲା ପୂର୍ଣ୍ଣଚ୍ଛେଦ

**କଟକ(ଏନ୍.ଏମ୍):** ଓଡ଼ିଶା ଉଚ୍ଚ ନ୍ୟାୟଳୟରେ ଓଲିଉଡର ଲୋକପ୍ରିୟ ଅଭିନେତା ବାବୁସାନ୍ ମହାନ୍ତିଙ୍କ ଆଗୁଆ ଜାମିନ ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ସେ ୪୧ କ ନୋଟିସ ପାଇ ଥାନାରେ ହଜାର ହୋଇଥିଲେ ଏବଂ ତଦନ୍ତରେ ସହଯୋଗ କରିଥିଲେ ବୋଲି କୋର୍ଟଙ୍କୁ ଅବଗତ କରା ଯାଇଥିଲା।

ସୂଚନାଯୋଗ୍ୟ, ଅଭିନେତା ବାବୁସାନ୍ ମହାନ୍ତି ଆଗୁଆ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ମାସ ୨୩ ତାରିଖ ଦିନ ଅଭିନେତ୍ରୀ ପ୍ରକୃତି ମିଶ୍ରଙ୍କ ସହ ବାବୁସାନ ଭୁବନେଶ୍ୱର ବିମାନବନ୍ଦରକୁ ଯାଉଥିବା ବେଳେ ବାବୁସାନଙ୍କ ପତ୍ନୀ ତୃପ୍ତି ଶତପଥୀ ବାବୁସାନଙ୍କୁ ମାରିବା ସହ ପ୍ରକୃତିଙ୍କୁ ଟଣାଓଟରା କରିଥିଲେ। ଏହି ଘଟଣାକୁ କେନ୍ଦ୍ରକରି ମାମଲା ଆଗକୁ ବଢ଼ିଥିଲା। ପ୍ରକୃତି ମିଶ୍ରଙ୍କ ବାପା ମନ୍ମଥ ମିଶ୍ର ତୃପ୍ତି ଶତପଥୀ ଓ ତାଙ୍କ ବାପାଙ୍କ ନାମରେ ଥାନାରେ ଏତଲା ଦେଲା ପରେ ତୃପ୍ତି ମଧ୍ୟ ଭୁବନେଶ୍ୱରସ୍ଥିତ ଖାରବେଳ ନଗର ଥାନାରେ ଏତଲା ପ୍ରକୃତିଙ୍କ ବିରୋଧରେ ଏତଲା ଦେଇଥିଲେ। ତୃପ୍ତିଙ୍କ ଅଭିଯୋଗକୁ ନେଇ ପୁଲିସ ମାମଲା ରୁଜୁ କରିଥିଲା। ଏଠାରେ ଉଲ୍ଲେଖଯୋଗ୍ୟ, ବାବୁସାନଙ୍କ ବିରୋଧରେ ନିର୍ଯାତନା ଓ ଧମକ ଦେବା ନେଇ ପତ୍ନୀ ତୃପ୍ତି ଅଭିଯୋଗ କରିଥିଲେ। ପୁଲିସ ନିକଟରେ ତୃପ୍ତି ନିର୍ଦ୍ଦିଷ୍ଟ ଭାବେ ବାବୁସାନ ଓ ପ୍ରକୃତି ମିଶ୍ରଙ୍କ ବିରୋଧରେ ଅଭିଯୋଗ କରିଥିଲେ। ପୁଲିସ ତୃପ୍ତିଙ୍କ ଏତଲା ଆଧାରରେ ଆଇପିସିର ଦଫା ୪୯୮-କ ଓ ୫୦୬ରେ ମାମଲା ରୁଜୁ କରିଥିଲା। ଏହି ମାମଲାରେ ସମ୍ଭାବ୍ୟ ଗିରଫଦାରୀ ଏଡ଼ାଇବା ପାଇଁ ବାବୁସାନ ହାଇକୋର୍ଟରେ ଆବେଦନ କରିଥିଲେ। ବାବୁସାନଙ୍କ ତରଫରୁ ଆଇନଜୀବୀ ଆକାଶ ଭୂୟାଁ ମାମଲା ପରିଚାଳନା କରୁଥିଲେ।




## ବଢୁଛି ପ୍ରଶାସନିକ ଜୁଲମ !

ସମ୍ପ୍ରତି ରାଜ୍ୟରେ ପ୍ରଶାସନିକ ଜୁଲମ ବୃଦ୍ଧି ପାଇବାରେ ଲାଗିଛି । ଗୋଟିଏ ପଟେ ଜନସାଧାରଣଙ୍କୁ ଆବଶ୍ୟକୀୟ ସେବା ସୁବିଧା ଯୋଗାଇବାରେ ବିଫଳ ହୋଇଥିବା ପ୍ରଶାସନ ଅନ୍ୟପକ୍ଷରେ ଜୋରିମାନା ଆଦାୟ ଉପରେ ଯଥେଷ୍ଟ ଗୁରୁତ୍ୱ ଦେଉଛି । ଏହି ଜୁଲମ ବିଭିନ୍ନ ବିଭାଗରେ ଦେଖିବାକୁ ମିଳୁଛି । ଜନସାଧାରଣଙ୍କୁ ଉପଯୁକ୍ତ ସଚେତନତା ନକରି କେବଳ ନିୟମ ଆଧାରରେ ଜୋରିମାନା ଆଦାୟ କରି ଜୁଲମ ଚଳାଇଥିବା ନେଇ ବିଭିନ୍ନ ମହଲରେ ଆଲୋଚନା ମଧ୍ୟ ହେଉଛି । ବିଶେଷ କରି ପୁଲିସ ପ୍ରଶାସନରେ ଏଭଳି ଘଟଣା ଜନସାଧାରଣଙ୍କୁ ଅଧିକ କଷ୍ଟ ଦେଉଛି । ଗୋଟିଏ ପଟେ ଟ୍ରାଫିକ ସମସ୍ୟାକୁ ନିୟନ୍ତ୍ରଣ କରିବା, ବିପର୍ଯ୍ୟୟ ରାସ୍ତାର ସୁଧାର ଆଣିବା ଆଦି କ୍ଷେତ୍ରରେ ଟ୍ରାଫିକ ପୁଲିସ ଧ୍ୟାନ ଦେବା ବଦଳରେ ମୋବାଇଲ କ୍ୟାମେରା ଧରି ଫଟୋ ଉଠାଇ ଚାଲଣ କାଟିବାରେ ବ୍ୟସ୍ତ ରହୁଥିବା ଭଳି ସଂଗୀନ

**'ରାସ୍ତା କିଭଳି ଶୃଙ୍ଖଳିତ ହେବ ସେ ନେଇ ବ୍ୟବସ୍ଥା କରିବା ବଦଳରେ ବିଭିନ୍ନ ପାନ ଦୋକାନ ଚା' ଦୋକାନ ନିକଟରେ ଥିବା ଟ୍ରାଫିକ କର୍ମଚାରୀ ମୋବାଇଲ ଫୋନରେ ଫଟୋ ଉଠାଇବାରେ ଲାଗିଛନ୍ତି । ଯାହା ଟ୍ରାଫିକ ପୁଲିସର କାର୍ଯ୍ୟରେ ସ୍ୱଚ୍ଛତା ପ୍ରତି ସନ୍ଦେହ ସୃଷ୍ଟି ହୋଇଛି । ତେଣୁ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯାଇ ଏଭଳି ଜୋରିମାନା ଆଦାୟ ପାଇଁ ଚାଲଣ କଟା ଗଲେ ହୁଏତ ଏଥିରେ ସ୍ୱଚ୍ଛତା ରହି ପାରନ୍ତା ବୋଲି ବୁଦ୍ଧିଜୀବୀମାନେ ଚର୍ଚ୍ଚା କରୁଛନ୍ତି ।'**

ଅଭିଯୋଗ ଉଠିଛି । ଏପରିକି ଟ୍ରାଫିକ ପୋଷ୍ଟରେ ନିୟୋଜିତ କର୍ମଚାରୀ ଯାନବାହନ ଆଦିକୁ ସଙ୍କେତ ଦେବା ପରିବର୍ତ୍ତେ ମୋବାଇଲ ଫୋନ ଧରି ନମ୍ବର ପ୍ଲେଟର ଫଟୋ ଉଠାଇ ଟାର୍ଗେଟ ପୂରଣ କରିବାରେ ବ୍ୟସ୍ତ ରହୁଥିବା ଦେଖିବାକୁ ମିଳିଛି । ଏଭଳି ଘଟଣା ବିଶେଷ କରି କଟକ କମିଶନରେଟ ପୁଲିସ ଅଧିନସ୍ଥ କଟକ ସହରରେ ଦେଖିବାକୁ ମିଳିଛି । ଆଜି ପର୍ଯ୍ୟନ୍ତ ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଛକରେ ଲାଗିଥିବା ଲାଇଟ ସିଗନାଲ ଅଚଳ ହୋଇ ପଡ଼ିଛି । କେତେବେଳେ ଠିକ୍ ଜଳୁଛି ତ ଆଉ କେତେବେଳେ କେବଳ ହଳଦିଆ ଓ ସବୁଜ ଏକ ସମୟରେ ଜଳୁଛି । ପୁଣି କେତେବେଳେ ନାଲି, ହଳଦି ଓ ସବୁଜ ମଧ୍ୟ ଜଳୁଥିବା ଦେଖିବାକୁ ମିଳିଛି । ତେବେ ଏ ସବୁ କେବେ ମରାମତି ହେବ ସେ ବିଷୟରେ ବିଭାଗୀୟ ଅଧିକାରୀଙ୍କ ନିକଟରେ କୌଣସି ଉତ୍ତର ନାହିଁ । ସେହିଭଳି କଟକ ସହରର ରାସ୍ତାଘାଟ ଏବେ ମରଣ ଯନ୍ତା ହୋଇଥିବାବେଳେ ଲୋକେ ବାଧ୍ୟ ହୋଇ ରଂଗ୍ ରୁଟରେ ଯାଉଛନ୍ତି । ତେଣୁ ରାସ୍ତା କିଭଳି ଶୃଙ୍ଖଳିତ ହେବ ସେ ନେଇ ବ୍ୟବସ୍ଥା କରିବା ବଦଳରେ ବିଭିନ୍ନ ପାନ ଦୋକାନ ଚା' ଦୋକାନ ନିକଟରେ ଥିବା ଟ୍ରାଫିକ କର୍ମଚାରୀ ମୋବାଇଲ ଫୋନରେ ଫଟୋ ଉଠାଇବାରେ ଲାଗିଛନ୍ତି । ଯାହା ଟ୍ରାଫିକ ପୁଲିସର କାର୍ଯ୍ୟରେ ସ୍ୱଚ୍ଛତା ପ୍ରତି ସନ୍ଦେହ ସୃଷ୍ଟି ହୋଇଛି । ତେଣୁ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯାଇ ଏଭଳି ଜୋରିମାନା ଆଦାୟ ପାଇଁ ଚାଲଣ କଟା ଗଲେ ହୁଏତ ଏଥିରେ ସ୍ୱଚ୍ଛତା ରହି ପାରନ୍ତା ବୋଲି ବୁଦ୍ଧିଜୀବୀମାନେ ଚର୍ଚ୍ଚା କରୁଛନ୍ତି । ସେହିଭଳି କମିଶନରେଟ ପୁଲିସ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ସିସିଟିଭି ବ୍ୟବସ୍ଥା ହୋଇଥିଲେ ମଧ୍ୟ ସେଥି ମଧ୍ୟରୁ ଅନେକ ଅଚଳ ହୋଇ ପଡ଼ିଛି । ଏ ସବୁ ଉପରେ ବିଭାଗ ପକ୍ଷରୁ ଧ୍ୟାନ ଦିଆଯିବା ଉଚିତ । ତେବେ ଏଭଳି କାର୍ଯ୍ୟ ଉପରେ ବିଭାଗର ଆଦୌ ନଜର ରହୁନଥିବାବେଳେ କେବଳ ଫାଇନ ଆଦାୟ ଉପରେ ଗୁରୁତ୍ୱ ଦିଆଯିବା ଏକ ପ୍ରକାର ଜୁଲମ ବୋଲି ଚର୍ଚ୍ଚା ହେଉଛି ।

## ଘୃଣା କେବଳ ଘୃଣା ହିଁ ସୃଷ୍ଟି କରିଥାଏ

**ମହମ୍ମଦ ଓବୈଦୁଲା**

ରାଜସ୍ଥାନର ଉଦୟପୁର ଠାରେ ହୋଇଥିବା କହ୍ନେୟାଲାଲଙ୍କ ବିଭତ୍ସ ହତ୍ୟା ଅତ୍ୟନ୍ତ ଭୟାବହ ଓ ଉଦ୍‌ବେଗଜନକ ଘଟଣା ଅଟେ । ନ୍ୟାୟ ଦେବା ପରିବର୍ତ୍ତେ ଏହିପରି କାର୍ଯ୍ୟ ମୁସଲମାନ ବିରୋଧୀ ଅବଧାରଣାକୁ ଆହୁରି ଦୃଢ କରିବ । କାରଣ ନିଜର କ୍ରୋଧକୁ ପ୍ରଶମିତ କରିବା ପାଇଁ ଅନ୍ୟପ୍ରତି ହିଂସାକୁ ଇସଲାମ୍ କେବେହେଲେ ଅନୁମତି ପ୍ରଦାନ କରେ ନାହିଁ । ଉଚିତ୍ ପନ୍ଥା ଓ ପ୍ରତିନିଧିଙ୍କ ଦ୍ୱାରା ହିଁ କେବଳ ନ୍ୟାୟ ଲୋଡାଯିବା ଉଚିତ୍ । ଖିଲାଫତ୍ ବ୍ୟବସ୍ଥାର ପରିସମାପ୍ତି ପରେ, ଅପରାଧି ମାନଙ୍କୁ ଦଣ୍ଡିତ କରିବାର ଦାୟିତ୍ୱ କେବଳ ଆଇନ ଓ ନ୍ୟାୟପାଳିକା ଉପରେ ନ୍ୟସ୍ତ । ତେଣୁ ସାଧାରଣ ନାଗରିକଙ୍କ ଦ୍ୱାରା ଆଇନକୁ ନିଜ ହାତରେ ନେଇ କୌଣସି ବ୍ୟକ୍ତିକୁ ଦଣ୍ଡିତ କରିବା ଅନୁଚିତ୍ । ଯଦିଓ ଅପମାନସୂଚକ ଓ ହାନୀକାରକ ମନ୍ତବ୍ୟକୁ ଶାନ୍ତିପର୍ଣ୍ଣ ଉପାୟରେ ବିରୋଧ ପ୍ରଦର୍ଶନ କରିବା ନାଗରିକମାନଙ୍କ ଅଧିକାର ଅଟେ, କିନ୍ତୁ ଧାର୍ମିକ ରାଜନୈତିକ ଓ ସାମାଜିକ ନ୍ୟାୟର ଦ୍ୱାହିଦେଇ ସାଧାରଣ ନାଗରିକଙ୍କ ଦ୍ୱାରା କୋଣସି ବ୍ୟକ୍ତିକୁ ଦଣ୍ଡିତ କରିବା ଉଚିତ୍ ନୁହେଁ । ଏହିପରି କାର୍ଯ୍ୟକଳାପକୁ ଦୃଢନିନ୍ଦା କରାଯିବା ଉଚିତ । ଏପରି କାର୍ଯ୍ୟକରୁଥିବା ବ୍ୟକ୍ତିମାନେ ଚିନ୍ତାକରନ୍ତି ଯେ, ସେମାନେ ନିକ୍ଷେଷିତମାନଙ୍କୁ ନ୍ୟାୟ ପ୍ରଦାନ କରୁଛନ୍ତି । କିନ୍ତୁ ତାହା ସେମାନଙ୍କ ଭ୍ରମାତ୍ମକ ଚିନ୍ତାଧାରାର ପରିଚାୟକ ଅଟେ । କାରଣ ସେମାନେ ଜାଣି ରଖିବା ଉଚିତ୍ ଯେ, କୌଣସି କାର୍ଯ୍ୟକଳାପ ଯଦି ଧର୍ମ ନାମରେ କରାଯାଇଥାଏ, ତେବେ ତାହା ଉକ୍ତ ଧର୍ମର ନୈତିକ ମୂଲ୍ୟବୋଧକୁ ପ୍ରତିନିଧିତ୍ୱ କରୁଛି ବୋଲି ଅନ୍ୟମାନେ ଧରିନିଅନ୍ତି । ତେଣୁ କହ୍ନେୟାଲାଲଙ୍କ ହତ୍ୟାକାରୀମାନେ ମୁସଲିମ୍ ସମୁଦାୟ ପାଇଁ ଏକ ଭୁଲ ଦୃଷ୍ଟାନ୍ତକୁ ଉପସ୍ଥାପନ କରିଛନ୍ତି କାରଣ ଏହାଦ୍ୱାରା ସେମାନେ ଅନେକ ନୀରିହ ମୁସଲମାନମାନଙ୍କ ଜୀବନକୁ ବିପଦ ସଙ୍କୁଳ କରି ଦେଇଛନ୍ତି ।

ଇସଲାମ୍ ନ୍ୟାୟର ଧର୍ମ ଅଟେ । ବ୍ୟକ୍ତିଗତ ଭାବନାର ବଶବର୍ତ୍ତୀ ହୋଇ ଅନ୍ୟକାହାକୁ ଅପରାଧୀ ବୋଲି ଦଣ୍ଡ ଦେବା ପାଇଁ ଏହା କେବେହେଲେ ଅନୁମତିପ୍ରଦାନ କରେ ନାହିଁ । ଇସଲାମିକ ନିୟମ ସ୍ପଷ୍ଟ ଭାବରେ ଉଲ୍ଲେଖକରେ ଯେ, ସମୁଦାୟର ପ୍ରତିନିଧିମାନେ ସମସ୍ତ ବିଷୟରେ ଦାୟିତ୍ୱ ନେବା ଉଚିତ । ତେଣୁ ଭାରତୀୟ ମୁସଲମାନମାନେ କହ୍ନେୟାଲାଲଙ୍କ ବିଭତ୍ସ ହତ୍ୟାକୁ ଏକ ସମ୍ମାନସୂଚକ ଘଟଣା ବୋଲି ଭାବି ଭ୍ରମୀତ ହୁଅନ୍ତୁ ନାହିଁ । ଏହା ଦେଶବିରୋଧୀ ଶକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅନିୟନ୍ତ୍ରିତ ଆବେଗ ବଶତଃ କରାଯାଇଥିବା ଏକ ଘୃଣ୍ୟ କାର୍ଯ୍ୟ ଅଟେ । ଏଥିସହ ଭାରତୀୟ ମୁସଲିମ ସମୁଦାୟ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ପାଇଁ ଘୃଣା ଓ କ୍ରୋଧର ଆକ୍ରୋଶର ଶିକାର ହେବା ଉଚିତ୍ ନୁହେଁ । ଏଠାରେ ତିଳେ ମାତ୍ର ସନ୍ଦେହ ନାହିଁ ଯେ, ଦେଶର ସାମାଜିକ ସୌହାର୍ଦ୍ଦ୍ୟ ବଜାୟ ରଖିବାକୁ ହେଲେ ଯେଉଁମାନେ ବିଭିନ୍ନ ଧର୍ମବିରୋଧରେ ଅପମାନସୂଚକ ମନ୍ତବ୍ୟ ଦେଉଛନ୍ତି ତାଙ୍କୁ ଆଇନ ଅନୁଯାୟୀ ଦଣ୍ଡିତ କରାଯିବା ଉଚିତ୍ । କିନ୍ତୁ ନ୍ୟାୟ ପାଇବା ପାଇଁ ବ୍ୟକ୍ତିଗତ ଭାବରେ ଆଇନକୁ ହାତକୁ ନେବା ଉଚିତ୍ ନୁହେଁ । ତେଣୁ ଆମେ ମିଳିମିଶି ରହିବା ସହ ବ୍ୟକ୍ତିଗତ ଭାବରେ ନ୍ୟାୟ କିମ୍ବା ଦଣ୍ଡ ଦେବାର ପ୍ରବୃତ୍ତିରୁ ବିରତ ହେବା ଉଚିତ୍ ।

**ଠିକଣା**
**ଫକୀରାବାଦ, କେନ୍ଦ୍ରାପଡ଼ା**

## ନୋବେଲ୍ ବିଜେତା 'ନେଲସନ୍ ମାଣ୍ଡେଲା'

**ପ୍ରତାପ ଚନ୍ଦ୍ର ସାହୁ**

ବର୍ଣ୍ଣ ବୈଷମ୍ୟ ଦୂର କରିବା କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରି ଆସିଥିବା ଏଇ ଶାନ୍ତି ପାଇଁ ନୋବେଲ୍ ପୁରସ୍କାର ପାଇଥିବା ନେତା 'ନେଲ୍ ସନ୍ ମାଣ୍ଡେଲା' ୧୯୧୮ ମସିହା ଜୁଲାଇ ମାସ ୧୮ତାରିଖରେ ଦକ୍ଷିଣ ଆଫ୍ରିକାରେ ଜନ୍ମ ଗ୍ରହଣ କରିଥିଲେ । ପରବର୍ତ୍ତି ସମୟରେ ଆଫ୍ରିକାନ୍ ନେସନାଲ୍ କଂଗ୍ରେସ ନେତୃତ୍ୱ ନେଇ ନିର୍ବାଚନରେ ଅଂଶଗ୍ରହଣ କରି ଦକ୍ଷିଣ ଆଫ୍ରିକାର ସର୍ବୋଚ୍ଚ ପଦବୀ ରାଷ୍ଟ୍ରପତି ପଦରେ ଅଧିଷ୍ଠିତ ହୋଇଥିଲେ । ସାର୍ପ ଭିଲ୍ଲା ହତ୍ୟାକାଣ୍ଡରେ ନେଲ୍‌ସନ୍ ମାଣ୍ଡେଲାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା । କାରାଗାରରୁ ୨୦୧୪ ମସିହା ଜାନୁୟାରୀ ମାସ ୨୪ ତାରିଖରେ ମୁକ୍ତି ପାଇଲା ପରେ ଏଫ୍ ଡବ୍ଲୁ କ୍ଲାର୍କଙ୍କ ସହାୟତାରେ ବର୍ଣ୍ଣ ବୈଷମ୍ୟ ଦୂର କରିବା ନେଇ ଏକ ଚୁକ୍ତିରେ ସ୍ୱାକ୍ଷର କରାଇ ୧୯୯୪ ମସିହାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ନିର୍ବାଚନରେ ରାଷ୍ଟ୍ରପତି ପ୍ରାର୍ଥି ଭାବେ ନିର୍ବାଚନରେ ଅଂଶ ଗ୍ରହଣ କରିବାର ସୁଯୋଗ ପାଇଥିଲେ ।

ଜଣେ ଦକ୍ଷିଣ ଆଫ୍ରିକୀୟ ଓକିଲ ହିସାବରେ ବର୍ଣ୍ଣ ବୈଷମ୍ୟ ବିରୋଧରେ ଲଢେଇ ଜାରି ରଖିବା, ବହୁ ଘାତପ୍ରତିଘାତ ଦେଇ ଗତି କରି ସଫଳତା ପାଇବାରେ ସେ ହେଉଛନ୍ତି ପ୍ରଥମ ବ୍ୟକ୍ତି । ନିର୍ବାଚିତ ରାଷ୍ଟ୍ରପତି ଭାବରେ ଦକ୍ଷିଣ ଆଫ୍ରିକାରେ ୧୯୯୪ରୁ ୧୯୯୯ପର୍ଯ୍ୟନ୍ତ ପଦବୀରେ ରହିଥିଲେ । ଏହା ପୂର୍ବରୁ ତାଙ୍କୁ ୨୭ ବର୍ଷ କାରାଗାର ଜୀବନ କାଟିବାକୁ ପଡିଥିଲା । ଦେଶର ପ୍ରଥମ ନିଗ୍ରୋ (କଳା)ବ୍ୟକ୍ତି ଭାବେ ରାଷ୍ଟ୍ରପତି ପଦ ଅଳଙ୍କୃତ କରିବାରେ ସେ ହେଉଛନ୍ତି ପ୍ରଥମ ବ୍ୟକ୍ତି । ଗଣତନ୍ତ୍ର ପଦ୍ଧତିରେ ସେ ନିର୍ବାଚିତ ହୋଇ ଆସିଥିଲେ । ସେଇଠି ପ୍ରଚଳିତ ହୋଇଆସୁଥିବା ବିଚ୍ଛିନ୍ନତାବାଦୀ ଶାସନ ବିରୋଧରେ ଚଳାଇ ଥିବା ଆନ୍ଦୋଳନର ପୁରୁଖା ନେତା, ମାନବ ପ୍ରେମୀ, ଜନ ହିତୈଷି ନେତା, ଗଣ ରାଷ୍ଟ୍ରପତି, ନେଲ୍‌ସନ୍ ମାଣ୍ଡେଲା ଆନ୍ତର୍ଜାତିକସ୍ତରରେ ସୁନାମ ଅର୍ଜନ କରିଛନ୍ତି । ଭରତର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତ ରତ୍ନ' ନୋବେଲ୍ ଶାନ୍ତି ପୁରସ୍କାର ସହ ୨୭୦ଟି ଜାତୀୟ ଓ ଆନ୍ତର୍ଜାତୀୟ ପୁରସ୍କାରର ଅଧିକାରୀ ଥିଲେ ନେଲ୍‌ସନ୍ ମାଣ୍ଡେଲା । ଗଣତନ୍ତ୍ର ପ୍ରତିଷ୍ଠାର ଜନକ, ସାମାଜିକ ନ୍ୟାୟର ମୂର୍ତ୍ତୀମନ୍ତ ପ୍ରତୀକ ଥିଲେ ନେଲ୍‌ସନ୍ ମାଣ୍ଡେଲା । ବର୍ଣ୍ଣ ବୈଷମ୍ୟ ମୂଳ ପୋଛ କରିବାରେ ତାଙ୍କର ଭୂମିକା ଅତୀବ ପ୍ରଶଂସନୀୟ । ଯଦିଓ ନୋବେଲ୍ (ଶାନ୍ତି) ପାଇଁ ୧୯୦୫ରେ ବାର୍ଥା ଫନ୍ ସର୍ଟନ ପ୍ରାଇଜ୍ ପାଇଥିଲେ; କିନ୍ତୁ ନେଲ୍‌ସନ୍ ମାଣ୍ଡେଲା ଶାନ୍ତି ପାଇଁ ନୋବେଲ୍ ପ୍ରାଇଜ୍ ପାଇବା ଥିଲା ଏକ ଭିନ୍ନ ସ୍ୱାଦର (ସ୍ୱତନ୍ତ୍ର) । ନୋବେଲ୍ ଶାନ୍ତି ପ୍ରାଇଜର ଜନକ ଥିଲେ ଆଲ୍‌ଫ୍ରେଡ଼ ବର୍ଣ୍ଣ ହାର୍ଡ ନୋବେଲ୍ । ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଏଇ ପ୍ରାଇଜ୍ ବାସ୍ତବରେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଏକ ଅଗ୍ରଣି ଅଗ୍ରଦୂତ ସାଜିଛି । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଲୋକେ ଶାନ୍ତିର ଆବଶ୍ୟକତା ଉପରେ ଅଧିକ ଗୁରୁତ୍ୱ ଦେଇଆସୁଥିଲେ । ଗାନ୍ଧୀଜୀଙ୍କ ପରି ନେଲ୍‌ସନ୍ ମାଣ୍ଡେଲା ବି ସେଠାକାର ଫାଦର୍ ଅଫ୍ ନେସନ୍ ରୂପେ ବିବେଚିତ ହୋଇଥିଲେ । ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଓ ସେଠାକାର ପ୍ରଚଳିତ ହୋଇଆସୁଥିବା ଜାତିଭେଦ ପ୍ରଥା (କଳା ଗୋରା ଭେଦ ଭାବ)ର ବିଲୋପ କରିବା କ୍ଷେତ୍ରରେ ତାଙ୍କର ଅବଦାନ ଅବିସ୍ମରଣୀୟ ଓ ଅତୁଳନୀୟ । ସେଥିଲେ ମାନବ ମୈତ୍ରୀ । ସେ ଫୋର୍ଟ ଫେଭେର୍ ବିଶ୍ୱ ବିଦ୍ୟାଳୟରୁ, ଲଣ୍ଡନ ବିଶ୍ୱବିଦ୍ୟାଳୟ, ଦକ୍ଷିଣ ଆଫ୍ରିକା ବିଶ୍ୱ ବିଦ୍ୟାଳୟ ୱିତ୍ ୱାଟର୍ ସ୍ୟାଣ୍ଡ୍ ବିଶ୍ୱ ବିଦ୍ୟାଳୟରୁ ବିଭିନ୍ନ ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀମାନ ହାସଲ କରିଛନ୍ତି । ଲ'ଡିଗ୍ରୀ ମଧ୍ୟ ହାସଲ କରିଛନ୍ତି । ଏଏଫ୍‌ସିର ୧୧ ତମ ପ୍ରେସିଡେଣ୍ଟ୍ ୯୧ ରୁ ୯୭ ପର୍ଯ୍ୟନ୍ତ ଥିଲେ । ନନ୍ ଏଲାଇଣ୍ଡ୍ ମୁଭ୍‌ମେଣ୍ଟ୍‌ର ୧୯ତମ ସେକ୍ରେଟେରୀ ଜେନେରାଲ୍ ପଦବୀରେ ନିର୍ବାଚିତ ହୋଇ କାର୍ଯ୍ୟକରିଛନ୍ତି । ତାଙ୍କର ବାସ ସ୍ଥଳି ର ନାମ 'ମାଣ୍ଡେଲା ଗ୍ରେଭ୍ ୟାର୍ଡ କୁନୁ (qunu)ଇଷ୍ଟର୍ଣ୍ଣ କେପ୍ ଦକ୍ଷିଣ ଆଫ୍ରିକା । ତାଙ୍କର ପ୍ରଥମ ସ୍ତ୍ରୀ - ଇରେଲମ୍,ଦ୍ୱିତୀୟ ସ୍ତ୍ରୀ ୱିନି ମେଡିକି ଓଜେଲା । ତାଙ୍କର ମୋଟ ଛୁଆ ୨୭ ଟି ବୋଲି ଆନ୍ତର୍ଜାତୀୟ ଗଣମାଧ୍ୟମରୁ ପ୍ରକାଶ । ଏହାର ସତ୍ୟାସତତା ଉପରେ ପ୍ରମାଣ ନାହିଁ । କିଛି ଗଣମାଧ୍ୟମରୁ ଜଣାପଡିଛି ଯେ, ତାଙ୍କର ଦୁଇରୁ ଅଧିକ ସ୍ତ୍ରୀ ଥିଲେ ବୋଲି । ତାଙ୍କ ସରକାର ସର୍ବଦା ସଂକୀର୍ଣ୍ଣ ଜାତିଆଣ ମନୋଭାବରୁ ଉର୍ଦ୍ଧ୍ୱରେ ରହି କାର୍ଯ୍ୟ କରୁଥିଲେ । ବ୍ରଡ୍ ମାଇଣ୍ଡେଡ୍ ହେବା ଦିଗରେ ସେ ସର୍ବଦା ଚେଷ୍ଟିତ ଥିଲେ । ଜାତୀୟତାବାଦୀ ଓ ସମାଜବାଦୀ ନେତା ତାଙ୍କର ସ୍ୱର୍ଣ୍ଣିମ ଅକ୍ଷରରେ ସର୍ବଦା ଇତିହାସରେ ଲିପିବଦ୍ଧ ହୋଇ ରହିବ । ମୋର୍ ଫିଲ୍ମରେ ମେକ୍‌ଅପ୍ ଓ ହେୟାର୍ ଷ୍ଟାଇଲ୍ ଯୋଗୁ ତାଙ୍କୁ ସ୍ୱର୍ଣ୍ଣ ସିଂହ ଆୱାର୍ଡରେ ଭୂଷିତ କରାଯାଇଥିଲା । ଅନ୍ୟ ଆୱାର୍ଡ ମଧ୍ୟରେ ସଖାରୋଭ୍, ଲେନିନ୍ ପିସ୍ ପ୍ରାଇଜ୍, ପ୍ରେସିଡେସିଏଲ୍ ମେଡାଲ୍ ଫର୍ ଫ୍ରିଡମ୍ ଆଦି ଅନ୍ୟତମ । ତାଙ୍କ ଜୀବନର ଟର୍ନିଙ୍ଗ୍ ପଏଣ୍ଟନ୍ ଥିଲେ 'ଏଫ୍ ଡବ୍ଲୁ କ୍ଲାର୍କ' । ସେହିଁ ତାଙ୍କୁ ସାହାଯ୍ୟ କରିଥିଲେ ଜାତିଆଣ ପ୍ରଥା ବିଲୋପ କରିବା କ୍ଷେତ୍ରରେ । କଳା - ଗୋରା ଭେଦଭାବ ଦୂର କରିବାରେ ନେଲ୍‌ସନ୍ ମାଣ୍ଡେଲାଙ୍କର ଭୂମିକା ଯେତିକି ,ଏଫ୍ ଡବ୍ଲୁ କ୍ଲାର୍କଙ୍କ ଭୂମିକା ସେତିକି । ସତରେ ସେ ଏଯୁଗକୁ ବଦଳାଇ ଦେଇ ପାରିଥିଲେ । ବିଶ୍ୱ ଭାତୃତ୍ୱରେ ବାନ୍ଧି ରଖିବାରେ ତାଙ୍କର ଆପ୍ରାଣ ଉଦ୍ୟମ ଅତୀବ ପ୍ରଶଂସନୀୟ । ସମସ୍ତଙ୍କର ହୃଦୟ ଜିଣି ଥିଲେ ସେ । ଏକଛତ୍ର ବାଦ୍ ବିରୋଧରେ ସ୍ୱର ଉତ୍ତୋଳନ କରି ସଫଳତା ପାଇଥିଲେ । ଗଣତନ୍ତ୍ର ପ୍ରତିଷ୍ଠା କରିବାରେ ସେ ଥିଲେ ପ୍ରଥମ ବ୍ୟକ୍ତି । ଦକ୍ଷିଣ ଆଫ୍ରିକାରେ ସତ୍ୟ ଓ ଧର୍ମର ଜୟ ହେଲା ଓ ସେଇଠି ସେ ସେ ପ୍ରତିଷ୍ଠା କରିପାରିଥିଲେ । ଅନେକ କଷ୍ଟ, ଝଡ ଝଞ୍ଜା ସତ୍ତ୍ୱେ ସେ ପଛକୁ ହଟି ନାହାନ୍ତି । ଏହି ମାନବପ୍ରେମୀ, ଦେଶ ପ୍ରେମୀ ନେଲ୍‌ସନ୍ ମାଣ୍ଡେଲାଙ୍କର ୨୦୧୩ ମସିହା ଡିସେମ୍ବର ମାସ ୫ତାରିଖରେ ପରଲୋକ ଘଟି ଥିଲା ।

**ଠିକଣା**
**ନବରଙ୍ଗପୁର**
**୯୪୩୭୭୮୮୮୭୦**

## ଭାରତୀୟ ଅର୍ଥନୀତିରେ ଚରମ ବିପର୍ଯ୍ୟୟ !

**ପଞ୍ଚାନନ କାନୁନଗୋ**

ଗତ କିଛି ବର୍ଷ ହେବ ଭାରତର ଅର୍ଥନୀତିକୁ ନେଇ ଅନେକ ସପନ ସୌଦାଗରଙ୍କ ଉକ୍ତି ଭୁଲ ପ୍ରମାଣିତ ହୋଇ ସବୁ କ୍ଷେତ୍ରରେ ଏହା ବିପର୍ଯ୍ୟୟ ତଥା ବିପରୀତମୁଖୀ ହୋଇଥିବା ଦେଖାଯାଉଛି । ଭାରତର ଆର୍ଥିସ୍ଥିତି ୨୦୨୪ ସୁଦ୍ଧା ୫ ଲକ୍ଷ କୋଟି ଡଲାରରେ ପହଂଚିବ ବୋଲି କୁହାଯାଉଥିଲା । ୨୦୧୩ରେ ଭାରତର ମୋଟ ଆର୍ଥିକ ସ୍ଥିତି ୨ଲକ୍ଷ ୫୦ ହଜାର କୋଟି ଥିଲା । ଏବେ ଡଲାର ତୁଳନାରେ ଟଙ୍କା ମୂଲ୍ୟର ଅବକ୍ଷୟ ୫ ଲକ୍ଷ କୋଟି ଅର୍ଥନୀତିକୁ ଆହୁରି ଅନେକ ବର୍ଷ ଘୁଞ୍ଚାଇ ଦେଇଛି । ହୁଏତ ଏହା ୨୦୩୦ ମସିହା ସୁଦ୍ଧା ବି ସମ୍ଭବ ହୋଇ ନପାରେ (୨୦୧୪ର ଡଲାର ମୂଲ୍ୟ ତୁଳନାରେ) । ଏଥିରେ ଅର୍ଥଶାସ୍ତ୍ରୀମାନେ ବିଚଳିତ ।

ଭାରତୀୟ ମୁଦ୍ରାର ବିଶ୍ୱ ବଜାରରେ ବିନିମୟ ହାର କ୍ଷୀପ୍ର ଗତିରେ ହ୍ରାସ ପାଇବାରେ ଲାଗିଛି । ବିଶ୍ୱ ବାଣିଜ୍ୟରେ ମୁଖ୍ୟତଃ ଡଲାରରେ କାରବାର ହୋଇଥାଏ । ଏହି ଡଲାର ମୂଲ୍ୟ ବଢ଼ି ବର୍ତ୍ତମାନ ଡଲାର ପିଛା ୮୦ ଟଙ୍କା ଛୁଇଁଲାଣି । ଦେଶ ଭିତରେ ଟଙ୍କାର ନିଜସ୍ୱ ମୂଲ୍ୟ ମଧ୍ୟ କମିବାରେ ଲାଗିଛି । ଅର୍ଥାତ୍ ଆଭ୍ୟନ୍ତରୀଣ ବଜାର କାରବାରରେ ଟଙ୍କାର କ୍ରୟଶକ୍ତି ହ୍ରାସ ପାଇବାରେ ଲାଗିଛି । ଟଙ୍କାର ଏପରି ଦୂରାରୋଗ୍ୟ ବ୍ୟବସ୍ଥା ଗତ ୨୦୧୬ ମସିହାରୁ ଜୋର ଧରିଥିବା ଦେଖାଯାଉଛି । ସ୍ୱାଧୀନତା ପରର ୬୦ ବର୍ଷରେ ଦେଶ ଯେତିକି ବିଦେଶୀ ଋଣ କରି ନଥିଲା ଗତ ଆଠ ବର୍ଷରେ (୨୦୧୪ରୁ ୨୦୨୨) ମଧ୍ୟରେ ତା' ଠାରୁ ଢେର ଅଧିକ ଋଣ କରିଥିବାର ଦେଖାଯାଉଛି । ଭାରତୀୟ ଋଣ ୨୦୧୪ରେ ୭୭ ଲକ୍ଷ କୋଟି ଟଙ୍କା ଥିବାବେଳେ ୨୦୨୪-୨୫ ସୁଦ୍ଧା ଏହା ୨୩୬ ଲକ୍ଷ କୋଟି ଟଙ୍କାରେ ପହଂଚିବ ବୋଲି ଆକଳନ ଆସିଛି । ଏବେ ୨୦୨୨-୨୩ ଆର୍ଥିକ ବର୍ଷରେ ୨୨୨.୯ ଲକ୍ଷ କୋଟି ଟଙ୍କାରେ ପହଂଚିଛି ।

ବିଶ୍ୱ ବୈଷମ୍ୟ ତଥ୍ୟରୁ ଜଣାଯାଏ ଯେ ଜାତୀୟ ମୋଟ ଆୟର ବୃଦ୍ଧି ୧୯୮୦ରେ ୨୯୦% ଥିବାବେଳେ ୨୦୨୦କୁ ବୃଦ୍ଧି ପାଇ ୫୫୫% ଅଧିକ ହୋଇଛି । ଏପରି ବୃଦ୍ଧି ସମଗ୍ର ବିଶ୍ୱରେ ଭାରତରେ ହିଁ ଘଟିଛି । ଗତ ୧୦ ବର୍ଷ ମଧ୍ୟରେ ଅତି କ୍ଷୀପ୍ରତର ହୋଇଥିବା ଦେଖାଯାଉଛି । ଭାରତର ସମସ୍ତ ଲୋକସଂଖ୍ୟା ୧୦% ଆୟକାରୀ ଲୋକଙ୍କ ହାତରେ ୬୬% ସଂପତ୍ତି ଠୁଳ ହୋଇଛି । ଯେଉଁ ସମୟରେ ନିମ୍ନ ଆୟକାରୀ ୫୦% (ମୋଟ ଲୋକ ସଂଖ୍ୟାର) ପାଖରେ ମାତ୍ର ୬% ସଂପତ୍ତି ଅଛି । ପୁନଶ୍ଚ ଅଧିକରୁ ଅଧିକ ମାତ୍ର ୨୨ ଜଣ ପୁଂଜିପତିଙ୍କ ହାତରେ ଠୁଳ ହେବାରେ ଲାଗିଛି ।

ଧନୀଙ୍କ ଉପରୁ ଟିକସ୍ ଆଦାୟ ଭାରତରେ ସମଗ୍ର ବିଶ୍ୱରେ ଅତି କମ୍ ଥିବାର ଦେଖାଯାଏ । ଯାହାକି ଜି.ଡ଼ି.ପି.ର ୧୭%ରୁ କମ୍ । ବିଶ୍ୱର ଅନେକ ଦେଶରେ ଏହି ଟିକସ୍ ଆଦାୟ ଅନୁପାତ ଏହାର ଦୁଇଗୁଣ ୩୪% ଥିବାର ଦେଖାଯାଇଥାଏ । ଭାରତରେ ସଂପତ୍ତି କର ବସିବା ଦେଖାଯାଏ ନାହିଁ । ପ୍ରତ୍ୟକ୍ଷ କର ଯାହାକି ଉଚ୍ଚ ଆୟକାରୀଙ୍କଠାରୁ ଆଦାୟ କରାଯାଇଥାଏ, ତାହା ସମସ୍ତ ଆଦାୟ କରର ମାତ୍ର ୨୧% ହୋଇଥିବାବେଳେ ପରୋକ୍ଷକର ଯାହାକି ଗରିବ ଓ ସାଧାରଣଙ୍କଠାରୁ ଆଦାୟ କରାଯାଇଥାଏ, ତା'ର ପରିମାଣ ୫୬%ରୁ ଅଧିକ । ଏହି ପରିମାଣ ଗତ ୮ ବର୍ଷରେ ବୃଦ୍ଧି ପାଇବାରେ ଲାଗିଛି । କର୍ପୋରେଟ୍ ଟିକସ୍ ଗତ ୮ ବର୍ଷରେ ୩୫%ରୁ କମି ୨୫% (୨୦୧୯)ରେ ରଖାଗଲା ଓ ଏବେ ୨୨%କୁ କମିଛି । କେତେକ କ୍ଷେତ୍ରରେ ୧୫%ରେ ସୀମିତ ଅଛି । ଏବେ ଆହୁରି କମିବାର ପ୍ରସ୍ତାବ ରହିଛି । ସରକାରଙ୍କ ଭୁଲ୍ ନୀତି ହେତୁ ବହୁସଂଖ୍ୟକ ଲୋକ ମଧ୍ୟବିତ୍ତ ଆୟକାରୀ ପରିବାରରୁ ଖସିବାରେ ଗତ ୧୦ ବର୍ଷରେ ଲାଗିଛନ୍ତି । ଏହା ଯେ ଭବିଷ୍ୟତରେ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ ଏହା ନିଃସନ୍ଦେହରେ କୁହାଯାଇପାରେ ଓ ଏହା ଦେଶରେ ଅର୍ଥନୈତିକ ବିପର୍ଯ୍ୟୟର ମୁଖ୍ୟ କାରଣ ହେବ ।

ଅନ୍ୟଏକ ବିପର୍ଯ୍ୟୟ ସଂଘୀୟ ଅର୍ଥନୀତିରେ ଆସିଛି । ଭାରତ ସମ୍ବିଧାନ ପ୍ରଣେତାଗଣ ଦେଶର ରାଜନୀତି କ୍ଷେତ୍ରରେ ସମସ୍ତଙ୍କ ପାଇଁ ସମାନ ସୁଯୋଗ ସୃଷ୍ଟି କରିଥିବାବେଳେ ଲୋକ-ଲୋକ ଭିତରେ ଆୟର ତାରତମ୍ୟକୁ ସ୍ୱୀକାର କରିବା ସହିତ ଅଞ୍ଚଳ ଅଞ୍ଚଳ ଭିତରେ ଥିବା ବୈଷମ୍ୟକୁ ମଧ୍ୟ ଗ୍ରହଣ କରିଥିଲେ । ଡକ୍ଟର ଆମ୍ବେଦକର ୧୯୪୯ରେ ସମ୍ବିଧାନ ପ୍ରଣୟନ ସଭାରେ ତାଙ୍କର ଶେଷ ବକ୍ତବ୍ୟ ରଖିବାକୁ ଯାଇ କହିଥିଲେ- "In politics we will have equality and in social and economic life will have inequality. These conflicts demanded attention, fail to do so and those denied will blow up the structure of Political Democracy.' ଡକ୍ଟର ଆମ୍ବେଦକରଙ୍କ ଏହି ଆଶଙ୍କାକୁ ଲକ୍ଷ୍ୟ ରଖି ଭାରତ ନବନିର୍ମାତା ପ୍ରଧାନମନ୍ତ୍ରୀ ଜବାହାରଲାଲ୍ ନେହେରୁ ଏପରି ବୈଷମ୍ୟ ଦୂର ଯୋଜନା ମାଧ୍ୟମରେ କରାଯାଇ ପାରିବ ବୋଲି ବିଚାର କରିଥିଲେ ।

ସେହି ଅନୁସାରେ ପଞ୍ଚ ବାର୍ଷିକ ଯୋଜନାର ଆରମ୍ଭ ହୋଇଥିଲା । ଦ୍ୱିତୀୟତଃ ସମ୍ବିଧାନର ସ୍ୱୀକୃତି ସହିତ ଅର୍ଥ କମିଶନ ଗଠନ କରାଯାଇ ସମସ୍ତ ରାଜ୍ୟମାନଙ୍କ ଭିତରେ କେନ୍ଦ୍ରୀୟ ଅନୁଦାନର ଆବଣ୍ଟନ ପ୍ରକ୍ରିୟା ବ୍ୟବସ୍ଥା ମଧ୍ୟ ଆରମ୍ଭ ହେଲା । ଯଦିଓ ଏହି ଆବଣ୍ଟନ ପ୍ରକ୍ରିୟା ୧୯୩୫ର ଇଣ୍ଡିଆ ଆକ୍ଟ ପରି ଅତ୍ୟଧିକ ରାଜ୍ୟାଭିମୁଖୀ ନଥିଲା ତଥାପି ରାଜ୍ୟମାନଙ୍କ ସ୍ୱାତନ୍ତ୍ର୍ୟକୁ ଆଖି ଆଗରେ ରଖି କେନ୍ଦ୍ରୀୟ ପାଣ୍ଠିରୁ ଅର୍ଥ ଆବଣ୍ଟନ ସହିତ ରାଜ୍ୟମାନେ ନିଜ ନିଜର ପାଣ୍ଠି ସଂଗ୍ରହର ବ୍ୟବସ୍ଥା ମଧ୍ୟ ରହିଲା । ଟିକସ୍ ଆଦାୟର ବିଷୟ ମଧ୍ୟ ବାଣ୍ଟି ଦିଆଯାଇଥିଲା । ଏହା ଦ୍ୱାରା ସଂଘୀୟ ବ୍ୟବସ୍ଥାରେ ରାଜ୍ୟମାନଙ୍କୁ ସ୍ୱତନ୍ତ୍ର କ୍ଷମତା ଦିଆଯାଇଥିଲା । ଏହାର ପୂର୍ଣ୍ଣଚ୍ଛେଦ ୨୦୧୪ ମସିହାରେ ପଡ଼ିଲା । କେନ୍ଦ୍ରୀୟ ଯୋଜନା କମିଶନର ଅନ୍ତ ଘଟିଲା । ପୂର୍ବରୁ ହୋଇ ଆସୁଥିବା କେନ୍ଦ୍ରୀୟ ଅର୍ଥ ବିନିଯୋଗରେ ଯୋଜନା କାର୍ଯ୍ୟକାରୀ ହେବା ବନ୍ଦ ହେଲା । ବଡ଼ ରାଜ୍ୟ ଓ କେନ୍ଦ୍ର ସହାୟତାରେ ହୋଇଥିବା ଅନେକ ପ୍ରକଳ୍ପ ବିକ୍ରୀ କରାଯାଇ ଲବ୍ଧ ଅର୍ଥ କେନ୍ଦ୍ରୀୟ ପାଣ୍ଠିକୁ ଗଲା । ବଡ଼ ପ୍ରକଳ୍ପ ଭାରତୀୟ ରେଳବାଇ ପର୍ଯ୍ୟାୟକ୍ରମେ ହସ୍ତାନ୍ତର ହେବା ଓ ବନ୍ଦର ସବୁ ହସ୍ତାନ୍ତର ହେବା ଆରମ୍ଭ ହୋଇଗଲା । ସବୁଠାରୁ ବଡ଼ ବିଡ଼ମ୍ବନା ହେଲା ୨୦୧୭ ମସିହା ଜୁଲାଇ ମାସରୁ ରାଜ୍ୟମାନଙ୍କର ଟିକସ ଆଦାୟ କ୍ଷମତା କେନ୍ଦ୍ର ହାତରେ ଠୁଳ ହୋଇ ରାଜ୍ୟର ଲୋକସାନ ହେଲେ କ୍ଷତି ଭରଣାର ପ୍ରତିଶ୍ରୁତି ଦିଆଗଲା । ଯାହାକି ଚଳିତ ବର୍ଷ ଜୁଲାଇଠାରୁ ବନ୍ଦ କରିଦିଆଗଲା । ଅନ୍ୟପକ୍ଷରେ ରାଜ୍ୟର ଆୟ ସଂକୁଚିତ ହୋଇ କେନ୍ଦ୍ରୀୟ ଆୟ ସଂପ୍ରସାରିତ ହେବା ପାଇଁ ଅନେକ ଉପ କର ଆଦି ବସାଗଲା, ଯାହା ରାଜ୍ୟମାନଙ୍କ ମଧ୍ୟରେ ବଣ୍ଟନ ହେବା ସୁଯୋଗ ରହିତ । ଅଣଟିକସ୍ କ୍ଷେତ୍ରରେ ମଧ୍ୟ ଅନେକ ବ୍ୟବସ୍ଥା ନିଲାମ ପ୍ରକ୍ରିୟା ଭିତରକୁ ଯାଇ କେନ୍ଦ୍ରୀୟ କ୍ଷମତା ଅନ୍ତର୍ଭୁକ୍ତ ହେଲା ଓ ରାଜ୍ୟ ପାଉଥିବା ରାଜଭାଗ ବନ୍ଦ କରି ଦିଆଗଲା । କେବଳ ପେଟ୍ରୋଲ, ଡିଜେଲ, ବିଦ୍ୟୁତ୍, ମଦ ଉପରୁ ଟିକସ ଆଦାୟ କରି ରାଜ୍ୟମାନେ ବଂଚିଛନ୍ତି । ଏହା ଯେକୌଣସି ସମୟରେ ବନ୍ଦ ହୋଇଯାଇପାରେ ।

ଏକ ଦେଶ ଏକ ବ୍ୟବସ୍ଥା ନାମରେ ରାଜନୈତିକ କେନ୍ଦ୍ରୀକରଣ ବ୍ୟବସ୍ଥା ସହିତ ଅର୍ଥନୈତିକ କେନ୍ଦ୍ରୀକରଣ ଯୋଡ଼ା ହୋଇଗଲା ରାଜ୍ୟମାନଙ୍କ ନିଜସ୍ୱ ଆର୍ଥିକ କ୍ଷମତା ଦ୍ରୁତଗତିରେ ହ୍ରାସ ପାଇ ୩୮%ରେ ପହଂଚିଛି, ଯାହାକି ପୂର୍ବସ୍ଥିତିରେ ୬୬%ରୁ ୬୯%ରେ ଥିଲା । ରାଜ୍ୟମାନଙ୍କର ଆୟ ମୋଟ ରାଜ୍ୟ ଆୟର ୬%ରେ ଗତ ୧୦ ବର୍ଷ ଧରି ରହି ଆସିଛି । ଅଧିକନ୍ତୁ ଚତୁର୍ଦ୍ଦଶ ଅର୍ଥ କମିଶନ କେନ୍ଦ୍ରୀୟ ଆୟ ୪୨% ରାଜ୍ୟ ଭିତରେ ଆବଣ୍ଟନ କରିବା ପ୍ରସ୍ତାବ ରଖିଥିଲାବେଳେ ପରବର୍ତ୍ତୀକାଳରେ ଏହା ୪୧%ରୁ କମାଇ ଦିଆଗଲା । କର୍ପୋରେଟ୍ ଟ୍ୟାକ୍ସରେ ରିହାତି ଓ ଜି.ଏସ୍.ଟି. କ୍ଷତି ଭରଣା ବନ୍ଦ ହେବା ଫଳରେ ରାଜ୍ୟମାନଙ୍କର ଆର୍ଥିକ ସ୍ଥିତି ଖୁବ୍ ଦୁର୍ବଳ ହୋଇଗଲା ।

ସଂବିଧାନ ପ୍ରଦତ୍ତ ସଂଘୀୟ ବ୍ୟବସ୍ଥା ଓ ରାଜ୍ୟମାନଙ୍କର ସ୍ୱତନ୍ତ୍ର କ୍ଷମତା ଗତ ଦଶନ୍ଧି ଧରି ଦିନକୁ ଦିନ କ୍ଷୁର୍ଣ୍ଣ ହେବାରେ ଲାଗିଛି । ଯାହାକି ଦେଶରେ ୧୩୧ଟି କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ଚାଲୁ ରହିଛି । ସେଥିରେ ରାଜ୍ୟର ଅଂଶ ୨୦୧୪ ପରେ ଅତିମାତ୍ରାରେ (୪୦%) ବୃଦ୍ଧିପାଇ ରାଜ୍ୟ ପାଇଁ ଦୁର୍ଭାଗ୍ୟର କାରଣ ହୋଇଛି । ପୂର୍ବରୁ (୨୦୧୪)କୁ ରାଜ୍ୟ ଅଂଶ ୧୦%ରୁ ୨୫% ମଧ୍ୟରେ ଥିଲା । ରାଜ୍ୟ ତାଲିକାଭୁକ୍ତ ସମସ୍ତ ବିଷୟ ଉପରେ ରାଜ୍ୟମାନଙ୍କରେ ସ୍ୱତନ୍ତ୍ର କ୍ଷମତା ସଂକୁଚିତ ହୋଇଛି । ସଂଘୀୟ ବ୍ୟବସ୍ଥାରେ ଏହି ବିପର୍ଯ୍ୟୟ ରାଜ୍ୟ ରାଜ୍ୟ ମଧ୍ୟରେ, ଅଞ୍ଚଳ ଅଞ୍ଚଳ ମଧ୍ୟରେ ବୈଷମ୍ୟ ବୃଦ୍ଧିର କାରଣ ହୋଇଛି । ଏହି ସମସ୍ତ ବୈଷମ୍ୟ ଦେଶର ଆର୍ଥିକ ସ୍ଥିତିକୁ କେବଳ ବିପର୍ଯ୍ୟସ୍ତ କରୁନାହିଁ, ସମଗ୍ର ବଜାର ବ୍ୟବସ୍ଥାରେ ପ୍ରତିକୂଳ ପ୍ରଭାବ ପକାଉଛି । ଅଧିକନ୍ତୁ ରାଜ୍ୟ ଓ ଲୋକମାନଙ୍କୁ କେନ୍ଦ୍ର ଉପରେ ଅଧିକ ନିର୍ଭରଶୀଳ କରିବ । ସମଗ୍ର ବିଶ୍ୱ ବା ଅନ୍ୟଦେଶରେ ଆର୍ଥିକ ବିଶୃଙ୍ଖଳା ବା ସଂକୋଚନ ଘଟିଲେ ତାର ପ୍ରଭାବ ଭାରତ ଓ ଭାରତବାସୀଙ୍କ ଉପରେ ଘନୀଭୂତ ହେବ । ଅତୀତରେ ବିଶ୍ୱ ଅର୍ଥନୈତିକ ବିପର୍ଯ୍ୟୟର କୁପ୍ରଭାବ (୨୦୦୫ରୁ ୨୦୦୮) ଭାରତ ଉପରେ ବିଶେଷ ପଡ଼ି ନଥିଲା । ଭାରତର ଆର୍ଥିକ ବିକେନ୍ଦ୍ରୀକରଣ ପ୍ରତି ବଦଳରେ କେନ୍ଦ୍ରୀଭୂତ ହେଲେ ବୈଷମ୍ୟର ମାତ୍ର ବୃଦ୍ଧି ପାଇବା ସହିତ ଦେଶର ପୁଂଜି ବ୍ୟବସ୍ଥା ମଧ୍ୟ ଭୁଷୁଡ଼ି ପଡ଼ିବ । ପୁଂଜିବାଦର ଏହା ହେଉଛି ଏକ ଗାଣିତିକ ଧାରା ବୋଲି ଧରାଯାଇଥାଏ ।

**ଯୋଗାଯୋଗ-**
**୯୪୩୮୩୬୦୮୪୯**

(ବିଦ୍ର: ଏହି ଲେଖାଟି ଓଆର ରିପୋର୍ଟରରେ ପ୍ରକାଶିତ)

### କବିତା ଗୁଚ୍ଛ

## ବୈଦୀ ନନୀ ଆମଦିର

**- ପ୍ରତାପ ଚନ୍ଦ୍ର ସାହୁ**

ବୈଦୀ ନନୀ ଆମଦିର
ଇସ୍କୁଲ୍ ଗଲାନି ପାଠ ପଢବା ସକାଶେ
ବହି ପୁସ୍ତକ କରି ଡାବୁ ଡୁବା
ସବ୍ ମିଳିଲାନି
ସକାଳ ଥାନନି ଅଣ୍ଟି ଘଣ୍ଟ
କରି ଦୁଇ ଘଣ୍ଟନି ପୁନି ସଞ୍ଜ
କତକ ପାଠ କତକ ପାଠ
ସବୁ ଦିନେ ସବୁ ଥାନେ
ହାତ ଧୋଇ କରି
ଡାଲମା ଭାତ ଖାଇତେଛେ... ବୈଦି ନନୀ ଆମଦିର
ସାଇକେଲ୍ ଚେଗି ଇସ୍କୁଲ ଗାଲାନି
ବନ୍ଧାଡ ବାଡ ଯିବାର କାଜେ
ଲେଟିନ୍ ମନ ଦେଖଲାନି
ଆରକି ବନ୍ଧ ବାଡ ଯିବାର କାଜେ ପଦାଏ ନାଇଁ ଯିବାର୍
ପାନି ବାଲ୍ଟି ନେଇ ଶୋଉଚାଳୟ ଯାଇଚେ
ନିୟମିତ ଭାବେ ହାତ ଧୋଇଚେ
ବୈଦି ନନୀ ଆମଦିର ପାଠ ପଢବା ଲାଗେ ଯିଦ୍ କରଛେ ।...
ଗ୍ରାମର୍ ଅନ୍ୟ ଟୋକଲେ କେ
ବି ପଢବା ଲାଗେ କହୁଚନ୍
ହିସାବ ରେ ଧୁରନ୍ଧର୍ ବନାଇଛେ
ଗଣିତ ମାଷ୍ଟର୍ ଥାଙ୍ଗେ ଶିଖ୍ କର୍
ବିଜ୍ଞାନ ମାଷ୍ଟର୍ ଥାଙ୍ଗେ କେତେ କେତେ କଥା ଶିଖ୍ ଲାନି
ଇଂରେଜ୍ ମେଡେମ୍ ଥାଙ୍ଗେ
ଶିଖି ବୈଦୀ ନନୀ ଏଖନ୍ ଇଂରେଜ ବୋଲୁଛନ୍
ପି ଇ ଟି ଦିଦି ଥାଙ୍ଗେ
କି କି ଖେଲ୍ ଖୋ ଖୋ ଆର୍ କବାଡି ଶିଖିତେଛ୍
ଭୁବନେଶର୍ ଗାଲାନି
କି କି ପ୍ରାଇଜ୍ ମନ୍ ଆନଲାନି
ସେ ନବରଙ୍ଗପୁରର ନା ରଖତେଛ୍
ସଫାଡ୍ରେସ୍ ଆର୍ ନଖକାଟ୍ ବାଟା
ପରିବେଶ୍ ସାଫ୍ ରଖ୍ ବାର୍ ଲାଗେ
କେତେ ଭାଷଣ ଦେଇଛନ୍
ବୈଦୀ ନନୀ ଆମଦିର
ସ୍ୱଚ୍ଛ ଭାରତ କଥା କହଲାନି



**ଯୋଗାଯୋଗ ନମ୍ବର: ୯୪୩୭୭୮୮୮୭୦**




# କ୍ରସର ୟୁନିଟରୁ ମୂଲ୍ୟବାନ ସାମଗ୍ରୀ ଚୋରି, ଥାନାରେ ଅଭିଯୋଗ



**ଖଣ୍ଡପଡା(ଏନ୍.ଏମ୍.):** ଖଣ୍ଡପଡା ବ୍ଲକ ଅଧିନ ଯୋଗିଆପଲ୍ଲୀ ଘାଟି ନିକଟରେ ଅବସ୍ଥିତ ବାବା ନୀଳକଣ୍ଠେଶ୍ୱର କ୍ରସର ୟୁନିଟରୁ ସ୍ଥାନୀୟ ଅଞ୍ଚଳର କେତେକ ଦୁର୍ବୃର୍ତ୍ତ ବହୁ ମୂଲ୍ୟବାନ ସାମଗ୍ରୀ ଲୁଟି ନେଇଥିବା ଜଣାପଡିଛି। କ୍ରସର ୟନିଟର ମାଲିକ ଆନନ୍ଦ ଚନ୍ଦ୍ର ଦଳେଇ ଖଣ୍ଡପଡା ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। କ୍ରସର ୟୁନିଟ ପରିସରରୁ ଦୁର୍ବୃର୍ତ୍ତମାନେ ଷ୍ଟାଟର, ବ୍ୟାଟେରୀ ହାମର ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଥିବା ବେଳେ ଏହି ଚୋରି ଘଟଣା ପଛରେ ନିକଟବର୍ତ୍ତୀ ଅଞ୍ଚଳର କେତେକ ଅସାମାଜିକ ଯୁବକ ସଂପୃକ୍ତ ଥିବା ନେଇ ଖଣ୍ଡପଡା ଥାନାରେ ଦାୟର ହୋଇଥିବା ଜଣାପଡିଛି। ଅଭିଯୋଗ ଆଧାରରେ ପୁଲିସ ଘଟଣାସ୍ଥଳରେ ପହଁଚି ସ୍ଥିତି ଅନୁଧ୍ୟାନ କରିବା ସହ ଘଟଣାର ତଦନ୍ତ ଚଳାଇଥିବା ଖଣ୍ଡପଡା ପୁଲିସ ସୂତ୍ରରୁ ଜଣାପଡିଛି। କ୍ରସର ୟୁନିଟରୁ ଚୋରି ହୋଇଥିବା ସାମଗ୍ରୀ ଗୁଡିକର ଆନୁମାନିକ ମୂଲ୍ୟ ୫୦ ହଜାରରୁ ଉର୍ଦ୍ଧ ହେବ ବୋଲି ଜଣାପଡିଛି। ପ୍ରକାଶଥାଉକି ଏହି ଚୋରି ଘଟଣା ପଛରେ କିଛି କବାଡିଆ ବାଲାଙ୍କ ହାତ ଥିବା ନେଇ ମଧ୍ୟ ପୁଲିସ ସନ୍ଦେହ କରୁଛି। ଚୋରି ଘଟଣାର ପର୍ଦ୍ଦାଫାସ ସହ ଘଟଣାରେ ସଂପୃକ୍ତ ଅସାମାଜିକ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

# ବେଙ୍ଗାଲୁରୁଠାରେ ଓଡ଼ିଶାର ଚିତ୍ରକଳା ପ୍ରଦର୍ଶନୀ ଉଦଘାଟିତ

## ପ୍ରଦର୍ଶନୀ ମାଧ୍ୟମରେ ନିଜକୁ ପ୍ରତିଷ୍ଠିତ କରିପାରିବେ ଆମ ରାଜ୍ୟର ଶିଳ୍ପୀ- ସଂସ୍କୃତି ମନ୍ତ୍ରୀ

**ଭୁବନେଶ୍ୱର(ଏନ୍.ଏମ୍.):** ବେଙ୍ଗାଲୁରୁର କର୍ଣ୍ଣାଟକ ଚିତ୍ରକଳା ପରିଷଦ ଆର୍ଟ ଗ୍ୟାଲେରୀ ଠାରେ ଓଡ଼ିଶାର ପ୍ରସିଦ୍ଧ ଆଦିବାସୀ (ସଉରା) ଚିତ୍ରକଳାର ପ୍ରଦର୍ଶନୀକୁ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଉଦଘାଟନ କରିଛନ୍ତି। ପ୍ରଦର୍ଶନୀ ଉଦଘାଟନ ଉତ୍ସବରେ ଯୋଗଦାନ କରି ମନ୍ତ୍ରୀ ଶ୍ରୀ ପାତ୍ର ଆମର କଳା ଓ ସ୍ଥାପତ୍ୟକୁ ନେଇ କିପରି ଶିଳ୍ପୀମାନେ ଭାରତର ପ୍ରମୁଖ ସହରମାନଙ୍କରେ ପ୍ରଦର୍ଶନୀ କରି ନିଜକୁ ପ୍ରତିଷ୍ଠିତ କରିପାରିବେ, ତାହା ପ୍ରକାଶ କରିଥିଲେ। ଏଥି ସହିତ ଓଡ଼ିଶା ଲଳିତ କଳା ଏକାଡ଼େମୀର ଏଭଳି ପ୍ରୟାସକୁ ମନ୍ତ୍ରୀ ଶ୍ରୀ ପାତ୍ର ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢୀ, କର୍ଣ୍ଣାଟକ କନ୍ନଡ ସଂସ୍କୃତି ବିଭାଗର ସଚିବ ଡକ୍ଟର ଏନ.ମଞ୍ଜୁଳା, ଓଡ଼ିଶା ଲଳିତ କଳା ଏକାଡ଼େମୀ ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଓ କର୍ଣ୍ଣାଟକ ଲଳିତ କଳା ଏକାଡ଼େମୀ ସଭାପତି ଡି.ମହେନ୍ଦ୍ର ପ୍ରମୁଖ ଶିଳ୍ପୀମାନଙ୍କ ଚିତ୍ରକଳାକୁ ଅବଲୋକନ କରିବା ସହ ସେଥିରେ ଆଦିବାସୀ ଜନଜାତି ସଂସ୍କୃତି, ଫସଲ ଅମଳ, ନାଚ ଗୀତ, ପୂଜା ପାର୍ବଣ ଆଦି ବିଷୟ ବସ୍ତୁ ସବୁ ଖୁବ୍ ମର୍ମସ୍ପର୍ଶୀ ହୋଇଛି ବୋଲି କହିଥିଲେ। ପ୍ରାରମ୍ଭରେ ଏକାଡ଼େମୀର ସଚିବ ତଥା ଚିତ୍ରଶିଳ୍ପୀ ପଞ୍ଚାନନ ସାମଲ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ଉକ୍ତ ପ୍ରଦର୍ଶନୀ ଦ୍ୱାରା ଶିଳ୍ପୀମାନେ କାନଭାସ ଉପରେ ଓଡ଼ିଶାର କଳା ଓ ସଂସ୍କୃତିକୁ ସୁନ୍ଦର ଭାବେ ଚିତ୍ରଣ କରିଛନ୍ତି ବୋଲି କହିଥିଲେ। ପ୍ରକାଶ ଥାଉକି, ଗତ ଜୁଲାଇ ୨୮ତାରିଖ ଠାରୁ ଆରମ୍ଭ ହୋଇଥିବା ଆଦିବାସୀ ଚିତ୍ରକଳା ଶିବିରରେ ୪ ଦିନ ଧରି ଅଙ୍କନ କରିଥିବା ଚିତ୍ରଗୁଡିକୁ ନେଇ ଆୟୋଜିତ ଏହି ପ୍ରଦର୍ଶନୀ ହୋଇଥିଲା। ଓଡିଶାରୁ ଆସିଥିବା ୨୫ ଜଣ ଆଦିବାସୀ ଶିଳ୍ପୀ ଏଠାକାର ପ୍ରଦର୍ଶନୀ ଗୃହ ଓ ଆର୍ଟ ମିଉଜିୟମ ଦେଖିବା ସହ ଅନ୍ୟ ସ୍ଥାନମାନ ଦେଖିଥିଲେ।




# ଆଇଏଏସସ୍ତରରେ ବଡ଼ଧରଣର ଅଦଳବଦଳ

**ଭୁବନେଶ୍ୱର(ଏନ୍.ଏମ୍.):** ରାଜ୍ୟ ସରକାର ଆଜି ଆଇଏଏସସ୍ତରରେ ଅଦଳବଦଳ କରିଛନ୍ତି। କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିବା ୧୯୯୬ ବ୍ୟାଚର ଆଇଏଏସ୍ ଅରବିନ୍ଦ ପାଢ଼ୀଙ୍କୁ କୃଷି ଓ କୃଷକ କଲ୍ୟାଣ ବିଭାଗର ପ୍ରମୁଖ ସଚିବ ଏବଂ ଆଇଏଏସ୍ ଏସ୍. ଅଶ୍ୱଥିଙ୍କୁ ସ୍କୁଲ ଓ ଗଣଶିକ୍ଷା ସଚିବ ଭାବେ ନିଯୁକ୍ତି ମିଳିଛି। ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନାଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ସଞ୍ଜିବ ଚୋପ୍ରାଙ୍କୁ କୃଷି ବିଭାଗର ଅତିରିକ୍ତ ଦାୟିତ୍ୱରୁ ମୁକ୍ତ କରାଯାଇଛି।
ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ୧୯୯୫ ବ୍ୟାଚ୍ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗର ସଚିବ ପଦରୁ ହଟାଇ ଦିଆଯାଇଛି। ତାଙ୍କୁ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ସଚିବ ଭାବେ ବଦଳି କରାଯାଇଛି ଓ ସେ ଅତିରିକ୍ତ ଭାବେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଭାବେ କାର୍ଯ୍ୟ କରିବେ। ଏଥି ସହିତ ଶ୍ରୀ ପାଢ଼ୀ ମଧ୍ୟ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଶ୍ରୀ ପାଢ଼ୀ କୃଷି ବିଭାଗର ଦାୟିତ୍ୱ ନେବା ଦିନ ହିଁ ଅତିରିକ୍ତ ମୁଖ୍ୟ ସଚିବ ସଞ୍ଜିବ ଚୋପ୍ରାଙ୍କ ପାଖରେ ଥିବା ଏହି ଅତିରିକ୍ତ ଦାୟିତ୍ୱ ରଦ୍ଦ ହୋଇଯିବ। ସେହିପରି ୧୯୯୭ ବ୍ୟାଚ୍ ଆଇଏଏସ୍ ସଞ୍ଜୟ କୁମାର ସିଂଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି। ଶ୍ରୀ ସିଂ ଏବେ ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ସେ ଅତିରିକ୍ତ ଭାବେ ବିଡିଏ ଉପାଧ୍ୟକ୍ଷ, ଭୁବନେଶ୍ୱର ସ୍ମାର୍ଟ ସିଟି ପରିଚାଳନା ନିର୍ଦ୍ଦେଶକ ଭାବେ ମଧ କାର୍ଯ୍ୟ ଜାରି ରଖିବେ। ସେହିପରି କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିବା ୨୦୦୩ ବ୍ୟାଚ୍ ଆଇଏଏସ୍ ଏସ୍ ଅଶ୍ୱଥିଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗର କମିଶନର ତଥା ସଚିବ ଭାବେ ନିଯୁକ୍ତି ମିଳିଛି।

# ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତି ନିମନ୍ତେ ବାହାର ଅଞ୍ଚଳର ଆବେଦନକାରୀ, ଅଭିଯୋଗର ତଦନ୍ତ ଆରମ୍ଭ

**ଖଣ୍ଡପଡା(ଏନ୍.ଏମ୍.):** ଖଣ୍ଡପଡା ବ୍ଲକ ରାଣୀଛେଲି ପଂଚାୟତ କଳପଙ୍ଗୀ ଅଙ୍ଗନୱାଡ଼ି କେନ୍ଦ୍ରରେ କର୍ମୀ ନିଯୁକ୍ତି ନିମନ୍ତେ ପ୍ରକାଶିତ ବିଜ୍ଞାପନ ଆଧାରରେ ୮ଜଣ ପ୍ରାର୍ଥୀନି ଆବେଦନ କରିଥିଲେ। ଆବେଦନକାରୀ ଉର୍ମିଳା ଜେନା ସ୍ଥାୟୀ ଭାବେ କଳପଙ୍ଗୀ ଗ୍ରାମରେ ନରହି ଭାପୁର ବ୍ଲକ ଅଧିନ ଧାନଚେଙ୍ଗଡା ଗ୍ରାମରେ ଦିର୍ଘ ବର୍ଷ ଧରି ରହି ଆସୁଥିବା ନେଇ ଅଭିଯୋଗ ଉଠିଥିଲା। ଉର୍ମିଳା ଓ ତାଙ୍କ ସ୍ୱାମୀଙ୍କ ନାମ ଧାନଚେଙ୍ଗଡା ପଂଚାୟତର ଭୋଟର ତାଲିକାରେ ଥିବା ବେଳେ ସେ ଚଟଂକତା କରି ଖଣ୍ଡପଡା ତହସିଲ କାର୍ଯ୍ୟାଳୟରୁ ଏକ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ଯୋଗାଡ କରି ଅଙ୍ଗନୱାଡ଼ି କର୍ମୀ ପଦବୀ ନିମନ୍ତେ ଆବେଦନପତ୍ର ଦାଖଲ କରିଥିଲେ। ଏ ସଂପର୍କରେ ଅଭିଯୋଗ ଉଠିବା ପରେ ଖଣ୍ଡପଡା ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ସତ୍ୟଭାମା ଦେବୀ, ସୁପରଭାଇଜର ଓ ଆଇସିଡିଏସ କର୍ମଚାରୀମାନେ ସୋମବାର ଉକ୍ତ ଗ୍ରାମକୁ ପରିଦର୍ଶନରେ ଯାଇ ଅଭିଯୋଗର ତଦନ୍ତ କରିଛନ୍ତି। ଗ୍ରାମବାସୀଙ୍କ ଠାରୁ ସମସ୍ତ ତଥ୍ୟ ସଂଗ୍ରହ କରାଯାଇଥିବା ବେଳେ ଖୁବ ଶିଘ୍ର ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ସୁତ୍ରରୁ ଜଣାପଡିଛି।

# ମହାନଦୀରେ ପୁଣି କୁମ୍ଭୀର: ଜନସାଧାରଣ ଆତଙ୍କିତ

**ଚୌଦ୍ୱାର(ଏନ୍.ଏମ୍.):** ମହାନଦୀରେ ପୁଣି କୁମ୍ଭୀର ଆତଙ୍କ ଦେଖିବାକୁ ମିଳିଛି। ସମ୍ପ୍ରତି ମହାନଦୀ ଉପରେ ନଦୀକୁଳିଆ ଲୋକମାନେ ବିଶେଷ ନିର୍ଭର କରୁଥିବାବେଳେ କୁମ୍ଭୀର ବୁଲିବା ଦେଖି ନଦୀ କୂଳିଆ ଲୋକେ ଏବେ ଛାନିଆ ହୋଇ ପଡ଼ିଲେଣି। ବିଶେଷ କରି ଟିକରପଡ଼ା ସାତକୋଶିଆ ଗଣ୍ଡରୁ କୁମ୍ଭୀରମାନେ ବେଳେ ବେଳେ ଚାଲିଆସୁଥିବା ଦେଖିବାକୁ ମିଳିଛି। ନିକଟ ଅତୀତରେ ବହୁବାର କୁମ୍ଭୀର ଚାଲି ଆସୁଥିବା ବେଳେ ଜନସାଧାରଣ ଭୟଭୀତ ହୋଇ ପଡ଼ିଥିଲେ। ଏପରିକି ବନବିଭାଗ ଓଡ୍ରାଫ ଟିମ ପକ୍ଷରୁ କୁମ୍ଭୀରମାନଙ୍କୁ ଉଦ୍ଧାର କରାଯାଇଥିଲା। ତେବେ ଉକ୍ତ କୁମ୍ଭୀର ଦେହରେ ଅତ୍ୟାଧୁନିକ ଡିଭାଇସ ଲାଗିଥିବା ଦେଖିବା ପରେ ଏହି କୁମ୍ଭୀରଗୁଡ଼ିକୁ ବିଭାଗ ପକ୍ଷରୁ ରିସର୍ଚ୍ଚ କରାଯାଉଥିବା ଜଣାପଡ଼ିଥିଲା। ତେବେ କୁମ୍ଭୀରଟି ମହାନଦୀ ସମେତ ବିରୂପା ନଦୀରେ ବୁଲୁଥିବା ଦେଖିବା ପରେ ଅଞ୍ଚଳରେ ଅସନ୍ତୋଷ ତେଜିବାରେ ଲାଗିଥିଲା। ଫଳରେ ବିଭାଗ ପକ୍ଷରୁ କୁମ୍ଭୀରକୁ ନିଆଯାଇଥିଲା। ତେବେ ଆଜି ମହାନଦୀର ସ୍ଥାନୀୟ ଚୌଦ୍ୱାରସ୍ଥିତ କୟଳପଡ଼ା ନୂଆପାଟଣା ବାଲିଘାଟ ନିକଟରେ ଏକ କୁମ୍ଭୀର ବୁଲୁଥିବା ଦେଖିବାକୁ ମିଳିଥିଲା। ଉକ୍ତ କୁମ୍ଭୀରଟି କେତେବେଳେ ନିକଟସ୍ଥ ବାଲି ପଠାରେ ତ ଆଉ କେତେବେଳେ ପାଣିଭିତରେ ପହଁରୁଥିବା ଅଞ୍ଚଳବାସୀ ଦେଖିଥିଲେ। ତେବେ ପୁଣି କୁମ୍ଭୀର ଆସିବା ନେଇ ଅଞ୍ଚଳବାସୀ ଆତଙ୍କିତ ହୋଇ ପଡ଼ିଛନ୍ତି। ତେଣୁ ବିଭାଗୀୟ ଅଧିକାରୀ ଏହି କୁମ୍ଭୀରକୁ ତୁରନ୍ତ ନେଇ ଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



## ହର ଘର ତ୍ରିରଙ୍ଗା ଅଭିଯାନରେ ସାମିଲ ହେଲା ଜଗତସିଂହପୁର ଜିଲ୍ଲା

# ଦେଶରେ ପ୍ରଥମ ଜିଲ୍ଲା ଭାବେ ଗଢ଼ିତୋଳିବାକୁ ଜିଲ୍ଲାପାଳଙ୍କ ଆହ୍ୱାନ

**ଜଗତସିଂହପୁର(ଏନ୍.ଏମ୍.):** ଜଗତସିଂହପୁର ଜିଲ୍ଲା ପୋଷ୍ଟଅଫିସର 'ହର ଘର ତ୍ରିରଙ୍ଗା' ଅଭିଯାନରେ ସାମିଲ ହେବା ସହ ଜିଲ୍ଲାକୁ ସୁକନ୍ୟା ସମୃଦ୍ଧି ଯୋଜନାରେ ସମଗ୍ର ରାଜ୍ୟରେ ତଥା ଦେଶରେ ପ୍ରଥମ ଜିଲ୍ଲା ଭାବେ ପରିଗଣିତ କରିବାକୁ ସମଗ୍ର ଜିଲ୍ଲାବାସୀଙ୍କୁ ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ପାରୁଲ ପଟାଓ୍ୱରିଙ୍କ ଅଧକ୍ଷତାରେ କଟକ ଦକ୍ଷିଣ ଡାକ-ମଣ୍ଡଳର ଡାକ ଅଧିକ୍ଷକ ଗଜେନ୍ଦ୍ର ପ୍ରସାଦ କର ଓ ଅତିରିକ୍ତ ଜିଲ୍ଲାପାଳ ଚିନ୍ମୟୀ ବିଶ୍ୱାଳଙ୍କ ସହିତ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଭାରତ ସରକାର 'ହର ଘର ତ୍ରିରଙ୍ଗା' ଅଭିଯାନ, ପୋଷ୍ଟ ଅଫିସର ଅନେକ ସ୍କିମ ମଧ୍ୟରୁ ବାଲ ଆଧାର ଏବଂ ସୁକନ୍ୟା ଯୋଜନା ଉପରେ ଗୁରୁତ୍ୱ ଦେବା ସହ ଆଲୋଚନା କରାଯାଇଥିଲା। ପୋଷ୍ଟଅଫିସର 'ହର ଘର ତ୍ରିରଙ୍ଗା' ଅଭିଯାନକୁ ଆହୁରି ସୁଦୃଢ କରିବା ପାଇଁ ଆଜି ଜଗତସିଂହପୁର ଜିଲ୍ଲାପାଳ ଶ୍ରୀମତୀ ପଟାଓ୍ୱରି ଆଗେଇଆସିବା ସହିତ ଜଗତସିଂହପୁର ଜିଲ୍ଲାର ସମସ୍ତ ଜନସାଧାରଣ ନିକଟସ୍ଥ ସମସ୍ତ ପୋଷ୍ଟଅଫିସରୁ ଏହି ଜାତୀୟ ପତାକା ମାତ୍ର ୨୫ ଟଙ୍କାରେ କିଣି ଆସନ୍ତା ଅଗଷ୍ଟ ୧୩ ରୁ ୧୫ ଏହି ୩ ଦିନ ଭାରତ ସରକାରଙ୍କ 'ହର ଘର ତ୍ରିରଙ୍ଗା' ମହୋତ୍ସବକୁ ପାଳନ କରିବାକୁ ଅନୁରୋଧ କରିଛନ୍ତି। ତା ସହିତ ପୋଷ୍ଟ ଅଫିସ ହେଉଛି ଭାରତର ସରକାରଙ୍କ ସର୍ବ ପୁରାତନ ଏବଂ ଭରସାଯୋଗ୍ୟ ସଂସ୍ଥା ହେବା ସହ ଦେଶ,ରାଜ୍ୟ ଓ ପ୍ରତେକ ଜିଲ୍ଲାର କୋଣ ଅନୁକୋଣରେ ରହି ବିଭିନ୍ନ ପ୍ରକାରର ସେବା ସମସ୍ତ ଜନସାଧାରଣଙ୍କୁ ଯୋଗାଇ ଆସୁଛି ବୋଲି କହିଥିଲେ। ଜିଲ୍ଲାରେ ଥିବା ସମସ୍ତ ଅଙ୍ଗନବାଡି କେନ୍ଦ୍ରମାନଙ୍କରେ ଆସନ୍ତାକାଲି ଠାରୁ ଆରମ୍ଭ ହେବାକୁ ଥିବା ପୋଷ୍ଟ ଅଫିସ ଦ୍ୱାରା ନୂତନ ବାଲ ଆଧାର କ୍ୟାମ୍ପ ସହିତ ଜନ୍ମରୁ ୧୦ ବର୍ଷ ଭିତରେ ଜନ୍ମିଥିବା ସମସ୍ତ କନ୍ୟାସନ୍ତାନ ଯେମିତି ସୁକନ୍ୟା ଯୋଜନାରେ ନିଜକୁ ନିୟୋଜିତ କରି ଜଗତସିଂହପୁର ଜିଲ୍ଲାକୁ ସମଗ୍ର ରାଜ୍ୟ ତଥା ଦେଶରେ ପ୍ରଥମ ଜିଲ୍ଲା ଭାବେ ଗଢିତୋଳିବାରେ ସହାୟକ ହେବେ ବୋଲି ସମଗ୍ର ଜିଲ୍ଲା ବାସୀଙ୍କୁ ନିବେଦନ କରିଛନ୍ତି ଜିଲ୍ଲାପାଳ ମହୋଦୟ। ଏଥିପାଇଁ ଜିଲ୍ଲାପାଳ ମହୋଦୟା ସମସ୍ତ ସିଡିପିଓ, ସୁପରଭାଇଜର ଏବଂ ସମସ୍ତ ଅଙ୍ଗନବାଡି କର୍ମୀମାନଙ୍କୁ ଡାକ ବିଭାଗର କର୍ମଚାରୀମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ନିର୍ଦ୍ଦେଶ ଦେବା ସହିତ ପ୍ରତି ସପ୍ତାହରେ ଏହାର ସମୀକ୍ଷା କରାଯିବବୋଲି କହିଛନ୍ତି। ନୂତନ ବାଲ ଆଧାର କରିବା ପାଇଁ ପିଲାମାନଙ୍କର ଜନ୍ମ ପ୍ରମାଣ ପତ୍ର ସହିତ ପିତା କିମ୍ବା ମା' ଙ୍କ ମଧ୍ୟରୁ ଜଣଙ୍କର ଆଧାର କାର୍ଡର ଅରିଜିନାଲ ଡକୁମେଣ୍ଟ ଏବଂ ସୁକନ୍ୟା ସମୃଦ୍ଧି ଆକାଉଣ୍ଟ ପାଇଁ ଝିଅମାନଙ୍କର ଜନ୍ମ ପ୍ରମାଣପତ୍ର ସହିତ ଅଭିଭାବକ ମାନଙ୍କର ଆଧାର କାର୍ଡ, ୨ଟି ଫୋଟୋ ସହିତ ଆକାଉଣ୍ଟ ଖୋଲିବା ଲାଗି ଟଙ୍କା ଆଣି ଅଙ୍ଗନବାଡି କେନ୍ଦ୍ରରେ ହୋଇଥିବା ପୋଷ୍ଟ ଅଫିସ କ୍ୟାମ୍ପକୁ ଆସିବାକୁ ପଡିବ ଏବଂ ନୂତନ ବାଲ ଆଧାର ୨୫୦ଦେୟମୁକ୍ତ ହେବ,ଏହି କ୍ୟାମ୍ପ ଅଗଷ୍ଟ ୩୧ ତାରିଖରେ ଶେଷ ହେବ ଓ ହ୍ୱାଟ୍ସଆପ ନମ୍ବର ୯୮୫୩୭୦୫୪୪୨ ମାଧ୍ୟମରେ ଘରେ ବସି ଜାତୀୟ ପତାକା କିଣିବାକୁ ମିସେଜ ମାଧ୍ୟମରେ ଅର୍ଡର ଦେଇପାରିବେ। ନିକଟସ୍ଥ ଡାକ କର୍ମଚାରୀ ଏହାକୁ ବିତରଣ କରିବେ ବୋଲି ଶ୍ରୀଯୁକ୍ତ କର କହିଛନ୍ତି। ଏହି ସଭାରେ ଜଗତସିଂହପୁର ଉପ ଡାକମଣ୍ଡଳର ସହକାରୀ ଡାକ ଅଧିକ୍ଷକ ବ୍ରଜେନ୍ଦ୍ର ହେମରମ, ଜଗତସିଂହପୁର ପ୍ରଧାନ ଡାକଘର ପ୍ରଧାନ ଡାକପାଳ ରଞ୍ଜନ କୁମାର ସାହୁ ଏବଂ ବିଶ୍ୱନାଥ ଯତି ଉପସ୍ଥିତ ଥିଲେ।



# ଗୁଣିଗାରେଡ଼ି ସନ୍ଦେହରୁ ନିର୍ମମ କାଣ୍ଡ; ଆଖି ବୁଜିଲା ବାପା, ୨ ପୁଅ ଗୁରୁତର

**ରାୟଗଡ଼ା(ଏନ୍.ଏମ୍.):** ଗୁଣି ଗାରେଡ଼ି ସନ୍ଦେହ ଉଜାଡ଼ିଦେଲା ପରିବାର। ରାତି ଅଧରେ ଘରୁ ବାପ ଓ ୨ ପୁଅଙ୍କୁ ଟାଣି ଆଣି ନିର୍ଦ୍ଧୂମ ପିଟିଲେ ଗାଁ ଲୋକେ। ଗୁରୁତର ୨ ପୁଅ ଖସି ପଳାଇଥିବା ବେଳେ ଘଟଣାସ୍ଥଳରେ କିନ୍ତୁ ଜୀବନ ହାରିଛି ବାପା । ଗୁରୁତର ୨ ପୁଅ ଏବେ ମେଡିକାଲରେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ଏପରି ଅଭାବନୀୟ ଘଟଣା ଗତକାଲି ବିଳମ୍ବିତ ରାତିରେ ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଉଦୁକାବାହାଲ ପଞ୍ଚାୟତ ଟିଟିଗୁଡା ଗାଁରେ ଘଟିଛି। ମୃତକ ହେଲେ ୫୫ ବର୍ଷୀୟ ଦଇ ମାଝି । ଗତକାଲି ରାତିରେ ଘରେ ଦଇ ମାଝି, ସ୍ତ୍ରୀ ଓ ଦୁଇ ପୁଅ ଥିବା ବେଳେ ସେମାନେ ଶୋଇ ପଡ଼ିଥିଲେ। ରାତି ପ୍ରାୟ ୧୨ଟା ପରେ ଗାଁର ୨୦ରୁ ଊର୍ଦ୍ଧ୍ୱ ଲୋକ ତାଙ୍କ କବାଟ ଭାଙ୍ଗି ବାପ ଓ ୨ ପୁଅଙ୍କୁ ବାହାରକୁ ଘୋଷାଡ଼ି ଆଣିଥିଲେ। ଏହାପରେ ସେମାନେ ୩ ଜଣଙ୍କୁ ଗାଁ ମଝିରେ ବାନ୍ଧି ଦେଇ ନିର୍ଦ୍ଧୂମ ପିଟିଥିଲେ। ତୁମେମାନେ ଗୁଣିଗାରେଡ଼ି କରୁଥିବାରୁ ଅକାଳରେ ଗାଁର ବହୁ ଲୋକ ଜୀବନ ହାରୁଛନ୍ତି ବୋଲି କହିଥିଲେ। ଏହା ମଧ୍ୟରେ ୨ ପୁଅ ଖସି ଦୌଡ଼ି ଖସି ପଳାଇବାକୁ ସକ୍ଷମ ହୋଇଥିବା ବେଳେ ଦଇ ମାଝି କିନ୍ତୁ ଖସି ପାରି ନ ଥିଲେ। ଫଳରେ ଗ୍ରାମବାସୀଙ୍କ ନିର୍ଯାତନା ସହି ନ ପାରି ଘଟଣାସ୍ଥଳରେ ହିଁ ସେ ପ୍ରାଣ ହରାଇଥିଲେ। ଗୁରୁତର ୨ ପୁଅ ଟିକିରି ମେଡିକାଲରେ ଚିକିତ୍ସାଧୀନ ଥିବା ବେଳେ ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଖବର ପାଇ ପୁଲିସ୍ ପହଞ୍ଚି ତଦନ୍ତ କରି ଜଣଙ୍କୁ ଅଟକ ରଖିଛି। ଏହି ଘଟଣା ପରେ ଗ୍ରାମରେ ଏକ ପ୍ରଭାର ଭୟର ବାତାବରଣ ଖେଳି ଯାଇଛି।



# ଡ୍ରପ୍ଆଉଟ୍ ରୋକିବାକୁ ଅପଗ୍ରେଡ୍ ହେବ ୧୦୦ ହାଇସ୍କୁଲ



**ଭୁବନେଶ୍ୱର (ଏନ୍.ଏମ୍.):** ଡ୍ରପ୍ ଆଉଟ୍ ରୋକିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବ। ଆସନ୍ତା ଶିକ୍ଷାବର୍ଷରୁ ୧୦୦ଟି ହାଇସ୍କୁଲକୁ ଅପଗ୍ରେଡ୍ କରିବ। ଯେଉଁସବୁ ବ୍ଲକରେ +୨ କଲେଜ ନାହିଁ, ସେଠାରେ ହାଇସ୍କୁଲକୁ ଅପଗ୍ରେଡ୍ କରାଯିବ। ଏନେଇ ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ। ସେ କହିଛନ୍ତି, ମାଟ୍ରିକ ପାସ୍ ପରେ +୨ କଲେଜ ନଥିବାରୁ ପିଲାଏ ପାଠ ଛାଡୁଛନ୍ତି। ଏଥିରେ ଛାତ୍ରୀମାନେ ବେଶୀ ପ୍ରଭାବିତ ହେଉଛନ୍ତି। ଅଧାରୁ ପାଠ ପଢ଼ା ଛାଡ଼ି ନିଜକୁ ଘର କାମରେ ନିୟୋଜିତ କରୁଛନ୍ତି। ଏଥିରେ ବ୍ରେକ୍ ଲଗାଇବା ପାଇଁ ହାଇସ୍କୁଲକୁ ଅପଗ୍ରେଡେସନ୍ କରିବାକୁ ରାଜ୍ୟ ସରକାର ଯୋଜନା କରୁଥିବା ଜଣାପଡ଼ିଛି। ଏହାଦ୍ୱାରା ଡ୍ରପ୍ ଆଉଟ୍ କମିବ ବୋଲି ଆଶା କରାଯାଇଛି। ରାଜ୍ୟ ସରକାରଙ୍କ ଏହି ବ୍ୟବସ୍ଥା ଦ୍ୱାରା ପିଲାମାନେ କେତେ ଲାଭବାନ ହେଉଛନ୍ତତ, ତାହା ସମୟ କହିବ। ଛାଡୁଛନ୍ତି। ଏଭଳି ପଦକ୍ଷେପ ପରେ ଝିଅ ପିଲା ଉପକୃତ ହେବେ ବୋଲି ମନ୍ତ୍ରୀ କହିଛନ୍ତି।
ସୂଚନାରୁ ପ୍ରକାଶ, ଆଦିବାସୀ ଅଧ୍ୟୁଷିତ ଓ ଦୁର୍ଗମ ଅଞ୍ଚଳରେ ବହୁ ଦୂରରେ କଲେଜ ରହିଛି। ତେଣୁ ମାଟ୍ରିକ୍ ପାସ୍ ପରେ ଏତେ ଦୂର ଯାଇ ପାଠ ପଢ଼ିବା କାଠିକର ପାଠ ହେଉଛି। ଯେଉଁଥିପାଇଁ ପିଲାମାନେ ପାଠ ପଢ଼ା

# ରାଗିଂ ରୋକିବାକୁ କଠୋର ହେଲେ ସରକାର: ଏଣିକି ଅଭିଯୁକ୍ତଙ୍କ ବିରୋଧରେ ଏତଲା

**ଭୁବନେଶ୍ୱର(ଏନ୍.ଏମ୍.):** ଆରମ୍ଭ ହେବାକୁ ଯାଉଛି ନାମଲେଖା ଋତୁ। ତା'ପୂର୍ବରୁ ରାଗିଂ ରୋକିବା ଲାଗି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କଡ଼ା ନିୟମ କରାଯାଇଛି। କୌଣସି ଶିକ୍ଷାନୁଷ୍ଠାନ ଛାତ୍ର/ଛାତ୍ରୀ ଯଦି ରାଗିଂରେ ସମ୍ପୃକ୍ତ ଥିବା ଜଣାପଡ଼େ ତେବେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ନିକଟସ୍ଥ ଥାନାରେ ଏତଲା ଦେବାକୁ ଉଚ୍ଚଶିକ୍ଷା ବିଭାଗ ଅଧୀନ ସମସ୍ତ କଲେଜ ଅଧକ୍ଷ ଓ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କେବଳ ସେତିକି ନୁହେଁ, ରାଗିଂ ଉପରେ ନଜର ରଖିବାକୁ ତ୍ରିସ୍ତରୀୟ କମିଟି ଗଠନ କରାଯିବ। ରାଜ୍ୟ, ଜିଲ୍ଲା ଓ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଗଢ଼ା ହେବାକୁ ଥିବା କମିଟି ବିଭିନ୍ନ ସମୟରେ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ଅଚାନକ ଗସ୍ତ କରି ଯାଞ୍ଚ କରିବେ। କଲେଜସ୍ତରରେ ଆଣ୍ଟି ରାଗିଂ ସ୍କ୍ୱାଡ୍ ଗଠନ କରାଯିବ। ଯେଉଁଥିରେ ୩ ରୁ ୪ ଜଣ ଅଧ୍ୟାପକ ସାମିଲ ରହିବେ। ଶିକ୍ଷାବର୍ଷ ଆରମ୍ଭରେ ପିଲାଙ୍କ ଅଭିଭାବକ ମାନେ ମଧ www.antiragging.in ଓ www.amanmovement.org ୱେବସାଇଟରେ ୨୦୨୧ ଅକ୍ଟୋବର ୨୭ରେ ୟୁଜିସି ପକ୍ଷରୁ ଜାରି ଆଣ୍ଟିଂ ରାଗିଂ ଅଣ୍ଡରଟେକିଂ ଦାଖଲ କରିବେ। ଶିକ୍ଷାନୁଷ୍ଠାନ ଗୁଡ଼ିକ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଠାରୁ ଆନେକ୍ସ ସି(୧) ଓ ସି(୨)ରେ ଅଣ୍ଡରଟେକିଂ ଲେଖି ରଖିବେ। ଏହା କୌଣସି ଆଫିଡେବିଟ୍ ହୋଇ ନ ଥିବାରୁ ନୋଟାରିର ଦସ୍ତଖତର ଆବଶ୍ୟକତା ନାହିଁ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସେପଟେ ଶିକ୍ଷାନୁଷ୍ଠାନଗୁଡ଼ିକ ପ୍ରତି ତିନି ମାସରେ ଛାତ୍ରଛାତ୍ରୀଙ୍କୁ ଆଣ୍ଟି-ରାଗିଂ ସମ୍ପର୍କିତ ପଚାରପତ୍ର ବାଣ୍ଟିବେ। ଏଥିରେ ଜାତୀୟ ଆଣ୍ଟିଂ ରାଗିଂ ହେଲପଲାଇନ୍ ନମ୍ବର, ଶିକ୍ଷାନୁଷ୍ଠାନର ଇ-ମେଲ୍ ଆଇଡି, ମୋବାଇଲ୍ ନମ୍ବର, ହଷ୍ଟେଲ ୱାର୍ଡେନ୍, ସୁପରିଟେଣ୍ଡେଣ୍ଟ, ଅଧକ୍ଷ, ଆଣ୍ଟି ରାଗିଂ ସ୍କ୍ୱାଡ୍ ସଦସ୍ୟଙ୍କ ଫୋନ୍




ନମ୍ବର ଓ ଇମେଲ୍ ଆଇଡି ରହିବା ନିତ୍ୟାନ୍ତ ଜରୁରୀ। ଶିକ୍ଷାନୁଷ୍ଠାନର ବିଭିନ୍ନ ସ୍ଥାନରେ ଲାଗିଥିବା ଡିସପ୍ଲେ ବୋର୍ଡରେ ମଧ ଉକ୍ତ ନମ୍ବରଗୁଡ଼ିକ ପ୍ରଦର୍ଶିତ ହେବ। ହଷ୍ଟେଲ ଗୁଡ଼ିକରେ ମଧ ଉକ୍ତ ନମ୍ବର ଲଗାଯିବା ବାଧ୍ୟତାମୂଳକ। ଆଣ୍ଟି ରାଗିଂ ନେଇ କ୍ୟାମ୍ପସରେ ଡ୍ରାମା, ଅଡିଓ ଭିଜୁଆଲ୍ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ହେବ। ଆଣ୍ଟି ରାଗିଂ ସ୍କ୍ୱାଡ଼ରେ ୩ରୁ ୪ ଜଣ ଅଧ୍ୟାପକ ରହିବେ। ଶିକ୍ଷାନୁଷ୍ଠାନ ମୁଖ୍ୟ ଏହାର ତଦାରଖ କରିବେ। ସ୍କ୍ୱାଡର ସଦସ୍ୟମାନେ ବିଭିନ୍ନ ସମୟରେ ହଷ୍ଟେଲକୁ ଅଚାନକ ଗସ୍ତ କରି ଯାଞ୍ଚ କରିବେ। ଅଭିଯୋଗ ଆସିଲେ ସ୍କ୍ୱାଡ୍ ପକ୍ଷରୁ ଘଟଣାର ଯାଞ୍ଚ କରାଯିବା ସହ ତାହାର ରିପୋର୍ଟ ଶିକ୍ଷାନୁଷ୍ଠାନ ମୁଖ୍ୟଙ୍କୁ ପ୍ରଦାନ କରିବେ। ଯାଞ୍ଚ ସମୟରେ ଯେପରି ସ୍ୱଚ୍ଛତା ବଜାୟ ରହେ ସେଥିପ୍ରତି ଗୁରୁତ୍ୱ ଦେବେ। କ୍ୟାମ୍ପସ ରାଗିଂ ମୁକ୍ତ କରିବା ଲାଗି ସ୍କ୍ୱାଡର ସଦସ୍ୟମାନେ ଶିକ୍ଷାବର୍ଷର ପ୍ରଥମ ତିନି ମାସ ଧରି ଯାଞ୍ଚ କରିବେ। ୟୁଜିସି ନିୟମ ଅନୁଯାୟୀ ରାଗିଂରେ ସମ୍ପୃକ୍ତ ଥିବା କୌଣସି ବି ଛାତ୍ର/ଛାତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ। ଯଦି ରାଗିଂର ସତ୍ୟତା ଜଣାପଡ଼େ ତେବେ ଆଇପିସି ଧାରା ଅନୁଯାୟୀ ଶିକ୍ଷାନୁଷ୍ଠାନ ପକ୍ଷରୁ ନିକଟସ୍ଥ ଥାନାରେ ଏତଲା କରିବେ। ଏତଲା ଆଧାରରେ କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା ନକରି ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ୟୁଜିସି ନିୟମର ପାରା-୯(ବି) ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେଇପାରିବେ। କ୍ୟାମ୍ପସକୁ ରାଗିଂ ମୁକ୍ତ କରିବା ଦିଗରେ ଶିକ୍ଷାନୁଷ୍ଠାନଗୁଡ଼ିକ ପଦକ୍ଷେପ ନେବେ। ରାଗିଂ ଏକ ଅପରାଧିକ କାର୍ଯ୍ୟକଳାପ ହୋଇଥିବାରୁ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ତାହାକୁ ହାଲୁକାରେ ନେବା ଉଚିତ୍ ନୁହେଁ। ଅଭିଯୁକ୍ତ ଓ ଅଭିଯୋଗକାରୀଙ୍କ ମଧ୍ୟରେ ଆପୋଷ ବୁଝାମଣା ନ କରିବାକୁ ଉଚ୍ଚଶିକ୍ଷା ବିଭାଗ ସଚିବ ଶାଶ୍ୱତ ମିଶ୍ର ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତି, ସରକାରୀ ଡିଗ୍ରି କଲେଜ ଓ ଶିକ୍ଷକ ଶିକ୍ଷାନୁଷ୍ଠାନର ଅଧକ୍ଷ, ଅନୁଦାନପ୍ରାପ୍ତ ଓ ଅଣ ଅନୁଦାନପ୍ରାପ୍ତ କଲେଜର ଅଧକ୍ଷଙ୍କୁ ଚିଠି ଲେଖି ପରାମର୍ଶ ଦେଇଛନ୍ତି।




# ପ୍ରକୃତିର ଅବଦାନ ଗୁଦଗୁଦା ଜଳପ୍ରପାତ



**ଦେବଗଡ଼(ଏନ୍.ଏମ୍.):** ପ୍ରକୃତିର ଅବଦାନ ଗୁଦ୍‌ଗୁଦା ଜଳପ୍ରପାତ। ସାଂପ୍ରତିକ ନଗର ଜୀବନର ଯାବତୀୟ ଜଞ୍ଜାଳ ଭିତରୁ ମୁକ୍ତି ପାଇବାକୁ ହେଲେ ଅପେକ୍ଷା କରି ରହିଛି, ପାହାଡ଼, ଝରଣା, ଜଙ୍ଗଲ ଏବଂ ଚଢ଼େଇମାନଙ୍କ କିଚିରିମିଚିରି ଶବ୍ଦରେ ପରିପୂର୍ଣ୍ଣ ଏକ ଇଲାକା, ଯାହା କ୍ଷଣିକ ମଧ୍ୟରେ ସମସ୍ତ ସଂକୀର୍ଣ୍ଣତାରୁ ମୁକୁଳାଇ ଆପଣଙ୍କୁ ଏକ ଦିବ୍ୟ ଅନୁଭବ ପାଖରେ ପହଞ୍ଚାଇ ଦେବ। ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ତଥାପି ଅଜ୍ଞାତ ବହୁଳ ଭାବରେ ପ୍ରଚାରିତ ଅନେକ ପର୍ଯ୍ୟଟନସ୍ଥଳୀମାନଙ୍କ ଅପେକ୍ଷା ବହୁ ଗୁଣରେ ନମନୀୟ, କମନୀୟ ଶୋଭା ସମ୍ପଦରେ ପରିପୂର୍ଣ୍ଣ ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସବଡିଭିଜନରେ ଅବସ୍ଥିତ 'ଗୁଦଗୁଦା ଜଳପ୍ରପାତ'। ଏକଦା 'ଅଖୋଜ ବାମଣ୍ଡା' ଭାବରେ ପରିଚିତ ପ୍ରାଚୀନ ବାମଣ୍ଡା ରାଜ୍ୟର ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଏହି ଅଞ୍ଚଳ ତଥାପି ମଣିଷର ସର୍ବଗ୍ରାସୀ କ୍ଷୁଧାର ଶିକାର ହୋଇନାହିଁ। ଅଧିକାଂଶ ପର୍ଯ୍ୟଟନସ୍ଥଳୀମାନଙ୍କରେ ନାଗରିକ ଅନୁପ୍ରବେଶ ଫଳରେ ସ୍ୱକୀୟ ପ୍ରାକୃତିକ ଶୋଭାର ମାଧୁର୍ଯ୍ୟ ହରାଇ ବସିଥିବାବେଳେ, 'ଗୁଦଗୁଦା' ତଥାପି ତାର ସ୍ୱକୀୟ ଶୋଭାର ମାଧୁର୍ଯ୍ୟ ହରାଇନାହିଁ। ଗୁଦଗୁଦା ଠାରେ ପହଞ୍ଚିବା ପରେ ଯେତେ ଯେତେ ଦୂରକୁ ଦୃଷ୍ଟି ପ୍ରସାରିତ ହେଉଥାଏ, ସେତେ ସେତେ ଦୂର କେବଳ ବୃକ୍ଷଲତାରେ ଭରପୂର ଇଲାକା ହିଁ ଦୃଷ୍ଟିଗୋଚର ହେଉଥାଏ। ଗୁଦ୍ଦୁଦାଠାରେ ଜଙ୍ଗଲ ଏତେ ଘଞ୍ଚ ଯେ, ଗଛ ଗୁଡ଼ିକର ଶାଖା ପ୍ରଶାଖା ଲତାପତ୍ର ଅତିକ୍ରମ କିରଣ ସୂର୍ଯ୍ୟ କିରଣ ଭୂମି ସ୍ପର୍ଶ କରିପାରେ ନାହିଁ। ସୁଉଚ୍ଚ ପର୍ବତ ଶ୍ରେଣୀ, ପଥର ଉପରେ କଚାଡ଼ି ହୋଇପଡୁଥିବା ସପ୍ତଧାରା ପାହାଡ଼ୀ ଝରଣାର ଘୋ' ଘୋ' ଶବ୍ଦ, ବିଚ୍ଛୁରିତ ରୂପେଲି ଜଳକଣାର ଛିଟା, ଚାରିପାଖରେ ଘନ ଅରଣ୍ୟ ଏବଂ ଗଛପତ୍ରର ଗହଳି ଭିତରେ ସାମାନ୍ୟ ପରିମାଣ ପରିଦୃଶ୍ୟମାନ ଆକାଶର ଭାସମାନ ମେଘ ଖଣ୍ଡ ନିହାତି ବେରସିକ ମଣିଷକୁ ମଧ କ୍ଷଣିକ ପାଇଁ ଭାବୁକ କରିଦିଏ। କୁଚିଣ୍ଡାଠାରୁ ଗୁଦ୍ଦୁଦାର ଦୂରତ୍ୱ ମାତ୍ର ୨୮ କିଲୋମିଟର। ସମ୍ବଲପୁର ସଦର ମହକୁମାଠାରୁ କୁଚିଣ୍ଡା ୮୫ କିଲୋମିଟର, ଦେବଗଡ଼ଠାରୁ କୁଚିଣ୍ଡା ୫୨ କିଲୋମିଟର, ଝାରସୁଗୁଡ଼ାଠାରୁ କୁଚିଣ୍ଡା ୪୮ କିଲୋମିଟର ଏବଂ ରାଉରକେଲାଠାରୁ କୁଚିଣ୍ଡା ୧୩୫ କିଲୋମିଟର। ତେଣୁ ସମ୍ବଲପୁର, ଦେବଗଡ଼, ଝାରସୁଗୁଡ଼ା କିମ୍ବା ରାଉରକେଲାଠାରୁ ସଡ଼କ ପଥରେ କୁଚିଣ୍ଡା ଆସି ସେଠାରୁ ଗୁଦ୍ଦୁଦା ଯିବା ସମ୍ଭବ। କୁଚିଣ୍ଡାଠାରୁ ନିକଟବର୍ତ୍ତୀ ରେଳ ଷ୍ଟେସନ 'ବାମରା'ର ଦୂରତ୍ୱ ୫୦ କିଲୋମିଟର ଏବଂ କୁଚିଣ୍ଡାଠାରୁ ଝାରସୁଗୁଡ଼ା ରେଳଷ୍ଟେସନର ଦୂରତ୍ୱ ୪୮ କିଲୋମିଟର, ତେଣୁ ଟ୍ରେନ୍ ଯୋଗେ ବାମରା ବା ଝାରସୁଗୁଡ଼ା ଆସି ସେଠାରୁ ସଡ଼କ ପଥରେ କୁଚିଣ୍ଡା ଦେଇ ଗୁଦଗୁଦା ଯାଇହେବ।

## ଭୁବନେଶ୍ୱରରେ ଅତ୍ୟାଧୁନିକ ବିୟୁଟି ସେଲୁନ ଲାଇନ ୩୬୦ ଉଦ୍‌ଘାଟନ




**ଭୁବନେଶ୍ୱର (ଏନ୍.ଏମ୍.):** ବାପୁଜୀନଗର ଅଞ୍ଚଳରେ ଏକ ଅତ୍ୟାଧୁନିକ ବିୟୁଟି ସେଲୁନ୍, ଲାଉଞ୍ଜ ୩୬୦ର ଆଜି ଶୁଭ ଉଦଘାଟନ ହୋଇଯାଇଛି। ଏଠାରେ ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ କେଶ ବିନ୍ୟାଶ ଏବଂ ସୌନ୍ଦର୍ଯ୍ୟ ଉପଲବ୍ଧ ହେବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୁମ୍ବାଇର ପୂର୍ବତନ ପୁଲିସ କମିଶନର ତଥା ଓଡ଼ିଶା ମୋ ପରିବାରର ଆବାହକ ଅରୂପ ପଟ୍ଟନାୟକ ଏବଂ ସମ୍ମାନିତ ଅତିଥି ଭାବେ ବିଏମସି କମିଶନର ସୁଲୋଚନା ଦାସ ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ।

ଏହି ବିୟୁଟି ସେଲୁନ୍‌ର ପୁରୁଷ ଓ ମହିଳାଙ୍କ ପାଇଁ ପୃଥକ୍ ଭାବେ ଅତ୍ୟାଧୁନିକ ବ୍ୟବସ୍ଥା ଉପଲବ୍ଧ ରହିଛି। ଗ୍ରାହକମାନେ ବିଭିନ୍ନ ଷ୍ଟାଇଲ୍‌ର ହେୟାରକଟ, ସେଭିଙ୍ଗ, ଦାଢ଼ି ଟ୍ରିମିଂ, ପେଡିକିଓର , ମାନିକିଓର, ହେୟାର କଲରିଂ, ସାମ୍ପୋ ଆଣ୍ଡ କଣ୍ଡିସନିଂ, ଫାସିଆଲ, ବ୍ରାଇଡାଲ୍ ମେକଅପ, କେରାଟିନ୍ , ଷ୍ଟ୍ରେଟେନିଙ୍ଗ, ସ୍ମୁଥନିଂ , ରିବଣ୍ଡିଂ ପ୍ରଭୃତି ସୁବିଧା ନେଇପାରିବେ। ଏଥିସହ ଗ୍ରୀଷ୍ମ ପ୍ରକୋପରୁ ତ୍ୱଚାକୁ ରକ୍ଷା କରିବା ପାଇଁ ଅର୍ଗାନିକ ଫାସିଆଲ, ମନିକିଓର ଏବଂ ପେଡିକିଓର ଭଳି ସ୍ୱତନ୍ତ୍ର ଉପଚାର ରଖାଯାଇଛି। ସେଲନଟି ବାପୁଜୀଗରସ୍ଥିତ ପାତ୍ର ଇଲୋକ୍ଟ୍ରନିକ ପାଖ ଆରବିଏଲ୍ ବ୍ୟାଙ୍କ ବିଲଡିଂର ଦ୍ୱିତୀୟ ମହଲାରେ ରହିଛି। ଏହାର ଇଣ୍ଟେରିୟର ଖୁବ୍ ଆକର୍ଷଣୀୟ ହୋଇଛି। ଗ୍ରାହକଙ୍କୁ ଉପଯୁକ୍ତ ସେବା ଯୋଗାଇବା ଆମର ମୁଖ୍ୟ ଲକ୍ଷ୍ୟ ବୋଲି ଲାଉଞ୍ଜ ୩୬୦ ବିୟୁଟି ସେଲୁନର ପ୍ରତିଷ୍ଠାତା ପ୍ରିୟଙ୍କା ମିଶ୍ର କହିଛନ୍ତି। ବର୍ତ୍ତମାନ ଷ୍ଟାଇଲ୍ ଏବଂ ଫେସନ ଟ୍ରେଣ୍ଡରେ ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ଅତ୍ୟାଧୁନିକ ବିୟୁଟି ଏବଂ ହେୟାର ଟ୍ରିଟମେଣ୍ଟ ଯୋଗାଇ ଦେବାକୁ ବଦ୍ଧ ପରିକର ବୋଲି ସେ କହିଛନ୍ତି। ଏଥି ସହିତ ଖୁବ ଶିଘ୍ର ଲାଉଞ୍ଜ ୩୬୦ ଏହାର ନିଜସ୍ୱ ଉତ୍ପାଦଗୁଡ଼ିକୁ ଖୁବ ଶିଘ୍ର ଲଞ୍ଚ କରିବାକୁ ଯାଉଥିବା ସେ ସୂଚନା ଦେଇଛନ୍ତି।

## ତରାବୋଇ ଗ୍ରାମରେ ୩ ସରକାରୀ ବିଦ୍ୟାଳୟରେ ୩ ବର୍ଷ ହେବ ଝୁଲୁଛି ତାଲା : ପାଲଟିଛି ନିଶାଡିଙ୍କ ଆଡ୍ଡାସ୍ଥଳ



**ଖୋର୍ଦ୍ଧା(ଏନ୍.ଏମ୍.):** ଖୋର୍ଦ୍ଧା ଜିଲ୍ଲା ଜଟଣୀ ବ୍ଲକ ଅନ୍ତର୍ଗତ ତରାବୋଇ ଗ୍ରାମରେ ୩ ଗୋଟି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ୩ ବର୍ଷ ହେବ ତାଲା ଝୁଲୁଛି। ବନ୍ଦ ପଡିରହିଥିବା ବିଦ୍ୟାଳୟମାନଙ୍କରେ ନିଷାଡିମାନଙ୍କର ଆଡାସ୍ଥଳି ପାଲଟିଛି। ତରାବୋଇ ବାବଜା ପ୍ରାଥମିକ ବିଦ୍ୟାଳୟ, କୋରଙ୍ଗା ପ୍ରାଥମିକ ବିଦ୍ୟାଳୟ ଓ ବାବଜା ମୁସଲିମ ବସ୍ତିରେ ଥିବା ଏକ ପ୍ରାଥମିକ ବିଦ୍ୟାଳୟ ଏହି ୩ଗୋଟି ବିଦ୍ୟାଳୟରେ ଛାତ୍ର ଛାତ୍ରୀ ସଂଖ୍ୟା କମ ହେବାରୁ ଏହି ସ୍କୁଲ ଗୁଡିକୁ ବନ୍ଦ କରାଯାଇଥିଲା। ବାବଜା ପ୍ରାଥମିକ ବିଦ୍ୟାଳୟ ୨୦୧୩ ମସିହାରେ ଟଙ୍କା ଖର୍ଚ୍ଚ ହୋଇ ନୂତନ ଶ୍ରେଣୀ ଗୃହ, ଶୌଚାଳୟ ଓ ଅଫିସ ଗୃହ ନିର୍ମାଣ ହୋଇଥିଲା। ବିଦ୍ୟାଳୟରେ ପିଲା ସଂଖ୍ୟା କମ ହେବାରୁ ୨୦୨୦ ମସିହାରେ ବିଦ୍ୟାଳୟଟି ବନ୍ଦ ହୋଇଯାଇଥିଲା। ଯଦି ବିଦ୍ୟାଳୟଟି ବନ୍ଦ ହେବାର ଥିଲା ତେବେ ମରାମତି ଓ ଗୃହ ନିର୍ମାଣ ପାଇଁ ଟଙ୍କା କାହିଁକି ଖର୍ଚ୍ଚ କରାଯାଉଥିଲା। ସରକାର କା ମାଲ୍ ଦରିଆମେ ଡାଲ୍ ଭଳି ନୀତିରେ ରାଜ୍ୟ ସରକାର ଟଙ୍କା ଖର୍ଚ୍ଚ କରିଚାଲୁଛନ୍ତି। ଏହି ବିଦ୍ୟାଳୟ ଗୁଡିକ ବନ୍ଦ ହୋଇ ରହିଥିବାରୁ ଅନାବନା ଗଛଲତାରେ ବିଦ୍ୟାଳୟଟି କୃତ୍ରିମ ଜଙ୍ଗଲ ସୃଷ୍ଟି ହେଲାଣି। ଏହାର ସୁଯୋଗ ନେଇ ବିଦ୍ୟାଳୟରେ ନିଷାଡିଙ୍କର ଅବାଧ ପ୍ରବେଶ କରି ନିଷା ସେବନ କରୁଥିବା ଦେଖିବାକୁ ମିଳୁଛି। ସରକାରୀ ବିଦ୍ୟାଳୟ ମାନଙ୍କରେ ଠିକ୍ ଠାକ୍ ପାଠପଢା ହେଉନଥିବାରୁ ଛାତ୍ର ଛାତ୍ରୀଙ୍କର ଅଭିଭାବକମାନେ ତାଙ୍କ ପିଲାଙ୍କ ଭବିଷ୍ୟତକୁ ଆଖିଆଗରେ ରଖି ସରକାରୀ ବିଦ୍ୟାଳୟକୁ ନପଠାଇ ଘରୋଇ ସ୍କୁଲକୁ ପଠାଉଛନ୍ତି। ଏବେ ଗ୍ରାମ ବାସିଙ୍କ ପକ୍ଷରୁ ବାବଜା ପ୍ରାଥମିକ ବିଦ୍ୟାଳୟଟି ଖୋଲାଯିବ ବୋଲି ଶୁଣିବାକୁ ମିଳୁଛି। ଦୀର୍ଘ ୩ ବର୍ଷ ପରେ ସରକାରଙ୍କ ନିଦ ଭାଙ୍ଗିଛି ବୋଲି ଛାତ୍ର ଛାତ୍ରୀଙ୍କ ଅଭିଭାବକଙ୍କ ମନରେ ଖୁସିର ଲହର ଖେଳିଯାଇଛି। ଗ୍ରାମର କିଛି ଅଭିଭାବକ ମାନେ ସ୍ଥାନୀୟ ବିଧାୟକ ସୁର ରାଉତରାୟଙ୍କ ସହିତ ଆଲୋଚନା କରି ସ୍କୁଲ ଖୋଲାଯିବା ପାଇଁ ଏକ ଲିଖିତ ଦାବିପତ୍ର ଦେଇଛନ୍ତି। ବିଧାୟକ ଶ୍ରୀ ରାଉତରାୟ ମଧ ଖୁବ ଶିଘ୍ର ଏହି ବିଦ୍ୟାଳୟ ଖୋଲାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହା ବିଧାୟକଙ୍କ ୨୦୨୪ ନିର୍ବାଚନକୁ ଆଖିଆଗରେ ରଖି ଏହି ଭଳି ପ୍ରତିଶୃତି ଦିଆଯାଇଥିବା ଶୁଣିବାକୁ ମିଳୁଛି। ଆଜିର ଶିଶୁ କାଲିର ଭବିଷ୍ୟତ ବୋଲି ରାଜ୍ୟ ସରକାର ଡିଣ୍ଡିମ ପିଟୁଥିବା ବେଳେ ଶିକ୍ଷା ବ୍ୟବସ୍ଥା ସମ୍ପୁର୍ଣ୍ଣ ଭୁଷୁଡି ଯାଇଛି। ବଡ ବଡିଆ ଲୋକେ ତାଙ୍କ ପିଲାମାନଙ୍କୁ ପଇସା ଖର୍ଚ୍ଚ କରି ଇଂଲିଶ ମିଡିୟମ ବା ଘରୋଇ ବିଦ୍ୟାଳୟକୁ ପଠାଉଛନ୍ତି କିନ୍ତୁ ଗରିବ ଖଟିକିଆ ଲୋକମାନେ ବାଧ୍ୟ ହୋଇ ୨କିଲୋମିଟର ଦୂରରେ ଥିବା ସରକାରୀ ବିଦ୍ୟାଳୟକୁ ତାଙ୍କ ପିଲା ମାନଙ୍କୁ ପଠାଉଛନ୍ତି। ତେବେ ଏହି ୩ ଗୋଟି ବିଦ୍ୟାଳୟ କେବେ ଖୋଲାଯିବ ତାହା ସମୟକୁ ଅପେକ୍ଷା।

## ବିରଳ ପ୍ରତିଭା : ଗୋଟିଏ ମିନିଟରେ ୨୪୦ ଶବ୍ଦର ଲେଖା ପଢୁଛନ୍ତି ନିଶାନ




**ସେମିଳିଗୁଡା(ଏନ୍.ଏମ୍.):** ବୟସ ମାତ୍ର ୪ ବର୍ଷ। କିନ୍ତୁ ଦିମାଗରେ ସେ ୪୦ ବର୍ଷୀୟଙ୍କୁ ବି ଟପିଯିବେ। ଖାସ ଏହି ଗୁଣ ପାଇଁ ଲୁକ୍କାୟିତ ଓ ଅନନ୍ୟ ପ୍ରତିଭାକୁ ଅନ୍ୱେଷଣ କରିବା ସହ ଲୋକଲୋଚନକୁ ଆଣି ସାରା ଦେଶରେ ପ୍ରସିଦ୍ଧି ଲାଭ କରିଥିବା ହିଷ୍ଟ୍ରି ଟିଭି ଦ୍ୱାରା ସେ ପାଇଛନ୍ତି ଓ ମାଇ ଗଡ଼ ଆୱାର୍ଡ। ସେ ହେଉଛନ୍ତି ସୁନାବେଡା ଆଇ ବି ଜୋନରେ ରହୁଥିବା ୪ ବର୍ଷ ବୟସର ବାଳକ ନିଶାନ ନାୟକ। ସୁନାବେଡା ହାଲରେ କାର୍ଯ୍ୟରତ ରାକେଶ କୁମାର ନାୟକ ଓ ସୂର୍ଯ୍ୟାସ୍ନାତା ନାୟକଙ୍କ ସୁପୁତ୍ର ନିଶାନ ଅବିଶ୍ୱାସନୀୟ ସ୍ମରଣ ଶକ୍ତିର ଅଧିକାରୀ ଅଟନ୍ତି। ବିନା କୌଣସି ଶିକ୍ଷାରେ ନିଶାନ ସମସ୍ତ ପ୍ରକାର ଇଂରାଜୀ ବହି ଅନାୟସରେ ପଢିବା ସହ ଇଂରାଜୀ ଭାଷାରେ ଅନର୍ଗଳ ଭାଷଣ ଦେବା ସହ ଜଟିଳ ଇଂରାଜୀ ଶବ୍ଦକୁ ଲେଖି ମଧ ପାରୁଛନ୍ତି। ଏହା ସହିତ ମାତ୍ର ୨୭ ସେକେଣ୍ଡ ମଧ୍ୟରେ ସେ ୭ଟି ମହାଦେଶ ନା ସମେତ ଭାରତର ସମସ୍ତ ରାଜ୍ୟ ଓ ରାଜଧାନୀର ନାମ କହିପାରୁ ଥିବା ସହ ୨୪୦ ଶବ୍ଦ ବିଶିଷ୍ଟ ଗପକୁ ମାତ୍ର ଗୋଟିଏ ମିନିଟରେ ପଢି ପାରୁଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହଉଛି ନିଶାନ ଗ୍ରିକ, ରସିଆନ ଏବଂ ଇଜିପ୍ଟରେ ପ୍ରଚଳିତ କପଟିକ ଆଲଫବେଟରେ ଲେଖିବା ସହ ପଢି ବି ପାରୁଛନ୍ତି। ଅବିଶ୍ୱନୀୟ ପ୍ରତିଭାର ଅଧିକାରୀ ନିଶାନକୁ ହିଷ୍ଟ୍ରି ଟିଭି ବିସ୍ମୟ ବାଳକ ରୂପେ ଅବିହିତ କରିବା ସହ ଓ ଏମ ଜି ଆୱାର୍ଡ ଦେଇ ସନ୍ମାନିତ କରିବା ସହ ତାଙ୍କୁ ନେଇ ଏକ ସୋ ରେକର୍ଡିଙ୍ଗ କରାଯାଇଛି, ଯାହାକି ଆଗାମୀ ଦିନରେ ଓଏମଜି ଏପିସୋଡ଼ରେ ପ୍ରସାରିତ ହେବ। ଏହା ବାଦ ନିଶାନ ଇଣ୍ଡିଆ ବୁକ୍ସ ଅଫ ରେକର୍ଡ ଓ ୱାର୍ଲଡ ବୁକ୍ସ ଅଫ ରେକର୍ଡ ପାଇଁ ମଧ ମନୋନୀତ ହୋଇଥିବା ଜଣାପଡିଛି। କୁନି ବାଳକ ନିଶାନଙ୍କ ଏ ପ୍ରକାର କୃତିତ୍ୱରେ ସମଗ୍ର ସୁନାବେଡା ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି।

## ଗାଁରେ ଝାଡ଼ାବାନ୍ତି ବ୍ୟାପିଲା, ୫ ଅସୁସ୍ଥ

**ଭଣ୍ଡାରିପୋଖରୀ(ଏନ୍.ଏମ୍.):** ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ମିରହସନପୁର ଗ୍ରାମର ବିରିବିନ୍ଧା ଶାସନ ସାହିରେ ଝାଡ଼ାବାନ୍ତି ବ୍ୟାପିଥିବା ଦେଖାଦେଇଛି। ଏହାକୁ ନେଇ ଗ୍ରାମ ତଥା ପଞ୍ଚାୟତ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ବିଶେଷ କରି ଏହି ଅଞ୍ଚଳରେ ସଚେତନତାର ଅଭାବ ଯୋଗୁଁ ଏଠାରେ ଝାଡ଼ାବାନ୍ତି ମହାମାରୀର ରୂପ ନେବାକୁ ଯାଉଥିବା କୁହାଯାଉଛି। ଗତ ଦୁଇ ଦିନ ପୂର୍ବରୁ ଗ୍ରାମର ବୈଦେହୀ ମିଶ୍ର (୮୫), କମଳାକାନ୍ତ ମିଶ୍ର (୭୫), କୃପାସିନ୍ଧୁ ମିଶ୍ର (୫୦), କ୍ଷୀରସିନ୍ଧୁ ମିଶ୍ର (୪୨), ରନ୍‌ପ୍ରଭା ମିଶ୍ର (୩୦) ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରୁ ତିନି ଜଣ ଚିକିତ୍ସିତ ହୋଇ ଘରକୁ ଫେରିଥିବା ବେଳେ ଅଦ୍ୟାବଧି ଦୁଇଜଣ ଚିକିତ୍ସାଧୀନ ଅଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଅମୂଲ୍ୟ ନାୟକ ଖବର ପାଇ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସୂଚନା ଦେଇଥିଲେ। ପରେ ସରପଞ୍ଚଙ୍କ ସହିତ ମେଡିକାଲ କର୍ମଚାରୀ ଗାଁରେ ପହଞ୍ଚି ଝାଡାବାନ୍ତି ଆକ୍ରାନ୍ତ ପରିବାରବର୍ଗଙ୍କ ଠାରୁ ସମସ୍ତ ତଥ୍ୟ ସଂଗ୍ରହ କରିଥିବା ବେଳେ ଆଗକୁ ଏହା ନ ବ୍ୟାପିବା ପାଇଁ ଲୋକମାନଙ୍କୁ ସଚେତନ କରିଥିଲେ। ଏ ବାବଦରେ ଜିଲ୍ଲା ଚିକିତ୍ସାଧିକାରୀ ସନ୍ତୋଷ ପାତ୍ରଙ୍କ ମତାମତ ନେବାରୁ ତାଙ୍କୁ ଏପର୍ଯ୍ୟନ୍ତ କେହି ଜଣାଇ ନଥିବା କହିଥିଲେ। ପରେ ଗଣମାଧ୍ୟମ ପ୍ରତିନିଧିଙ୍କ ସୂଚନାକୁ ଆଧାର କରି ଖବର ବୁଝିବା ସହ ଗାଁରେ ସ୍ୱାସ୍ଥ୍ୟକର୍ମୀ, ଆଶାଦିଦି ଓ ଅନ୍ୟାନ୍ୟ କର୍ମଚାରୀମାନେ ପହଞ୍ଚି ସ୍ଥିତି ଉପରେ ନଜର ଦେଇଥିବା କହିଥିଲେ। ତେବେ ଅଞ୍ଚଳରେ ବିଶୁଦ୍ଧପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟକର୍ମୀ ଘରକୁ ଘର ବୁଲି ଜନସାଧାରଣଙ୍କୁ ସଚେତନ କରିବା, ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଔଷଧ ମହଜୁଦ ରଖିବା ପାଇଁ ଦାବି କରାଯାଇଛି। ଏହି ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପୁଥିଲେ ମଧ ପ୍ରଶାସନ ପକ୍ଷରୁ ଆଖିଦୃଶିଆ ପଦକ୍ଷେପ ନିଆଯାଉନଥିବା ଯୋଗୁଁ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

## ପଥରଗଣ୍ଡ ଗୋଷ୍ଠୀ ସଂଘର୍ଷ ଘଟଣା, ମୁଖ୍ୟ ଅଭିଯୁକ୍ତ ଗିରଫ



**ଖଣ୍ଡପଡା(ଏନ୍.ଏମ୍.):** ଖଣ୍ଡପଡା ଥାନା ଅଧିନ ଗଡିଆସାହି ପଞ୍ଚାୟତ ପଥରଗଣ୍ଡ ଗ୍ରାମରେ ନିର୍ବାଚନୀ ହିଂସା ଥମିବାରେ ନାଁ ଧରୁନି। ଦୀର୍ଘ ଦିନ ଧରି ଛକାପଞ୍ଝା ଚାଲିଥିବାବେଳେ ଗୋଷ୍ଠୀ ସଂଘର୍ଷ ମଧ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟଅଭିଯୁକ୍ତକୁ ପୁଲିସ ଗିରଫ କରିଥିବା ଜଣାପଡ଼ିଛି। ପ୍ରକାଶ ଯେ, ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରେ ୨ଗୋଷ୍ଠୀ ମଧ୍ୟରେ ରାଜନୈତିକ ହିଂସାକାଣ୍ଡ ଘଟଣା ଘଟି ସ୍ଥାନୀୟ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିଲା। ଉଭୟ ପକ୍ଷର ଏତଲାକ୍ରମେ ଖଣ୍ଡପଡା ଥାନାରେ ୨ଟି ମାମଲା ରୁଜୁ ହୋଇଥିଲା। ଗୋଷ୍ଠୀ ସଂଘର୍ଷ ଘଟଣାର ମୁଖ୍ୟ ଅଭିଯୁକ୍ତ ପଥରଗଣ୍ଡ ଗ୍ରାମର ସନ୍ତୋଷ ନାୟକ ଓରଫ ଟିକିନାକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ତାକୁ ଖଣ୍ଡପଡା ଉପକାରାଗାରକୁ ପଠାଇ ଦିଆଯାଇଛି। ଏଥି ପୂର୍ବରୁ ପୁଲିସ ଏହି ଘଟଣାରେ ସଂପୃକ୍ତ ୨ଜଣଙ୍କୁ ଗିରଫ କରିଥିବା ଆଇଆଇସି ରମେଶ କୁମାର ଦେବତାଙ୍କ ଠାରୁ ପ୍ରକାଶ।

## ମହିମା ମିଶ୍ରଙ୍କ ଘରେ ସିବିଆଇ ରେଡ

**କଟକ(ଏନ୍.ଏମ୍.):** ବିଶିଷ୍ଟ ଶିଳ୍ପପତି ମହିମା ମିଶ୍ରଙ୍କ ଘର ଓ ଅଫିସରେ ଆଜି ସିବିଆଇ ରେଡ ଆରମ୍ଭ ହୋଇଛି। କଟକ ଓ ପାରାଦୀପର ବିଭିନ୍ନ ସ୍ଥାନରେ ଏକକାଳୀନ ସିବିଆଇ ଟିମ୍ ଚଢ଼ାଉ କରିଥିବା ବେଳେ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିବା ଜଣାପଡ଼ିଛି। ତେବେ ଏ ନେଇ ସିବିଆଇ ତରଫରୁ ଅଫିସିଆଲି କିଛି ଘୋଷଣା ହୋଇ ନଥିବା ବେଳେ ୨୫ ଲକ୍ଷର ଏକ ଲାଞ୍ଚ କାରବାର ଅଭିଯୋଗରେ ଏହି ଚଢାଉ ଚାଲିଥିବା ଜଣାଯାଇଛି।

ଶ୍ରୀ ମିଶ୍ରଙ୍କ କଟକ ଓଡ଼ିଆ ବଜାରସ୍ଥିତ ଘର ଓ ଲିଙ୍କ ରୋଡସ୍ଥିତ ଓଏସଏଲ କାର୍ଯ୍ୟାଳୟରେ ସିବିଆଇର ୨ଟି ଟିମ୍ ଚଢ଼ାଉ କରିଛନ୍ତି। ଏହି ସମୟରେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ ହୋଇଛି। ଓଡ଼ିଆ ବଜାରସ୍ଥିତ ଘରେ ଶ୍ରୀ ମିଶ୍ର ଓ ତାଙ୍କ ୨ ପୁଅ ଥିବା ଜଣାଯାଇଛି। ସେହିପରି ପାରାଦୀପର ବଡ଼ପଡ଼ିଆସ୍ଥିତ ଓଏସଏଲ ଅଫିସ୍ ସମେତ ୪ଟି ସ୍ଥାନରେ ଚଢାଉ ଚାଲିଥିବା ଜଣାପଡ଼ିଛି। ସୂଚନା ଯୋଗ୍ୟ ଯେ, ପାରାଦୀପ ସିୱେଜ ସିପିଂ କମ୍ପାନୀ ଜିଏମ୍ ମହେନ୍ଦ୍ର ସ୍ୱାଇଁ ହତ୍ୟା ମାମଲାରେ ଶ୍ରୀ ମିଶ୍ର ଓ ତାଙ୍କ ସହଯୋଗୀ ବସନ୍ତ ବଳଙ୍କୁ ଥାଇଲାଣ୍ଡ ପୁଲିସ୍ ବ୍ୟାଙ୍କକର ଏକ ହୋଟେଲରୁ ୨୦୧୬ ମସିହା ଡିସେମ୍ବର ମାସରେ ଗିରଫ କରିଥିଲା। ଏହାର ୨ ବର୍ଷ ପରେ ତାଙ୍କୁ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ମିଳିଥିଲା। ଏବେ ପୁଣି ଶ୍ରୀ ମିଶ୍ରଙ୍କ ଘରେ ସିବିଆଇ ରେଡ କରିବା ନେଇ ଜନସାଧାରଣଙ୍କ ଉତ୍କଣ୍ଠା ବଢ଼ିବାରେ ଲାଗିଛି।

## ମା ଶାରଳା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ଆହାର କେନ୍ଦ୍ର ଦାୟିତ୍ୱ ପ୍ରଦାନ

**ଖଣ୍ଡପଡା(ଏନ୍.ଏମ୍.):** ସରକାର ଏବେ ମହିଳା ସଶକ୍ତିକରଣ ଉପରେ ଯଥେଷ୍ଟ ଗୁରୁତ୍ୱ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ମହିଳା ଗୋଷ୍ଠୀମାନଙ୍କୁ ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟ ପରିଚାଳନା ନିମନ୍ତେ ଦାୟିତ୍ୱ ଦିଆଯାଇ ସେମାନଙ୍କ ଆର୍ଥିକ ସ୍ଥିତିର ଉନ୍ନତି ପାଇଁ ବ୍ୟବସ୍ଥା କରାଯାଇଛି। ସେହିଭଳି ଖଣ୍ଡପଡା ଏନଏସି କାର୍ଯ୍ୟାଳୟ ଅଧିନରେ ଥିବା ଆହାର କେନ୍ଦ୍ରର ପରିଚାଳନା ଦାୟୀତ୍ୱ ପୁନଃ ମା ଶାରଳା ମହିଳା ସ୍ୱୟଂସହାୟିକା ଗୋଷ୍ଠୀକୁ ପ୍ରଦାନ କରାଯାଇଥିବା କାର୍ଯ୍ୟାଳୟ ସୁତ୍ରରୁ ଜଣାପଡିଛି। ଆହାର କେନ୍ଦ୍ରର ପରିଚାଳନା ଦାୟୀତ୍ୱ କେଉଁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ପ୍ରଦାନ କରାଯିବ ଏ ନେଇ ଗୁରୁବାର ଲଟେରୀ ଉଠାଣ କରାଯାଇଥିଲା। ଖଣ୍ଡପଡା ଏନଏସି କାର୍ଯ୍ୟାଳୟ ପରିସରରେ କାର୍ଯ୍ୟନିର୍ବାହୀ ଅଧିକାରୀ ସଂଜିବ କୁମାର ମହାପାତ୍ର କାଉନସିଲର ବୃନ୍ଦ, ମହିଳା ସହାୟିକା ଗୋଷ୍ଠୀର ସଦସ୍ୟା ଓ ଏନଏସି କର୍ମଚାରୀମାନଙ୍କ ଉପସ୍ଥିତିରେ କାର୍ଯ୍ୟନିର୍ବାହୀ ଅଧିକାରୀ ଲଟେରୀ ଉଠାଣ କରିଥିଲେ। ଲଟେରୀ ଉଠାଣ ପରେ ମା ଶାରଳା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ପୁର୍ନବାର ଆହାର କେନ୍ଦ୍ରର ପରିଚାଳନା ଦାୟିତ୍ୱ ପ୍ରଦାନ କରାଗଲା ବୋଲି ଏନଏସି କର୍ତୃପକ୍ଷ ଘୋଷଣା କରିଥିଲେ।

# ୩୦ ମାସ ବିତିଗଲା, ସରିପାରୁନି କଲଭର୍ଟ ନିର୍ମାଣ



**ଖଡ଼ିଆଳ (ଏନ୍.ଏମ୍.):** ୩୦ ମାସ ବିତିଗଲା। ହେଲେ ଏକ ଛୋଟିଆ କଲ୍ଭର୍ଟର ନିର୍ମାଣ କାର୍ଯ୍ୟ ସାରିପାରିଲାନି ପ୍ରଶାସନ। ୧୦ ମାସ ତଳେ ସରିବାର ଥିଲା ଏହି କଲଭର୍ଟ କାମ। ହେଲେ ଏଯାଏଁ ଛାତପଡ଼ିପାରିଲାନି। ତେଣୁ ଲୋକଙ୍କ ଯାତାୟତରେ ହେଉଛି ବଡ଼ ସମସ୍ୟା। ନୂଆପଡ଼ା ଜିଲ୍ଲାରେ ଦେଖିବାକୁ ମିଳିଛି ଏହି ଦୃଶ୍ୟ। ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସଦର ମହକୁମା ଠାରୁ ଖଡ଼ିଆଳ ବ୍ଲକ୍ କେନ୍ଦୁମୁଣ୍ଡା ଦେଇ ସୀମାନ୍ତ ଛତିଶଗଡ଼କୁ ଥିବା ରାସ୍ତାର ଉନ୍ନତିକରଣ କରାଯାଉଛି। ତେବେ ରାସ୍ତା ନିର୍ମାଣ କାମ ଅତି ମନ୍ଥର ଗତିରେ ଚାଲିଛି। ଏହି ରାସ୍ତାରେ ଧୂଙ୍ଗିଆମୁଣ୍ଡା ଗାଁ ନିକଟରେ ଏକ କଲଭର୍ଟ ନିର୍ମାଣ କାର୍ଯ୍ୟ ମଧ ଚାଲିଛି। ଏଥିପାଇଁ କଲଭର୍ଟକୁ ଲାଗିଥିବା ଏକ ବିଲ ଦେଇ ନାଳ ଭିତରେ ଅସ୍ଥାୟୀ ଅପ୍ରୋଚ ରାସ୍ତା ନିର୍ମାଣ କରାଯାଇଛି। ଖରାଦିନେ ଏହି ବାଟ ଦେଇ ଲୋକେ ଯିବା ଆସିବା କରୁଥିଲେ। ହେଲେ ବର୍ଷାରେ ଆପ୍ରୋଚ ରାସ୍ତା ଧୋଇ ହୋଇଯାଇଛି। ଫଳରେ ଲୋକେ ଯିବାଆସିବା କଲା ବେଳେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

କେନ୍ଦୁମୁଣ୍ଡା ପଞ୍ଚାୟତର ଲୋକେ ବ୍ଲକ ଅଫିସ୍, ବ୍ୟାଙ୍କ ଓ ଅନ୍ୟାନ୍ୟ କାମରେ ଯା'ଆସ କଲା ବେଳେ ହଇରାଣ ହେଉଛନ୍ତି। କଲଭର୍ଟ ନିର୍ମାଣ କାର୍ଯ୍ୟ ଶେଷ ହୋଇ ନଥିବାରୁ ଓ ଆପ୍ରୋଚ ରୋଡ୍ ବର୍ଷାରେ ଧୋଇ ହୋଇ ଯାଇଥିବାରୁ ଏ ଅଞ୍ଚଳର ଲୋକେ ଏକ ଦୀର୍ଘ ବୁଲାଣିଆ ରାସ୍ତା ଦେଇ ଯା'ଆସ କରୁଛନ୍ତି। ଏହି ଅଞ୍ଚଳବାସୀ ବ୍ରିଜ୍ ଓ ରାସ୍ତା କାମ ଯଥାଶୀଘ୍ର ସାରିବାକୁ ପ୍ରଶାସନ ନିକଟରେ ବାରମ୍ବାର ଦାବି କରୁଥିଲେ ହେଁ ଏହାକୁ ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା ଉଗ୍ରେସନ ମାଳି ଓ ପଦ୍ମନ ଚିନ୍ଦା। ଏହି ରାସ୍ତା ଉପରେ ସିନାପାଲି ବ୍ଲକର ଲୋକେ ମଧ ନିର୍ଭର କରନ୍ତି। କାରଣ ଏହି ରାସ୍ତା ଗୋହେରାପଦର ଦେଇ ସିଧାସଳଖ ରାୟପୁର ସହରକୁ ଯାଇଛି। ଛତିଶଗଡ଼ ଦେଓ ଭୋଗ ଅଞ୍ଚଳର ଲୋକେ ଏହି ରାସ୍ତା ଦେଇ ବିଭିନ୍ନ କାମରେ ସିନାପାଲି ଆସିଥାଆନ୍ତି। ହେଲେ କଲଭର୍ଟ କାମ ସରୁନଥିବାରୁ ପ୍ରତିଦିନ ଲୋକେ ହଇରାଣ ହେଉଛନ୍ତି। ଏହି ରାସ୍ତା କାମ ଖଡ଼ିଆଳ ପୂର୍ତ୍ତ ବିଭାଗ(ଆରଏଣ୍ଡବି) ଜେଇଙ୍କ ତତ୍ତ୍ୱାବଧାନରେ କରାଯାଉଛି। ଖଡ଼ିଆଳର ଆର.ଏସ. ଇନ୍ଫ୍ରାଷ୍ଟ୍ରକଚର ନାମକ ଠିକା ସଂସ୍ଥା ନିର୍ମାଣ କାମ କରୁଛି। ୧୪.୮୧୦ କିଲୋମିଟର ରାସ୍ତା ନିର୍ମାଣ ପାଇଁ ୨୦୨୦ ମସିହା ଫେବ୍ରୁଆରୀ ୧୧ ତାରିଖରେ ଏକ ଚୁକ୍ତିନାମା କରାଯାଇଥିଲା। ମୋଟ ୨୨ କୋଟି ୪ ଲକ୍ଷ ୨୩ ହଜାର ୯୭୩ ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ ବ୍ୟୟ ଅଟକଳ ହୋଇଥିବା ବେଳେ ଠିକାସଂସ୍ଥା ୧୮ କୋଟି ୭୩ ଲକ୍ଷ ୮୨ ହଜାର ୪୧୯ ଟଙ୍କା ନେଇ କାମ କରିବାକୁ ଚୁକ୍ତି କରିଛି। ୨୦୨୦ ମସିହାରେ କାର୍ଯ୍ୟ ଆରମ୍ଭ କରାଯାଇ ଗତବର୍ଷ ସେପ୍ଟମ୍ବର ୧୧ ତାରିଖରେ କାମ ଶେଷ ହେବାର ଚୁକ୍ତିନାମା ହୋଇଥିଲା। ଏହି ଚୁକ୍ତି ଅବଧି ପୂରିଛି। ହେଲେ ଠିକାସଂସ୍ଥା କାମ ଶେଷ କରିନାହିଁ। ଯାହାକୁ ନେଇ କାର୍ଯ୍ୟ ନିରୀକ୍ଷଣ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀ ଓ ଠିକାସଂସ୍ଥା କାମ କରିବା ତରିକା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ଦାୟିତ୍ୱହୀନତା ନିମନ୍ତେ ଅଞ୍ଚଳବାସୀ ବର୍ଷ ବର୍ଷ ଧରି ହିନସ୍ତା ହୋଇଥିବା ଅଭିଯୋଗ କରିଛନ୍ତି। ତୁରନ୍ତ ଦାୟିତ୍ୱହୀନ ଯନ୍ତ୍ରୀ ଓ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ରାସ୍ତା ଏବଂ ବ୍ରିଜ୍ କାମ ସାରିବାକୁ ଅଞ୍ଚଳବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ଖଡିଆଳ ପୂର୍ତ୍ତ ବିଭାଗ ନିରୀକ୍ଷଣ ଅଧକ୍ଷକ ଯନ୍ତ୍ରୀ କିଶୋର କୁମାର ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି, କଲଭର୍ଟର ପିଲାର କାମ ସରିଛି। ଖାଲି ଛାତ ପଡ଼ିବ। ଦଶ ଦିନ ମଧ୍ୟରେ କଲଭର୍ଟ କାମ ସମ୍ପୂର୍ଣ୍ଣ ହୋଇଯିବ। ଅଧିକାରୀଙ୍କ ଏଭଳି ଉତ୍ତରକୁ ନେଇ ଅଞ୍ଚଳବାସୀ ତାଜୁବ ହୋଇଛନ୍ତି। ବର୍ଷ ବର୍ଷ ଧରି ପଡ଼ିରହିଥିବା କାମକୁ ୧୦ ଦିନରେ ସାରିଦେବାକୁ ଯନ୍ତ୍ରୀ କହିବା ଧର୍ମକୁ ଆଖିଠାର ବୋଲି ସ୍ଥାନୀୟ ବାସିନ୍ଦା ହାରାବତୀ ମାଝୀ କହିଛନ୍ତି।

ନିଷ୍କର୍ଷ NISHKARSHA








# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## ନିତି ଆୟୋଗ ବୈଠକରେ ...

ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ମିଳୁ ବୋଲି ରାଜ୍ୟ ସରକାର ଦାବି କରି ଆସିଛନ୍ତି । ମାତ୍ର ଏହା ସତ୍ତ୍ୱେ କେନ୍ଦ୍ର ସରକାର କର୍ଣ୍ଣପାତ କରୁନାହାନ୍ତି । ଅନୁରୂପ ଭାବରେ ବିପର୍ଯ୍ୟୟ ହେଉଥିବା ବର୍ଷରୁ ପରବର୍ତ୍ତୀ ୩ ବର୍ଷ ଯାଏଁ ରାଜ୍ୟକୁ ସ୍ୱତନ୍ତ୍ର ଧାନକେନ୍ଦ୍ରିକ ରାଜ୍ୟ ମାନ୍ୟତା ଦେବାକୁ ଓଡ଼ିଶା ବାରମ୍ବାର ଦାବି କରିଛି । ଏହି ବର୍ଷ ଗୁଡ଼ିକରେ କେନ୍ଦ୍ର ଓ ରାଜ୍ୟ ଅନୁଦାନ ଅନୁପାତ ୯୦:୧୦ ଉପରେ ଗୁରୁତ୍ୱ ଦେଇଛି । ମାତ୍ର ଏହି ପ୍ରସ୍ତାବ ମଧ କେନ୍ଦ୍ର ଗ୍ରହଣ କରିନାହିଁ ।

ସୂଚନାଯୋଗ୍ୟ ଗତ ଗୁରୁବାର 'ନିତି' ଆୟୋଗର ଉପାଧ୍ୟକ୍ଷ ସୁମନ ବେରୀ ଓ ଅନ୍ୟ ସଦସ୍ୟମାନେ ଓଡ଼ିଶା ଆସିଥିବାବେଳେ ଓଡ଼ିଶାର ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ କ୍ଷେତ୍ରସ୍ତରୀୟ ଅନୁଧ୍ୟାନ ପରେ ଉଚ୍ଚ ପ୍ରଶଂସା କରିଥିଲେ । ଶ୍ରୀ ବେରୀଙ୍କ ସାକ୍ଷାତ ସମୟରେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ନିକଟରେ ଦୀର୍ଘଦିନ ଧରି ପଡ଼ି ରହିଥିବା ରାଜ୍ୟ ଦାବି ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ । ରାଜ୍ୟର ବିଭିନ୍ନ ଅଞ୍ଚଳକୁ ରେଳ ଯୋଗାଯୋଗ ପାଇଁ ନୂତନ ପ୍ରକଳ୍ପ ମଞ୍ଜୁର ସହ ପୁରୁଣା ପ୍ରକଳ୍ପ ତ୍ୱରାନ୍ୱିତ କରାଯାଉଛି । ଏହା ସତ୍ତ୍ୱେ ରାଜ୍ୟର ବହୁ ଗ୍ରାମପଞ୍ଚାୟତ ଏବେ ବି ବ୍ୟାଙ୍କ ସେବାରୁ ବଞ୍ଚିତ ରହିଛି । ଗ୍ରାମୀଣ ଲୋକମାନଙ୍କ ନିକଟରେ ବ୍ୟାଙ୍କ ସେବା ଅପହଞ୍ଚ ହୋଇ ରହିଥିବାରୁ ଆର୍ଥିକ ଓ ସାମାଜିକ ବିକାଶରେ ବାଧା ସୃଷ୍ଟି ହେଉଥିଲା ଲକ୍ଷ୍ୟ କରାଯାଉଛି । ରାଜ୍ୟ ସରକାରଙ୍କ ଅନେକ ଯୋଜନାର ସହାୟତା ରାଶି ହିତାଧିକାରୀଙ୍କୁ ସିଧାସଳଖ ଅର୍ଥ ପ୍ରଦାନ(ଡିବିଟି) କରାଯାଇଥାଏ । ତେଣୁ ସାଧାରଣ ଜନତାଙ୍କ ହାତପାଆନ୍ତାରେ ବ୍ୟାଙ୍କ ସୁବିଧା ପହଞ୍ଚାଇବାରେ କେନ୍ଦ୍ର ସହଯୋଗ କରୁ । ଅନୁରୂପ ଭାବେ ରାଜ୍ୟରେ ମୋବାଇଲ ଓ ଟେଲିଫୋନ୍ ଯୋଗାଯୋଗରେ ସୁଧାର ଆସିବା ଦରକାର । ରାଜ୍ୟର ଏପରି ଅନେକ ଅଞ୍ଚଳ ଅଛି, ଯେଉଁଠାରେ ମୋବାଇଲ ଟାୱାର ବସାଯାଇ ପାରିନାହିଁ । ତେଣୁ କେନ୍ଦ୍ର ସରକାର ରାଜ୍ୟର ଏହି ଦାବିକୁ ଗୁରୁତ୍ୱ ସହ ବିଚାର କରନ୍ତୁ ବୋଲି ନବୀନ 'ନିତି' ସଦସ୍ୟଙ୍କ ନିକଟରେ ଦାବି ରଖିଥିଲେ ।

## ଜଗଦୀପ ଧନଖଡ଼ ହେଲେ ଭାରତର ...

ମତ ସାବ୍ୟସ୍ତ କରିଥିଲେ । ସନ୍ଧ୍ୟା ୬ଟା ବେଳେ ଭୋଟ୍ ଗଣତି ଆରମ୍ଭ ହୋଇଥିଲା । ଜଗଦୀପ ଧନଖଡ଼ଙ୍କୁ ୫୨୮ ଖଣ୍ଡ ଭୋଟ ମିଳିଥିବା ବେଳେ ଆଲଭାଙ୍କୁ ମାତ୍ର ୧୮୨ ଖଣ୍ଡ ଭୋଟ୍ ମିଳିଥିଲା । ୧୫ଟି ଭୋଟ୍ ନାକଚ ହୋଇଯାଇଥିବା ସୂଚନା ମିଳିଛି । ତୃଣମୂଳ କଂଗ୍ରେସର ୩୪ ଜଣ ସାଂସଦ ଏହି ନିର୍ବାଚନରେ ସେମାନଙ୍କ ମତ ସାବ୍ୟସ୍ତ କରି ନଥିଲେ । ଏ ନେଇ ପୂର୍ବରୁ ଦଳର ସୁପ୍ରିମୋ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଘୋଷଣା କରିଥିଲେ କି ଆଲଭାଙ୍କ ନାମ ମିଳିତ ବିରୋଧୀଙ୍କ ପ୍ରାର୍ଥୀ ଭାବେ ଘୋଷଣା କରିବା ପୂର୍ବରୁ ତାଙ୍କ ଦଳର ମତାମତ ନିଆଯାଇ ନଥିଲା । ତେଣୁ ନିର୍ବାଚନରେ ତାଙ୍କ ଦଳ ଅଂଶ ଗ୍ରହଣ କରିନାହିଁ ।

## ଫାଇଟର୍ ଜେଟ୍ ତେଜସ୍ ବିକ୍ରି ପାଇଁ...

ନିର୍ମିତ ସୁଖୋଇ-୩୦ ଫାଇଟର ଜେଟ୍‌ଗୁଡ଼ିକ ପୁରୁଣା ହୋଇଯିବାରୁ ଏହାସ୍ଥାନରେ ମାଲେସିଆ ନୂଆ ଯୁଦ୍ଧ ବିମାନ କିଣିବାକୁ ଚାହୁଁଛି । ଚୀନ୍, ଦକ୍ଷିଣ କୋରିଆ ଓ ରୁଷିଆର ଫାଇଟର୍ ଜେଟ୍ ରେସ୍ରେ ଥିବା ବେଳେ, ଦକ୍ଷତା ଓ ଜ୍ଞାନକୌଶଳ ଦୃଷ୍ଟିରୁ ତେଜସ ସମସ୍ତଙ୍କଠାରୁ ଆଗରେ ରହିଛି । ହାଲ୍ ଠାରୁ ୮୩ଟି ତେଜସ ଜେଟ୍ କିଣିବା ଲାଗି ନିକଟରେ ଭାରତୀୟ ବାୟୁସେନା ଅର୍ଡର ଦେଇଛି। ଭାରତରେ ନିର୍ମିତ ଲଘୁଆ ବିମାନ ତେଜସ୍ ବା ଏଲସିଏର ଚାହିଦା ଅନ୍ତର୍ଜାତୀୟ ସ୍ତରରେ ବଢିବାରେ ଲାଗିଛି । ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଦେଶ ଆମେରିକା ବି ଭାରତର ତେଜସ ବିମାନ ପ୍ରତି ଆଗ୍ରହ ଦେଖାଇଛି ବୋଲି ଭାରତର ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ।

## ରାଜ୍ୟସଭାରେ ଜୟପୁର ଓ ଉତକେଲା ବିମାନବନ୍ଦରକୁ...

ଯୋଜନା ଅଧୀନରେ ଝାରସୁଗୁଡ଼ା ସମେତ ମାଓ ଉପଦ୍ରୁତ କୋରାପୁଟ ଜିଲ୍ଲାର ଜୟପୁର ଏବଂ କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ ଉକଳୋ ବିମାନ ଘାଟିରୁ ବିମାନ ଚଳାଚଳ ପାଇଁ ନିଷ୍ପତ୍ତି ହୋଇଥିଲା । ତେବେ ବିଭିନ୍ନ ପ୍ରକ୍ରିୟା ପରେ ୨୦୨୦ ମସିହାରେ ଏ ଦିଗରେ କାର୍ଯ୍ୟ ଆରମ୍ଭ ହୋଇଥିଲା । କିନ୍ତୁ ଝାରସୁଗୁଡ଼ାରୁ ବିମାନ ଚଳାଚଳ ଆରମ୍ଭ ହୋଇଥିବା ବେଳେ ଉଡ଼ାନ୍ ଯୋଜନା ଅଧୀନରେ ରାଉରକେଲାରୁ ବିମାନ ସେବା ଆରମ୍ଭ ହେବାକୁ ଯାଉଛି । କିନ୍ତୁ ପରିତାପର ବିଷୟ କଳାହାଣ୍ଡି ଏବଂ କୋରାପୁଟ ଜିଲ୍ଲବାସୀଙ୍କ ଆକାଂକ୍ଷା ପୂରଣ ହୋଇପାରି ନାହିଁ । ଇତିମଧ୍ୟରେ ଏଏଆଇ ପକ୍ଷରୁ ବାରମ୍ବାର କ୍ଷେତ୍ର ପରିଦର୍ଶନ, ଆଲୋଚନା ପର୍ଯ୍ୟାଲୋଚନା ସହିତ ଜୟପୁର ଓ ଉକଳୋରୁ ବିମାନ ଚଳାଚଳ ଆରମ୍ଭ ହେବା ନେଇ ପ୍ରତିଶ୍ରୁତି ଦିଆଯାଇଛି । ହେଲେ ଅତ୍ୟନ୍ତ ଦୁଃଖର ବିଷୟ ହେଉଛି ଯେ ଅଜଣା କାରଣ ପାଇଁ ଆଜି ପର୍ଯ୍ୟନ୍ତ ଦୁଇ ସ୍ଥାନରୁ ବିମାନ ସେବା ଆରମ୍ଭ ହୋଇପାରିଲା ନାହିଁ । ଦିନକୁ ଦିନ ବିମାନ ଉଡ଼ାଣ ବିଳମ୍ବିତ ହୋଇ ଚାଲିଛି ଆଉ ଦୁଇ ଜିଲ୍ଲାବାସୀ ନିଜ ସ୍ୱପ୍ନ ସାକାର ହେବାକୁ ଚାହିଁ ବସିଛନ୍ତି । ଶ୍ରୀ ମଙ୍ଗରାଜ ପୁଣି କହିଛନ୍ତି ଯେ, ଉଭୟ କୋରାପୁଟ ଏବଂ କଳାହାଣ୍ଡି ଜିଲ୍ଲାକୁ ପଡ଼ୋଶୀ ରାଜ୍ୟର ବାଣିଜ୍ୟିକ ପ୍ରବେଶ ପଥ ବୋଲି କୁହାଯାଏ । ବାଣିଜ୍ୟିକ ପରିବେଶ ତଥା ମାଓ ଆକ୍ରମଣ ଆଶଙ୍କା ଦୃଷ୍ଟିରୁ ସୁରକ୍ଷିତ ପରିବହନ ନିମନ୍ତେ ଜୟପୁର ଏବଂ ଉକଳୋ ବେଶ୍ ଗୁରୁତ୍ୱବହନ କରିଥାଏ । ଏଠାରୁ ବିମାନ ସେବା ଆରମ୍ଭ ହେବା ନା କେବଳ ସ୍ଥାନୀୟ ଲୋକ ବରଂ ସମଗ୍ର ରାଜ୍ୟ ପାଇଁ ଉପାଦେୟ ସାବ୍ୟସ୍ତ ହୋଇପାରିବ । ତେଣୁ ଓଡ଼ିଶାବାସୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏହି ପ୍ରସଙ୍ଗକୁ ଗୁରୁତ୍ୱ ପ୍ରଦାନ କରି ଦୁଇ ବିମାନ ଘାଟିରୁ ଯଥାଶୀଘ୍ର ବିମାନ ଚଳାଚଳ ଆରମ୍ଭ କରିବା ପାଇଁ କେନ୍ଦ୍ର ସରକାର ପଦକ୍ଷେପ ନିଅନ୍ତୁ ବୋଲି ଶ୍ରୀ ମଙ୍ଗରାଜ ରାଜ୍ୟସଭାରେ ଦୃଢ଼ ଯୁକ୍ତି ଉପସ୍ଥାପନ କରିଥିଲେ । ଏହି ପ୍ରସଙ୍ଗରେ ଶ୍ରୀ ମଙ୍ଗରାଜ ରାଜ୍ୟସଭାର ମହାସଚିବଙ୍କୁ ପତ୍ର ଲେଖି ସମାନ ଦାବି ଉପସ୍ଥାପନ କରିଛନ୍ତି ।

## ଓଟିଏମ୍ ପୁନରୁଦ୍ଧାର ପାଇଁ ...

ହେବ । ଏଭଳି ଆଶା ଏବେ ସଞ୍ଚାର ହୋଇଥିବା ବେଳେ ବୁଡ଼ି ଯାଇଥିବା ଓଟିଏମର କର୍ମଚାରୀଙ୍କ ଅସରନ୍ତି ଦୁଃଖ ଏବେ ସାମନାକୁ ଆସୁଛି । ଓଟିଏମ୍ ବନ୍ଦ ହେଲା ବେଳକୁ ପ୍ରାୟ ୩୭ଶହ କର୍ମଚାରୀ କାର୍ଯ୍ୟରତ ଥିଲେ । ସେମାନଙ୍କ ମଧ୍ୟରୁ ୭ ଶହରୁ ଅଧିକ ପ୍ରାଣ ହରାଇଲେଣି । ତେବେ, ଏହି ୩୭ଶହରୁ ଅଧିକ ପରିବାରଙ୍କ ମନରେ ପ୍ରାପ୍ୟ ଆଶା ଉଜ୍ଜୀବିତ ହୋଇଛି । ଓଟିଏମର ଶ୍ରମିକ, କର୍ମଚାରୀ, ଅଧିକାରୀ ଏଭଳି ୩ଟି ବର୍ଗର ଲୋକ ଅଛନ୍ତି । ଓଟିଏମରୁ ସ୍ୱେଚ୍ଛାକୃତ ଅବସର, ବାଧ୍ୟତାମୂଳକ ଅବସର ନେଇଥିବା କର୍ମଚାରୀ ବି ଅଛନ୍ତି । ପ୍ରାୟ ସମସ୍ତଙ୍କ ଟଙ୍କା ବାକି ପଡ଼ିଛି । ହାରାହାରି ଜଣେ ଜଣେ ଅତିକମରେ ୪ରୁ ୫ ଲକ୍ଷ ଟଙ୍କା ବକେୟା ପାଇବେ ବୋଲି ଜଣାପଡ଼ିଛି । ଓଟିଏମ୍ ହଜାର ହଜାର ଶ୍ରମିକମାନଙ୍କୁ ଜୀବିକା ଦେଇଥିବା ବେଳେ ପରବର୍ତ୍ତୀ ସମୟରେ ଏହାର ଦୁଃସ୍ଥିତି ସେମାନଙ୍କ ଜୀବନର ସବୁ ସୁଖ ଛଡ଼ାଇ ନେଇଥିବା ବହୁ ଶ୍ରମିକ ପ୍ରକାଶ କରିବା ସହ ସରକାର ଚାହିଁଥିଲେ ୨୦ ବର୍ଷ ପୂର୍ବରୁ ବି ଏତକ କରିପାରିଥା'ନ୍ତେ ବୋଲି ଅନେକ କ୍ଷୋଭର ସହ କହିଛନ୍ତି ।

ସୂଚନାଥାଉକି ୫୦ ଦଶକରେ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁବାବୁଙ୍କ ଦ୍ୱାରା କଟକ ଉପକଣ୍ଠ ଚୌଦ୍ୱାରଠାରେ ଓଟିଏମ ପ୍ରତିଷ୍ଠା ହୋଇଥିଲା । ପରିଚାଳନାଗତ ତ୍ରୁଟି ଓ ଆର୍ଥିକ ସଂକଟରୁ ୧୯୮୧ ମସିହାରେ ଏହି କାରଖାନାକୁ ରୁଗ୍ଣ ଘୋଷଣା କରାଯାଇଥିଲା । ପରେ ଏହାକୁ ସରକାର ହାତକୁ ନେଇଥିଲେ । ଗୁରୁତର ଆର୍ଥିକ କ୍ଷତି ପାଇଁ ୨୦୦୧ମସିହାରୁ ଏହି କାରଖାନାରେ ସମ୍ପୂର୍ଣ୍ଣ ତାଲା ଝୁଲିଥିଲା । ସେବେଠୁ ହାଇକୋର୍ଟରେ ମାମଲା ବିଚାରାଧୀନ ରହିଛି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୬ସପ୍ତାହ ପରେ ହେବ ବୋଲି ଧାର୍ଯ୍ୟ ହୋଇଛି । ଅନ୍ୟପକ୍ଷରେ ଏହାକୁ ନେଇ ମଧ ଚୌଦ୍ୱାର ଅଞ୍ଚଳରେ ରାଜନୈତିକ ବାତାବରଣ ବେଶ ସରଗରମ ହୋଇ ଉଠିଛି । ବର୍ଷ ବର୍ଷ ଧରି ଓଟିଏମ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସିଥିବା ଶ୍ରମିକମାନେ ଏବେ ଏହି ରାୟ ପ୍ରକାଶ ପରେ ମାନ୍ୟବର ହାଇକୋର୍ଟଙ୍କୁ କୃତଜ୍ଞତା ଜଣାଇବା ସହ ସତ୍ୟର ଜୟ ହୋଇଛି ବୋଲି କହୁଛନ୍ତି । ପୁନଶ୍ଚ ଓଟିଏମର ଭାଗ୍ୟ ଖୋଲିବା ନେଇ ଏହାର ସମସ୍ତ ଶ୍ରେୟ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଓ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ ଅଞ୍ଚଳବାସୀ ଦେଇଛନ୍ତି । ଏ ନେଇ ସ୍ଥାନୀୟ ଟାଉନହଲ ଠାରେ ଆୟୋଜିତ ଏକ ସାଧାରଣ ସଭାରେ ପୂର୍ବତନ ବିଧାୟକ ଶ୍ରୀ ବିଶ୍ୱାଳ ଏହାର ସମସ୍ତ ଶ୍ରେୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦେବା ସହ ରାଜ୍ୟସରକାରଙ୍କ ଆନ୍ତରିକତା ଯୋଗୁଁ ଓଟିଏମ ଶ୍ରମିକ ସେମାନଙ୍କ ପ୍ରାପ୍ୟ ପାଇବାକୁ ଯାଉଛନ୍ତି ବୋଲି କହିଛନ୍ତି । ମାତ୍ର ଏବେ ଓଟିଏମ କଲୋନୀରେ ବସ ବାସ କରୁଥିବା ହଜାର ହଜାର ଶ୍ରମିକ ପରିବାର ସେହି କଲୋନୀରେ ରହିବେ ନା ସେମାନଙ୍କୁ ବିସ୍ଥାପିତ ହେବାକୁ ପଡ଼ିବ ତାହା ଏ ଯାଏ ସ୍ପଷ୍ଟ ହୋଇ ପାରିନାହିଁ ।

## ବିଶ୍ୱ ବଜାରରେ ଭାରତୀୟ ଖେଳଣା :ମୋଦୀଙ୍କ ଆହ୍ୱାନ ଆଣିଲା ସଫଳତା, ରପ୍ତାନୀରେ ୬୧ ପ୍ରତିଶତ ବୃଦ୍ଧି

ନୂଆଦିଲ୍ଲୀ(ଏଜେନ୍ସି) : ଅଗଷ୍ଟ ୨୦୨୦ର କଥା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଭାରତୀୟ ଜନସାଧାରଣଙ୍କୁ କହିଥିଲେ, ବିଶ୍ୱ ଖେଳଣା ଶିଳ୍ପର ଶିଳ୍ପ ମୂଲ୍ୟ ହେଉଛି ପ୍ରାୟ ୭ ଲକ୍ଷ କୋଟି ଟଙ୍କା । ଏଥିରେ ଭାରତୀୟ ଖେଳଣା ଶିଳ୍ପର ଅଂଶ ନଗଣ୍ୟ । କିନ୍ତୁ ଯେଉଁ ଦେଶରେ ବିଶାଳ ଐତିହ୍ୟ, ପରମ୍ପରା, ବିବିଧତା, ଯୁବ ଜନସଂଖ୍ୟା ଅଛି, ସେହି ଦେଶର ଭାଗିଦାରୀ ଏତେ କମ୍ । ଏହା ଶୁଣି ଆମକୁ ଭଲ ଲାଗୁ ନଥିବ । ଆମକୁ ,କାଠି ମିଶି ଆଗକୁ ବଢ଼ାଇବାକୁ ହେବ ।' ପ୍ରଧାନମନ୍ତ୍ରୀଙ୍କ ଏହି ନିବେଦନ ଖେଳଣା କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳତାକୁ ନେଇ ଏକ ନୂତନ କାହାଣୀ ଲେଖାହେଲା । ଏକ ମାସର ଟୟକାଥନ, ଦେଶର ପ୍ରଥମ ଟୟ ଫେୟାର, ୧୦୦% ବିଦେଶୀ ପୁଞ୍ଜି ବିନିଯୋଗ ଅନୁମତି, ଖେଳଣା କ୍ଲଷ୍ଟର, ବିଦେଶୀ ଖେଳଣା ଆମଦାନୀ ଉପରେ ବାଧ୍ୟତାମୂଳକ ପ୍ରମାଣପତ୍ର, ଭାରତୀୟ ଖେଳଣାରେ ନୂତନତା ଏବଂ ଡିଜିଟାଲ ଖେଳ କ୍ଷେତ୍ରରେ ନୂତନ ପ୍ରାରମ୍ଭ ଦେଖିବାକୁ ମିଳିଲା । ଏହି ପଦକ୍ଷେପଗୁଡ଼ିକର ପ୍ରଭାବ ବର୍ତ୍ତମାନ ଦୃଶ୍ୟମାନ ହେଉଛି । ଭାରତରେ, ଯେଉଁଠାରେ ୨୦୧୮-୧୯ରେ ୩୭୧ ନିୟୁତ ଡଲାର ଖେଳଣା ଆମଦାନୀ ହୋଇଥିଲା, ୨୦୨୧-୨୨ ମସିହାରେ ଏହି ଆମଦାନୀ ୭୦ ପ୍ରତିଶତ ହ୍ରାସ ପାଇ ୧୧୦ ମିଲିୟନ ଡ଼ଲାରରେ ପହଞ୍ଚିଛି । ଏହା ସହିତ, ୨୦୧୮-୧୯ ରେ ଭାରତୀୟ ଖେଳଣା ରପ୍ତାନି ୨୦୨ ନିୟୁତ ଥିଲାବେଳେ ତାହା ୬୧% ବୃଦ୍ଧି ହୋଇ ୨୦୨୧-୨୨ ରେ ୩୨୬ ମିଲିୟନ ଡ଼ଲାରରେ ପହଞ୍ଚିଛି ।

## ସିଧାମୂଳା ବାଲିଘାଟ ନିଲାମ ବାତିଲ ଦାବି : ତହସିଲ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ



**ଖଣ୍ଡପଡା(ଏନ୍.ଏମ୍.) :** ଖଣ୍ଡପଡା ତହସିଲ ଅଧିନ ସିଧାମୂଳା ମହାନଦୀ ବାଲିଘାଟକୁ ଖଣ୍ଡପଡା ତହସିଲଦାର ଶାଗମାଛ ଦରରେ ନିଲାମ କରିଦେଇଛନ୍ତି । ବାଲିଘାଟ ନିଲାମରେ ବ୍ୟାପକ ଦୁର୍ନୀତି ହୋଇଥିବାରୁ ରାଜ୍ୟ ସରକାର ଏ ବାବଦରେ ୧୨ କୋଟିରୁ ଉର୍ଦ୍ଧ ଟଙ୍କାର ରାଜସ୍ୱ ହରାଇବେ ବୋଲି କଂଗ୍ରେସ ନେତାମାନେ ଅଭିଯୋଗ ଉଠାଇ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତୀକ ଧାରଣା ଦେବା ସହ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ନୟାଗଡ଼ ଜିଲ୍ଲା କଂଗ୍ରେସ କମିଟିର ସଭାପତି ରଣଜିତ ଦାଶ ଓ ହୁସେନ ଖାଁଙ୍କ ନେତୃତ୍ୱରେ ଦଳର ସଂଗଠକ ଓ କର୍ମୀମାନେ ଏକ ଶୋଭାଯାତ୍ରାରେ ଖଣ୍ଡପଡା ସହର ପରିକ୍ରମା କରିବା ପରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଁଚି ହରତାଳ କରିଥିଲେ । ସିଧାମୂଳା ବାଲିଘାଟ ନିଲାମରେ ତହସିଲଦାର ମୋଟା ଅଙ୍କର ଅର୍ଥନେଇ ଅନିୟମିତତାକୁ ପ୍ରଶୟ ଦେଇଥିବାରୁ ତୁରନ୍ତ ତାଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଆଗାମୀ ୫ବର୍ଷ ପାଇଁ ବାଲିଘାଟ ଲିଜଧାରୀଙ୍କ ସହ ହୋଇଥିବା ଚୁକ୍ତିନାମାକୁ ବାତିଲ କରିବାକୁ ଦଳୀୟ ନେତାମାନେ ଦାବି କରିଥିଲେ । ସିଧାମୂଳା ମହାନଦୀ ଘାଟରୁ ବାଲି ଉଠାଣ ନିମନ୍ତେ ଆବଶ୍ୟକୀୟ ପରିବେଶ ମଂଜୁରୀ ନଥିବା ବେଳେ ବାଲି ମାଫିଆ ତହସିଲଦାର ଓ ତହସିଲ କର୍ତ୍ତୃପକ୍ଷଙ୍କୁ ହାତବାରିସ କରି କିବା ଦିନ ଓ ରାତିରେ ଶହଶହ ଟ୍ରିପ ବାଲି ଉଠାଉଛି ବୋଲି ଅଭିଯୋଗ ଉଠାଇ କଂଗ୍ରେସ ନେତାମାନେ ତହସିଲଦାର ଓ ତାଙ୍କୁ ଘଂଟ ଘୋଡାଉଥିବା ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କୁ କଟୁ ସମାଲୋଚନା କରିଥିଲେ । ସିଧାମୂଳା ମହାନଦୀ ବାଲିଘାଟ ନିଲାମ ବାତିଲ ନହେଲେ ଏହାର ପ୍ରତିବାଦରେ ଆଗାମୀ ଦିନରେ କଂଗ୍ରେସ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି କଂଗ୍ରସ ସଂଗଠକ ପ୍ରକାଶ ଚନ୍ଦ୍ର ଝୁଂଟିଆ, ବସନ୍ତ କୁମାର ମହାରଣା, ଖଣ୍ଡପଡା ବ୍ଲକ କଂଗ୍ରେସ ସଭାପତି ଦେବବ୍ରତ ବେହେରା,ସରୋଜ ପରିଡା ପ୍ରମୁଖ ନେତାମାନେ ଚେତାବନୀ ଦେଇଛନ୍ତି ।

## ସମସ୍ତ ଇଆରଓ ତଥା ଉପଜିଲ୍ଲାପାଳମାନଙ୍କୁ ନେଇ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମୀକ୍ଷା ବୈଠକ

**ଭୁବନେଶ୍ୱର(ଏନ୍.ଏମ୍.) :** ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀଙ୍କ ଅଧକ୍ଷତାରେ ସମସ୍ତ ଇଆରଓ ତଥା ଉପଜିଲ୍ଲାପାଳମାନଙ୍କୁ ନେଇ ଭୁବନେଶ୍ୱରସ୍ଥ ମଧୁସୂଦନ ଏକାଡେମୀଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଲୋକପ୍ରତିନିଧି ଆଇନ-୧୯୫୦ ଏବଂ ନିର୍ବାଚନ ପଞ୍ଜିକରଣ ଆଇନ-୧୯୬୦ରେ କେତେକ ସଂଶୋଧନ କରାଯାଇଥିବା ସମ୍ପର୍କରେ ମୁଖ୍ୟ ନିର୍ବାଚନ ଅଧିକାରୀ ଉପସ୍ଥିତ ଅଧିକାରୀମାନଙ୍କୁ ସୂଚନା ଦେଇଥିଲେ । ଏହା ଫଳରେ ଭୋଟର ତାଲିକାରେ ପଞ୍ଜିକରଣ ନିମନ୍ତେ ଫର୍ମରେ ସଂଶୋଧନ, ଦାବି-ଆପତ୍ତି ଏବଂ ଭୋଟର ତାଲିକାରେ ପଞ୍ଜିକରଣ ପାଇଁ ଯୋଗ୍ୟତାସୂଚକ ତାରିଖ, ଆଧାର ସଂଯୋଗୀକରଣ ନିମନ୍ତେ ଫର୍ମ-୬(ଖ)ର ପ୍ରଚଳନ କ୍ଷେତ୍ରରେ ଅନେକଗୁଡ଼ିଏ ସଂଶୋଧନ କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଲୋହାନୀ ସମୀକ୍ଷା ବୈଠକରେ ପ୍ରକାଶ କରିଥିଲେ । ଭାରତ ନିର୍ବାଚନ ଆୟୋଗ ଭୋଟର ତାଲିକାରେ ସ୍ୱଚ୍ଛତା ବଜାୟ ରଖିବା ନିମନ୍ତେ ଭୋଟର ଫଟୋ ପରିଚୟ ପତ୍ର ସହ ସ୍ୱେଚ୍ଛାକୃତ ଭାବେ ଆଧାର ସଂଯୋଗୀକରଣ ଉପରେ ଗୁରୁତ୍ୱାରୋପ କରିଛନ୍ତି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଥିଲେ । ଭୋଟର ତାଲିକା ସହ ଆଧାର ସଂଯୋଗୀକରଣ ପାଇଁ ଜଣେ ଘରେ ରହି ଗୁଗୁଲୁ ପ୍ଲେ ଷ୍ଟୋରରୁ ନିଜ ମୋବାଇଲ୍‌ରେ ଡାଉନ୍‌ଲୋଡ୍ କରି ଆଧାର ସଂଯୋଗୀକରଣ କାର୍ଯ୍ୟ କରିପାରିବେ । ଭୋଟର ତାଲିକାରେ ନାମ ପଞ୍ଜିକରଣ ନିମନ୍ତେ ଜାନୁଆରୀ ୧ତାରିଖ ବ୍ୟତୀତ ଆଉ ତିନିଗୋଟି ଯୋଗ୍ୟତାସୂଚକ ତାରିଖ ଯଥା ଅପ୍ରେଲ ୧ ତାରିଖ, ଜୁଲାଇ ୧ ତାରିଖ ଏବଂ ଅକ୍ଟୋବର ୧ ତାରିଖ, ଏହିପରି ଏଣିକି ଚାରିଗୋଟି ଯୋଗ୍ୟତା ସୂଚକ ତାରିଖ ରହିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଜଣାଇଛନ୍ତି । ବାର୍ଷିକ ଚିଠା ଭୋଟର ତାଲିକା ପ୍ରକାଶନ ତା. ୦୯/୧୧/୨୦୨୨ରିଖ ଠାରୁ ତା. ୦୮/୧୨/୨୦୨୨ରିଖ ମଧ୍ୟରେ କରାଯିବ । ଏହାପରଠାରୁ ଯେଉଁ ନାଗରିକଙ୍କର ବୟସ ୧୭ ବର୍ଷ ପୂରଣ ହୋଇଥିବ, ସେ ଭୋଟର ତାଲିକାରେ ନିଜ ନାମ ପଞ୍ଜିକରଣ ନିମନ୍ତେ ଆଗୁଆ ଆବେଦନ କରିପାରିବେ ଏବଂ ପରବର୍ତ୍ତୀ ଯୋଗ୍ୟତାସୂଚକ ତାରିଖରେ ତାଙ୍କୁ ୧୮ ବର୍ଷ ପୂରଣ ହେଲେ, ତାଙ୍କର ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଯିବ । ପ୍ରଦତ୍ତ ଠିକଣାରେ ଡାକଯୋଗେ ତାଙ୍କର ଭୋଟର ପରିଚୟ ପତ୍ର ପ୍ରେରଣ କରାଯିବ । ପୁନରାୟ ଆଉ ତାଙ୍କୁ ଆବେଦନ ପତ୍ର ଦାଖଲ କରିବାକୁ ପଡ଼ିବ ନାହିଁ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି । ଲୋକପ୍ରତିନିଧି ଆଇନ-୧୯୫୦ ଏବଂ ନିର୍ବାଚନ ପଞ୍ଜିକରଣ ଆଇନ-୧୯୬୦ର ସଂଶୋଧନ ଫଳରେ ଭୋଟର ତାଲିକାରେ ନାମ ଫଜୀକରଣ ନିମନ୍ତେ ଥିବା ଫର୍ମରେ କେତେକ ସଂଶୋଧନ କରାଯାଇଛି ।

## ସତ୍ୟଭାମାଦେବୀ ମୂକ-ବଧିର ମହାବିଦ୍ୟାଳୟରେ ସାଇବର ଠକେଇ ସଚେତନା କାର୍ଯ୍ୟକ୍ରମ




**ଭୁବନେଶ୍ୱର(ଏନ୍.ଏମ୍.) :** ସତ୍ୟଭାମାଦେବୀ ମୂକ-ବଧିର ମହାବିଦ୍ୟାଳୟରେ ଉଚ୍ଚଭରକ୍ସ ଠକେଇକୁ ନେଇ ଆଜି ଏକ ସଚେତନତା କାର୍ଯ୍ୟକ୍ରମ ମୂକ-ବଧିର ଛାତ୍ର/ଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ ଅଫନ୍ୟୁୟର୍କର ପ୍ରକଳ୍ପ ପରିଚାଳକ ଶିବାନୀ ଶଶୀକାନ୍ତ ମହାନ୍ତି, ଉଦ୍ୟୋଗୀ ଚନ୍ଦ୍ର ଶେଖର ପ୍ରମୁଖ ଯୋଗଦାନ କରି ମୂକ-ବଧିର ଛାତ୍ର/ଛାତ୍ରୀମାନଙ୍କୁ ସାଇବର ଠକେଇର ବିଭିନ୍ନ ଦିଗ ଓ ଏଥିରୁ କେମିତି ବର୍ତିହେବ ସେ ସମ୍ପର୍କରେ ଆଲୋଚନା କରିଥିଲେ । ଅତିଥିମାନେ କହିଲେ ଯେ, ଅଧିକାଂଶ ସାଇବର ଅପରାଧ ସାଇବର ଅପରାଧୀଙ୍କ ପାଇଁ ଲାଭ ସୃଷ୍ଟି କରାଯାଉଥିବାବେଳେ କେତେକ ସାଇବର ଅପରାଧ କମ୍ପ୍ୟୁଟର କିମ୍ବା ଡ଼ିଭାଇସ୍ ବିରୁଦ୍ଧରେ ସିଧାସଳଖ କ୍ଷତି କିମ୍ବା ଅକ୍ଷମ କରିବା ପାଇଁ ଚେଷ୍ଟା କରିଥାନ୍ତି ଏବଂ ଏଥିସହିତ ମାଲୱେର, ବେଆଇନ ସୂଚନା, ପ୍ରତିଛବି କିମ୍ବା ଅନ୍ୟାନ୍ୟ ସାମଗ୍ରୀ ବିସ୍ତାର କରିବାକୁ କମ୍ପୁଟର କିମ୍ବା ନେଟୱାର୍କ ବ୍ୟବହାର କରିଥାନ୍ତି, ସାଇବର ଅପରାଧର ଏକ ପ୍ରାଥମିକ ପ୍ରଭାବ ହେଉଛି ଆର୍ଥିକ । ସାଇବର ଅପରାଧରେ ବିଭିନ୍ନ ପ୍ରକାରର ଲାଭ-ଚାଳିତ ଅପରାଧିକ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ ଇମେଲ ଏବଂ ଇଂଟରନେଟ ଠକେଇ, ପରିଚୟ ଠକେଇ, ଆର୍ଥିକ ଆକାଉଂଟ, କ୍ରେଡ଼ିଟ କାର୍ଡ଼ କିମ୍ବା ଅନ୍ୟାନ୍ୟ ପେମେଂଟ କାର୍ଡ଼ ତଥ୍ୟ ଚୋରି କରିବାର ପ୍ରୟାସ କରିଥାନ୍ତି । ଏଥିସହିତ ଲୋଭ, ଭୟ ଓ ଅବହେଳାରୁ ଲୋକମାନେ ସାଇବର ଠକେଇ ଜାଲରେ ପଡୁଛନ୍ତି । ଏଥିରୁ ବର୍ତିବାକୁ ହେଲେ ଥାର୍ଡ଼ପାର୍ଟି (ଆପ୍) ଠାରୁ ଦୂରେଇ ରହିବାକୁ ସେ ପରାମର୍ଶ ଦେଇଥିଲେ । ଯଦି କେହି ସାଇବର ଠକେଇର ଶୀକାର ହୁଅନ୍ତି ତେବେ, ସାଇବର ଥାନାକୁ ସଙ୍ଗେ ସଙ୍ଗେ ଜଣାଇବା ପାଇଁ ମଧ ପରାମର୍ଶ ଦେଇଥିଲେ । ଅତିଥିମାନେ ଯେଉଁସବୁ ପରାମର୍ଶ ଦେଇଥିଲେ ତାଙ୍କର ଅଭିଭାଷଣକୁ ସତ୍ୟଭାମାଦେବୀ ମୂକ-ବଧିର ମହାବିଦ୍ୟାଳୟର ଅଧକ୍ଷା ସଂଘମିତ୍ରା ମହାପାତ୍ର ସାଙ୍କେତିକ ଭାଷାରେ ମୂକ-ବଧିର ଛାତ୍ର/ଛାତ୍ରୀଙ୍କୁ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମକୁ ସତ୍ୟଭାମାଦେବୀ ୱେଲଫେୟାର ଟ୍ରଷ୍ଟ ମ୍ୟାନେଜିଂ ଟ୍ରଷ୍ଟି ସୁଶ୍ରୀ ନିରୋଜା ଲକ୍ଷ୍ମୀ ମହାପାତ୍ର ପରିଚାଳନା କରିଥିଲେ ଏବଂ କଲେଜର ଅଧାପକ ପୂର୍ଣ୍ଣେନ୍ଦୁ ଶେଖର ପରିଡ଼ା ସର୍ବଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ସୁନ୍ଦରଗଡ଼ ଜିଲ୍ଲାର ଅର୍ଥନୈତିକ ବିକାଶ ନେଇ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତାଙ୍କ ସମୀକ୍ଷା

### ଉଦ୍‌ଘାଟନ କଲେ ନବନିର୍ମିତ କଲ୍ୟାଣ ମଣ୍ଡପ

### ବିର୍ସା ମୁଣ୍ଡା ଖେଳପଡ଼ିଆଠାରେ ନିର୍ମାଣାଧିନ ବିଭିନ୍ନ କାର୍ଯ୍ୟର ସମୀକ୍ଷା

### ପରିଦର୍ଶନ କଲେ ରାଉରକେଲା ସ୍ୱୟଂଶାସିତ ମହାବିଦ୍ୟାଳୟ



**ଭୁବନେଶ୍ୱର(ଏନ୍.ଏମ୍.) :** ରାଉରକେଲା ନିୟନ୍ତ୍ରିତ ବଜାର କମିଟି ସମ୍ମିଳନୀ କକ୍ଷଠାରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧକ୍ଷ ତଥା ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଅସିତ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ସମସ୍ତ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ କୃଷି, ଉଦ୍ୟାନକୃଷି, ପ୍ରାଣୀସଂପଦ ବିକାଶ, ମତ୍ସ୍ୟ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଓଡ଼ିଶା ଜୀବିକା ମିଶନ ଏବଂ ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥା ବିଭାଗ ସମୂହ ଯୋଗଦେଇଥିବାବେଳେ ବିଭିନ୍ନ ଯୋଜନା ଅଧିନରେ ଜୀବିକା ଉପାର୍ଜନ କାର୍ଯ୍ୟକ୍ରମଗୁଡ଼ିକ ଉପରେ ସମୀକ୍ଷା କରାଯାଇଥିଲା । ଜିଲ୍ଲାର ଅର୍ଥନୈତିକ ଯୋଜନା ପ୍ରସ୍ତୁତିବେଳେ ଆବଶ୍ୟକୀୟ ଅର୍ଥନୈତିକ କାର୍ଯ୍ୟକ୍ରମ ନିମନ୍ତେ ଘରୋଇ ଉଦ୍ୟୋଗୀମାନଙ୍କ ସକାଶେ ଉପଯୁକ୍ତ ବାତାବରଣ ସୃଷ୍ଟି କରିବା ଉପରେ ସମସ୍ତ ଅଧିକାରୀଙ୍କୁ ଶ୍ରୀ ତ୍ରିପାଠୀ ସଚେତନ କରିଥିଲେ । ସେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ଜିଲ୍ଲା ପାଇଁ କାର୍ଯ୍ୟକ୍ରମ ସ୍ଥିର କଲାବେଳେ ପାରସ୍ପରିକ ଯୋଗସୂତ୍ର ରକ୍ଷା କରି ସୁସଂଯୋଜିତ ଭାବେ କାର୍ଯ୍ୟ କରିବାକୁ ଗୁରୁତ୍ୱ ଦେଇଥିଲେ । ବର୍ତ୍ତମାନ ଯୋଗାଣଶୃଙ୍ଖଳର ନକ୍ସା ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି ଏବଂ ଏହା ବ୍ୟବସାୟିକ କୃଷିକୁ ପ୍ରୋତ୍ସାହିତ କରିବା ଜରୁରୀ ବୋଲି ସେ କହିଥିଲେ । ଜିଲ୍ଲାରେ ଅଣପାରମ୍ପରିକ ଶସ୍ୟ ଯଥା ବାଦାମ, ମୁଗ, ସୂର୍ଯ୍ୟମୁଖୀର ଯଥେଷ୍ଟ ସମ୍ଭାବନା ରହିଛି । ସେହିପରି ପିସିକଲଚର କ୍ଷେତ୍ରରେ ଜିଲ୍ଲା ଦିନକୁ ଦିନ ଅଧିକ ମାତ୍ରାରେ ସଫଳତା ହାସଲ କରୁଥିବାବେଳେ ଏଥିରେ ବ୍ୟକ୍ତିଗତ ହିତାଧିକାରୀ, ଗ୍ରାମପଞ୍ଚାୟତର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ଘରୋଇ ପୋଖରୀଗୁଡ଼ିକ ସାମିଲ ହୋଇପାରିଛନ୍ତି । ଆଞ୍ଚଳିକ ବିକାଶ ପାଇଁ ଦଳଗତ ମନୋଭାବ ନେଇ କାର୍ଯ୍ୟ କରିବା, କ୍ଲଷ୍ଟର ଆପ୍ରୋଚକୁ ଆପଣାଇବା, ନୂତନ ବ୍ରାଣ୍ଡିଂ ସୃଷ୍ଟି କରିବା ଏବଂ ବଜାର ସହ ସଂଯୁକ୍ତ କରିବା ଆଦି କରାଯାଇ ଏହି ଧାରାକୁ ବଞ୍ଚାଇ ରଖିବା ଉପରେ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଶ୍ରୀ ତ୍ରିପାଠୀ ରାଉରକେଲା ଗସ୍ତ ସମୟରେ ସେକଫର ୨୧ର ଓଏସ୍ଏପି କଲୋନୀରେ ନବନିର୍ମିତ କଲ୍ୟାଣ ମଣ୍ଡପର ଶୁଭ ଉଦ୍‌ଘାଟନ କରିଥିଲେ । ଏହାକୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପ୍ରଦତ୍ତ ୪୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି । ବହୁ ଦିନ ଧରି ସ୍ଥାନୀୟ ବାସିନ୍ଦାଙ୍କ ସମେତ ସ୍ଥାନୀୟ ବିଧାୟକ ଏହାର ନିର୍ମାଣ ପାଇଁ ଦାବି କରିଆସୁଥିଲେ । ଏହା ଏଣିକି ବିଭିନ୍ନ ସାମାଜିକ-ସାଂସ୍କୃତିକ କାର୍ଯ୍ୟକ୍ରମ ସକାଶେ ସ୍ଥାନୀୟ ଲୋକଙ୍କ ଚାହିଦା ପୂରଣ କରିବାରେ ପ୍ରମୁଖ ସ୍ଥଳୀ ହେବ । କଲ୍ୟାଣ ମଣ୍ଡପ ଉଦ୍‌ଘାଟନ ଅବସରରେ ସେଠାରେ ସମବେତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ଏହି କାର୍ଯ୍ୟ ପାଇଁ ଲାଠିକଟା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ସେ ପ୍ରଶଂସା କରିଥିଲେ । ଏହାପରେ ସେ ବିର୍ସା ମୁଣ୍ଡା ଖେଳପଡ଼ିଆଠାରେ ନିର୍ମାଣାଧିନ ଫୁଟ୍‌ବଲ୍ ଷ୍ଟାଡିୟମ୍, ଦୌଡ଼କୁଦ ଟ୍ରାକ୍, ସନ୍ତରଣାଗାର ଏବଂ ବହୁମୁଖୀ କ୍ରୀଡ଼ା କାର୍ଯ୍ୟକ୍ରମ ସମେତ ବହୁତଳ ଯାନପାର୍କିଂ ପ୍ରଭୃତି ପରିଦର୍ଶନ କରିଥିଲେ ଓ କାର୍ଯ୍ୟ ଅଗ୍ରଗତିର ସମୀକ୍ଷା କରିଥିଲେ । ଏହି ପ୍ରକଳ୍ପ ନିମନ୍ତେ ସର୍ବମୋଟ ୧୪୮କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏହା ଆଗାମୀ ନଭେମ୍ବର, ୨୦୨୨ ସୁଦ୍ଧା ପୂର୍ଣ୍ଣାଙ୍ଗ ହେବ ଏବଂ ଏହି କ୍ରୀଡ଼ା ଭିତ୍ତିଭୂମି କ୍ରୀଡ଼ାବିତ୍‌ମାନଙ୍କୁ ତାଙ୍କର ପ୍ରତିଭା ବିକାଶ ଦିଗରେ ଯଥେଷ୍ଟ ସାହାଯ୍ୟ କରିବ ବୋଲି ଜଣାପଡ଼ିଛି । ଶ୍ରୀ ତ୍ରିପାଠୀ ରାଉରକେଲା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଦର୍ଶନ କରି ସେଠାରେ ଜିଲ୍ଲା ଖଣିଜ ପାଣ୍ଠି ଓ ଉଚ୍ଚଶିକ୍ଷା ବିଭାଗ ପ୍ରଦତ୍ତ ୯୨ ଲକ୍ଷ ଟଙ୍କା ଅନୁଦାନ ରାଶିରେ ନିର୍ମିତ କମ୍ପ୍ୟୁଟର ବିଜ୍ଞାନର ସ୍ନାତକୋତ୍ତର ବିଭାଗର ଶୁଭ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳର ଉପଯୋଗରେ ଓ ସରକାରଙ୍କ ଦ୍ୱାରା ଦିଆଯାଉଥିବା ତାଲିମଗୁଡ଼ିକରୁ ନିଜର ଦକ୍ଷତା ବୃଦ୍ଧି କରି ସମାଜରେ ପ୍ରତିଷ୍ଠିତ ହେବାକୁ ସେ ପ୍ରବର୍ତ୍ତାଇଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ଶ୍ରୀ ଶାରଦା ପ୍ରସାଦ ନାୟକ, ସୁନ୍ଦରଗଡ଼ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ କୁନ୍ତି ପ୍ରଧାନ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଡକ୍ଟର ଅଜିତ ମିଶ୍ର, ସୁନ୍ଦରଗଡ଼ ଜିଲ୍ଲାପାଳ ଡକ୍ଟର ପରାଗ ହର୍ଷଦ ଗୱାଲି, ରାଉରକେଲାର ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ଶୁଭଙ୍କର ମହାପାତ୍ର, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ ।




# ତେଜସ୍ୱିନଙ୍କ ସଂଘର୍ଷର କାହାଣୀ, କୋର୍ଟ ଲଢ଼େଇରୁ ଐତିହାସିକ ପଦକ ବିଜେତା

**ବର୍ମିଂହାମ(ଏଜେନ୍ସି):** ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ପାଇଁ ଐତିହାସିକ ପଦକ ଜିତିଛନ୍ତି ଆଥଲେଟ ତେଜସ୍ୱିନ ଶଙ୍କର। ସେ ଭାରତର ପ୍ରଥମ ଆଥଲେଟ ଭାବେ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଉଚ୍ଚ ଡିଆଁରେ ବ୍ରୋଞ୍ଜ ପଦକ ଜିତିବାକୁ ସକ୍ଷମ ହୋଇଛନ୍ତି। ତେବେ ଭାରତ ପାଇଁ ଉଚ୍ଚ ଡିଆଁରେ ବ୍ରୋଞ୍ଜ ପଦକ ଜିତିବାର ଯାତ୍ରା ତେଜସ୍ୱିନଙ୍କ ପାଇଁ ଆଦୌ ସହଜ ନଥିଲା।




ସେ ତାଙ୍କ ଜୀବନରେ ଅନେକ ସଂଘର୍ଷ କରି ଏବେ ସଫଳତାର ଶିଡ଼ିରେ ପାଦ ରଖିଛନ୍ତି। ୨୩ ବର୍ଷୀୟ ତେଜସ୍ୱିନ ଅନେକ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ ମଧ୍ୟ ହାର ମାନି ନଥିଲେ। ଶେଷରେ ତାଙ୍କ ଜିଦ ଆଗରେ ହାର ମାନିଛି ସମୟ। ସେ ବନିଛନ୍ତି ଭାରତର ନୂଆ ଷ୍ଟାର ଆଥଲେଟ। ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଆଥେଲଟିକ୍ସ ସ୍କ୍ୱାଡରେ ବହୁତ ବିଳମ୍ବରେ ତେଜସ୍ୱିନ ଯୋଗ ଦେଇଥିଲେ। ହେଲେ ସେ ଭାରତ ପାଇଁ ଦୌଡ଼କୁଦ ଇଭେଣ୍ଟରେ ପଦକ ଖାତା ଖୋଲିଛନ୍ତି। ପ୍ରାଥମିକ ଅବସ୍ଥାରେ ସେ ଭାରତର ୩୬ ଜଣିଆ ଆଥଲେଟିକ୍ସ କଣ୍ଟିଜେଣ୍ଟରେ ନଥିଲେ। ସେ ଚେନ୍ନାଇରେ ହୋଇଥିବା ଅନ୍ତଃରାଜ୍ୟ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇ ନଥିବାରୁ ତାଙ୍କୁ ସ୍କ୍ୱାଡରେ ସାମିଲ କରାଯାଇଥିଲା। ସେ ଯୋଗ୍ୟତା ପାଇଁ ୨.୨୭ ମିଟର ସୀମାକୁ ଅତିକ୍ରମ କରିଥିଲେ ମଧ୍ୟ ତାଙ୍କ ନାଁ ରାଜ୍ୟଗୋଷ୍ଠୀ କ୍ରୀଡ଼ାର କଣ୍ଟିଜେଣ୍ଟରେ ନଥିଲା। ଏଥିପାଇଁ ସେ ଭାରତୀୟ ଦୌଡ଼କୁଦ ମହାସଂଘ(ଏଏଫଆଇ)କୁ କୋର୍ଟକୁ ଟାଣିଥିଲେ। ଏହାପରେ ଆରମ୍ଭ ହୋଇଥିଲା ଆଇନଗତ ଲଢ଼େଇ। ଏଥିପାଇଁ ତେଜସ୍ୱିନଙ୍କୁ ଅନେକ ରାତି ଅନିଦ୍ରାରେ କାଟିବାକୁ ପଡ଼ିଥିଲା। ଆଇନଗତ ଲଢ଼େଇ ଚାଲିଥିବା ବେଳେ ଭାରତୀୟ ଅଲିମ୍ପିକ ଆସୋସିଏନ ଚାହିଁଲେ ତାଙ୍କ ନାଁକୁ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସାମିଲ କରାଯିବ ବୋଲି ଏଏଫଆଇ କହିଥିଲା। ଏଥିପାଇଁ ବର୍ମିଂହାମକୁ ଯିବାକୁ ଥିବା ସଂଖ୍ୟା ମଧ୍ୟ ବୃଦ୍ଧି କରିବାକୁ ପଡ଼ିବ ବୋଲି ଏଏଫଆଇ ସର୍ତ୍ତ ରଖିଥିଲା। ତେବେ ଭାରତର କ୍ୱାର୍ଟର ମାଇଲ ରନର ଆରୋକିଆ ରାଜୀବ ଫିଟନେଶ ଟେଷ୍ଟରେ ଫେଲ ମାରିବାରୁ ତେଜସ୍ୱିନଙ୍କୁ ତାଙ୍କ ବଦଳ ଖେଳାଳି ଭାବେ ଭାରତୀୟ ଆଥଲେଟିକ୍ସ କଣ୍ଟିଜେଣ୍ଟରେ ସାମିଲ କରାଯାଇଥିଲା। ହେଲେ ବିଳମ୍ବିତ ଘୋଷଣା ପାଇଁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହାସଂଘ ତେଜସ୍ୱିନଙ୍କ ବାଟରେ କଣ୍ଟା ହୋଇ ଛିଡ଼ା ହୋଇଥିଲା। ଏହାକୁ ନେଇ ତେଜସ୍ୱିନ ଚିନ୍ତାରେ ପଡ଼ିଥିଲେ। ହେଲେ କଣ୍ଟିଜେଣ୍ଟରେ ଥିବା ଦୁଇ ଜଣ ଆଥଲେଟ ଡୋପ ଟେଷ୍ଟରେ ଫେଲ ମାରିବାରୁ ଶେଷ ମୁହୂର୍ତ୍ତରେ ତାଙ୍କୁ ବର୍ମିଂହାମ ଯିବାକୁ ଅନୁମତି ମିଳିଥିଲା। ଶେଷରେ ସେ ବିଳମ୍ବରେ ହେଉ ପଛେ ବର୍ମିଂହାମରେ ପହଞ୍ଚିଥିଲେ। ବୁଧବାର ରାତିରେ ଉଚ୍ଚ ଡିଆଁ ଇଭେଣ୍ଟରେ ଭାଗ ନେବାକୁ ସୁଯୋଗ ପାଇଥିଲେ। ସେ ଏହି ଇଭେଣ୍ଟର ଆରମ୍ଭରୁ ନିଜର ଦବଦବା ଦେଖାଇଥିଲେ। ଏଥିସହ ୨.୨୨ ମିଟର ଡିଆଁ ମାରି ଭାରତ ପାଇଁ ବ୍ରୋଞ୍ଜ ପଦକ ମଧ୍ୟ ହାତେଇ ଥିଲେ। ସମସ୍ତ ଘାତପ୍ରତିଘାତକୁ ମାତ ଦେଇ ପଦକ ଜିତିଥିବାରୁ ତେଜସ୍ୱିନ ବେଶ ଖୁସି ଅଛନ୍ତି। ତାଙ୍କ ପରିବାର ଲୋକ ମଧ୍ୟ ଖୁସିରେ ଆତ୍ମବିଭୋର ହୋଇ ଉଠିଛନ୍ତି। ପୁଅର ସଫଳତା ପରେ ମା' ଲକ୍ଷ୍ମୀ କହିଛନ୍ତି, "ମୁଁ ଏବେ ବହୁତ ଖୁସି। ମୋ ଖୁସିକୁ ମୁଁ ଶବ୍ଦରେ ବଖାନ କରିପାରିବି ନାହିଁ। ସେ ଦେଶ ପାଇଁ ପଦକ ଜିତିଛି ଓ କଠିନ ପରିଶ୍ରମ କରି ଚାଲିଛି। ସେ ସମସ୍ତଙ୍କର ଭଲ ପାଇବା ଓ ଶୁଭେଚ୍ଛାକୁ ପୁଞ୍ଜି କରି ଆଜି ଏହି ସ୍ଥାନରେ ପହଞ୍ଚିଛି। ଏହା ଗର୍ବର ବିଷୟ।" ବୁଧବାର ରାତିରେ ତେଜସ୍ୱିନଙ୍କ ପରିବାରରେ ଥିବା ୧୫ ଜଣ ସଦସ୍ୟ ଏକାସଙ୍ଗରେ ଟିଭିରେ ଇଭେଣ୍ଟକୁ ଉପଭୋଗ କରିଥିଲେ। ତାଙ୍କ ବାପା ବର୍ମିଂହାମରେ ପୁଅ ସହ ଉପସ୍ଥିତ ଥିଲେ।

# ଇତିହାସ ରଚିଲେ ପ୍ରିୟଙ୍କା

## ୧୦ ହଜାର ମିଟର ୱାକିଂ ରେସରେ ଜିତିଲେ ରୌପ୍ୟ

**ନୂଆଦିଲ୍ଲୀ(ଏଜେନ୍ସି):** ଭାରତୀୟ ଆଥଲେଟ ପ୍ରିୟଙ୍କା ଗୋସ୍ୱାମୀ ଇତିହାସ ରଚିବାରେ ସଫଳ ହୋଇଛନ୍ତି। ପ୍ରିୟଙ୍କା ୧୦ ହଜାର ମିଟର ୱାକିଂ ରେସରେ ରୌପ୍ୟ ପଦକ ଜିତିଛନ୍ତି। ପ୍ରିୟଙ୍କା ପ୍ରଥମ ମହିଳା ଆଥଲେଟ ଯିଏକି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପଦକ ଜିତିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ସୂଚନାଯୋଗ୍ୟ, ପ୍ରିୟଙ୍କା ଟୋକିଓ ଅଲମ୍ପିକରେ ଭାରତର ପ୍ରତିନିଧିତ୍ୱ କରିଥିଲେ। ମାତ୍ର ୧୭ତମ ସ୍ଥାନରେ ରହିଥିଲେ। ପ୍ରିୟଙ୍କା ପ୍ରଥମେ ଜିମନାଷ୍ଟ ହେବାକୁ ଚାହୁଁଥିଲେ। କିନ୍ତୁ ଆଥଲେଟିକ୍ସରେ ମିଳୁଥିବା ପୁରସ୍କାର ପ୍ରତି ଆକର୍ଷିତ ହୋଇ ଏହି ଖେଳକୁ ଆପଣାଇଥିଲେ।




# ବିଜୟରୁ ଅଭିଯାନ ଆରମ୍ଭ କଲେ ବଜରଙ୍ଗ ଓ ଦୀପିକ ପୁନିଆ



**ବର୍ମିଂହାମ(ଏଜେନ୍ସି):** ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଆଜିଠାରୁ ଆରମ୍ଭ ହୋଇଛି କୁସ୍ତି ଇଭେଣ୍ଟ। ଏକାଧିକ ଭାରତୀୟ ଷ୍ଟାର ମଧ୍ୟ ଆଜି ମ୍ୟାଟ୍ ଉପରେ ନଜର ଆସିଛନ୍ତି। ଭାରତର ଦୁଇ ଷ୍ଟାର ରେସଲର ବଜରଙ୍ଗ ପୁନିଆ ଓ ଦୀପକ ପୁନିଆ ନିଜ ନିଜର ପ୍ରଥମ ମ୍ୟାଚ୍ ଜିତି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ୬୫ କେଜି ଫ୍ରିଷ୍ଟାଇଲ ବର୍ଗରେ ବଜରଙ୍ଗ ପୁନିଆ ୧ ମିନିଟ ୪୭ ସେକେଣ୍ଡ ମଧ୍ୟରେ ନିଜର ପ୍ରତିପକ୍ଷଙ୍କୁ ଚିତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେ ଏହି ମ୍ୟାଚ୍କୁ ୪-୦ରେ ଜିତିଛନ୍ତି। ଆଜି ତାଙ୍କର ମୁକାବିଲା ନଉରାଉର ଲୋୱେ ବିଙ୍ଗହାମ ସହ ହୋଇଥିଲା। ହେଲେ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଡିଫେଣ୍ଡିଂ ଚାମ୍ପିୟନ ବଜରଙ୍ଗ ତାଙ୍କୁ ଆଟାକ କରିବାର କୌଣସି ସୁଯୋଗ ଦେଇଥିଲେ। ଦେଢ଼ ମିନିଟ୍ ମଧ୍ୟରେ ବିଙ୍ଗହାମକୁ ଲକ୍ ପୋଜିସନରେ ରଖି ମ୍ୟାଚ୍କୁ ଏକତରଫା ଭାବେ ଜିତି ନେଇଥିଲେ। ବିଙ୍ଗହାମ ଲଢ଼େଇ ବେଳେ ଆଦୌ ବଜରଙ୍ଗଙ୍କ ଟେକନିକକୁ ବୁଝି ପାରି ନଥିବା ତାଙ୍କ ମୁହଁରୁ ସ୍ପଷ୍ଟ ଜଣାପଡ଼ିଥିଲା। ଏବେ କ୍ୱାର୍ଟର ଫାଇନାଲରେ ବଜରଙ୍ଗଙ୍କ ମୁକାବିଲା ମରିସସର ଜେନ ଜୁଲିନେ ଜୋରିସ ବାନଡୌଙ୍କ ସହ ହେବ। ୨୦୧୮ରେ ବଜରଙ୍ଗ ସ୍ୱର୍ଣ୍ଣ ଜିତି ଥିବାରୁ ତାଙ୍କୁ ଠାରୁ ଏଥର ମଧ୍ୟ ଦେଶ ସ୍ୱର୍ଣ୍ଣ ଆଶାରେ ରହିଛି। ଅନ୍ୟପକ୍ଷରେ ଦୀପକ ପୁନିଆ ମଧ୍ୟ ୮୬ କେଜି ବର୍ଗରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ସେ ନ୍ୟୁଜିଲ୍ୟାଣ୍ଡର ମାଥ୍ୟୁ ଓକ୍ସେନହାମଙ୍କୁ ୩ ମିନିଟ ୨୨ ସେକେଣ୍ଡ ମଧ୍ୟରେ ହରାଇଛନ୍ତି। ମ୍ୟାଚ୍ରେ ଦୀପକଙ୍କୁ ଏକତରଫା ଭାବେ ୧୦ ଟେକ୍ନିକାଲ ପଏଣ୍ଟ ମିଳିବାରୁ ସେ ପରବର୍ତ୍ତୀ ରାଉଣ୍ଡ ଅର୍ଥାତ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

# ବକ୍ସିଂରେ ଭାରତ ପାଇଁ ଆଉ ଦୁଇଟି ପଦକ ନିଶ୍ଚିତ କଲେ ସାଗର ଓ ଜସ୍ମିନ

**ବର୍ମିଂହାମ (ଏଜେନ୍ସି):** ଭାରୋତ୍ତୋଳନ ପରେ ଏବେ ବକ୍ସିଂରୁ ଭାରତ ପାଇଁ ପଦକ ବର୍ଷା ହେବାରେ ଲାଗିଛି। ଭାରତର ଜଣଙ୍କ ପରେ ଜଣେ ଖେଳାଳି ବକ୍ସିଂ ଇଭେଣ୍ଟର ବିଭିନ୍ନ ବର୍ଗର ସେମି ଫାଇନାଲରେ ପ୍ରବେଶ କରି ପଦକ ପକ୍କା କରିବାରେ ଲାଗିଛନ୍ତି। ପୂର୍ବରୁ ୪ ଜଣ ବକ୍ସର ସେମିକୁ ଯାଇଥିବା ବେଳେ ଏବେ ଆଉ ଜଣ ପଦକ ନିଶ୍ଚିତ କରିଛନ୍ତି। ଆଜି ୯୨ କେଜି ସୁପର ହେଭିୱେଟ ବର୍ଗରେ ଭାରତର ସାଗର ଅହଲୱାଟ ସେମି ଫାଇନାଲ ଟିକେଟ ହାସଲ କରିଛନ୍ତି। ସେହିପରି ମହିଳା ୬୦ କେଜି ବର୍ଗର କ୍ୱାର୍ଟର ଫାଇନାଲରେ ଜସ୍ମିନ ଲମ୍ବୋରିଆ ବାଜିମାତ କରି ସେମିରେ ପ୍ରବେଶ କରିଛନ୍ତି। ଜସ୍ମିନଙ୍କ ମୁକାବିଲା ଆଜି ନ୍ୟୁଜିଲ୍ୟାଣ୍ଡର ଟୋରି ଗାରଟନଙ୍କ ସହ ହୋଇଥିଲା। ଉଭୟ ଖେଳାଳି ପରସ୍ପରକୁ କଡ଼ା ଟକ୍କର ଦେଇଥିଲେ। ପ୍ରଥମ ରାଉଣ୍ଡକୁ ଜସ୍ମିନ ୫-୦ରେ କବଜା କରିଥିଲେ। ହେଲେ ଦ୍ୱିତୀୟ ରାଉଣ୍ଡରେ ଜସ୍ମିନ ୩-୨ରେ ପଛେଇ ଯାଥିଲେ। ତୃତୀୟ ରାଉଣ୍ଡରେ ଗାରଟନ କଡ଼ା ଟକ୍କର ଦେଇଥିଲେ ମଧ୍ୟ ଯସ୍ମିନଙ୍କ ଉପରେ ଏହାର ଯଥେଷ୍ଟ ପ୍ରଭାବ ପଡ଼ି ନଥିଲା।



ଶେଷରେ ସେ ୪-୧ରେ ମ୍ୟାଚ୍ ଜିତି ଭାରତ ପାଇଁ ବକ୍ସିଂରେ ଆଉ ଗୋଟିଏ ପଦକ ନିଶ୍ଚିତ କରିଥିଲେ। ଏହପରେ ପୁରୁଷ ୯୨ କେଜି ବର୍ଗର ବକ୍ସିଂ ଇଭେଣ୍ଟରେ ରିଙ୍ଗ୍‌କୁ ଆସିଥିଲେ ଭାରତର ସାଗର। ତାଙ୍କର ମୁକାବିଲା ସିଚେଲ୍ସର କେଡ୍ଡୀ ଇଭାନ୍ସ ଆଗନେସଙ୍କ ସହ ହୋଇଥିଲା। ଆରମ୍ଭରୁ ହିଁ କେଡ୍ଡୀ ଆକ୍ରମଣାତ୍ମକ ରୂପ ଦେଖାଇଥିଲେ। କିନ୍ତୁ ସାଗର ସୁଯୋଗ ଦେଖି ଦମଦାର ପଞ୍ଚ ମାରିଥିଲେ। ପ୍ରଥମ ରାଉଣ୍ଡରେ ସାଗରଙ୍କୁ ୪ ଜଣ ଜଜ ୧୦ ପଏଣ୍ଟ ଲେଖାଏ ଦେଇଥିବା ବେଳେ ଜଣେ ୯ ପଏଣ୍ଟ ଦେଇଥିଲେ। ଦ୍ୱିତୀୟ ରାଉଣ୍ଡରେ ସମସ୍ତ ୫ ଜଣ ଯାକ ସାଗରଙ୍କୁ ୧୦ ପଏଣ୍ଟ ଲେଖାଏ ଦେଇଥିଲେ। ତୃତୀୟ ରାଉଣ୍ଡରେ ୪ ଜଣ ଜଜ ସାଗରକଙ୍କୁ ୧୦ ପଏଣ୍ଟ ଲେଖାଏ ଦେଇଥିବା ବେଳେ ଜଣେ ୯ ପଏଣ୍ଟ ଦେଇଥିଲେ। ଏହାପରେ ସାଗର ୫-୦ରେ ବିଜୟୀ ହୋଇ ସେମି ଫାଇନାଲ ଯିବାକୁ ସକ୍ଷମ ହୋଇଛନ୍ତି। ଏହାପୂର୍ବରୁ ଭାରତ ପାଇଁ ବକ୍ସିଂରେ ଅମିତ ପଙ୍ଘଲ, ମହିଳା ୪୮ କେଜି ବର୍ଗରେ ନିତୁ ଘନଘସ, ପୁରୁଷ ୫୭ କେଜି ବର୍ଗରେ ମହମ୍ମଦ ହସମୁଦ୍ଦିନ ଓ ମହିଳା ୫୦ କେଜି ବର୍ଗରେ ନିଖିତ ଜରୀନ ସେମିରେ ପ୍ରବେଶ କରି ଭାରତ ପାଇଁ ପଦକ ପକ୍କା କରିଥିଲେ। ତେବେ ଅଲିମ୍ପିକ୍ସରେ ଭାରତ ପାଇଁ ବ୍ରୋଞ୍ଜ ପଦକ ଜିତିଥିବା ଲଭଲୀନା କ୍ୱାର୍ଟର ଫାଇନାଲରେ ହାରି ସମସ୍ତଙ୍କୁ ନିରାଶ କରିଛନ୍ତି।

# ସାଫ ଅଣ୍ଡର ୨୦ ଫୁଟବଲ ଚାମ୍ପିୟନସିପ: ବାଂଲାଦେଶକୁ ୫-୨ ଗୋଲରେ ପରାସ୍ତ କରି ଟ୍ରଫି ହାତେଇଲା ଭାରତ



**ଭୁବନେଶ୍ୱର(ଏନ୍.ଏମ୍.):** ବାଂଲାଦେଶକୁ ହରେଇ ଭାରତ ଚାମ୍ପିୟାନ। କଳିଙ୍ଗ ଷ୍ଟାଡିୟମରେ ଖେଳାଯାଉଥିବା ସାଫ ଅଣ୍ଡର ୨୦ ଫୁଟବଲ ଚାମ୍ପିୟାନସିପରେ ବାଂଲାଦେଶକୁ ୫-୨ ଗୋଲରେ ହରେଇ ଟ୍ରଫି ହାତେଇଲା ଭାରତ। ଭାରତ ପକ୍ଷରୁ ଗୁରକିରତ ସିଂ ଆକର୍ଷଣୀୟ ଖେଳ ପାଦର୍ଶନ କରିବା ସହ ୪ଟି ଗୋଲ ସ୍କୋର କରିଥିଲେ। ସେହିପରି ହିମାଂଶୁ ଜାଙ୍ଗରା ମଧ୍ୟ ଗୋଟିଏ ଗୋଲ ସ୍କୋର କରିଥିଲେ। ଚମ୍ପିଅନ୍ ଟିମ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟ୍ରଫି ପ୍ରଦାନ କରିଥିଲେ। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ମ୍ୟାଚକୁ ଶୁଭାରମ୍ଭ କରିଥିଲେ। ଏହା ପରେ ନବୀନ ପୂରା ମ୍ୟାଚକୁ ଉତ୍ସାହର ସହିତ ଦେଖିଥିଲେ।

ପ୍ରଥମ ହାଫ ସୁଦ୍ଧା ଭାରତ ଓ ବାଂଲାଦେଶ ୧-୧ରେ ସମାନ ସ୍ଥିତିରେ ଥିଲେ। ସେହିପରି ଦ୍ୱିତୀୟ ହାଫରେ ମଧ୍ୟ ଉଭୟ ଟିମ ଗୋଟିଏ ଲେଖାଏଁ ଗୋଲ ସ୍କୋର କରି ନିର୍ଦ୍ଧାରିତ ସମୟ ସୁଦ୍ଧା ୨-୨ରେ ରହିଥିଲେ। ଫଳରେ ଆଉ ୩୦ ମିନିଟ ଅଧିକ ସମୟ ମିଳିଥିଲା। ତେବେ ଭାରତ ପକ୍ଷରୁ ଲଗାତର ଆଟାକିଙ୍ଗ ଖେଳ ଦେଖିବାକୁ ମିଳିଥିଲା ଏବଂ ଏକ୍ସଟ୍ରା ଟାଇମରେ ଭାରତ ୩ଟି ଗୋଲ ସ୍କୋର କରି ୫-୨ରେ ବିଜୟ ହାସଲ କରିଛି। ଟ୍ରଫି ହାତେଇବା ସହ ଲଗାତର ଦ୍ୱିତୀୟ ସାଫ ଚାମ୍ପିୟାନସିପ ଟ୍ରଫି ନିଜ ନାଁରେ କରିଛି। ୨୦୧୯ରେ ସାଫ ଚାମ୍ପିୟାନସିପରେ ମଧ୍ୟ ଭାରତ ବାଂଲାଦେଶକୁ ହରେଇ ଚାମ୍ପିୟନ ହୋଇଥିଲା।

# ଇତିହାସ ରଚିଲେ ଅବିନାଶ ମୁକୁନ୍ଦ ସାବଲେ, ଦେଶ ପାଇଁ ଜିତିଲେ ରୌପ୍ୟ

**ବର୍ମିଂହାମ(ଏଜେନ୍ସି):** ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଇତିହାସ ରଚିଛନ୍ତି ଭାରତର ଅବିନାଶ ମୁକୁନ୍ଦ ସାବଲେ। ସେ ୩୦୦୦ ମିଟର ଷ୍ଟପଲଚେଜ୍ରେ ଦେଶ ପାଇଁ ରୌପ୍ୟ ପଦକ ଜିତିଛନ୍ତି। ଅବିନାଶ ପ୍ରଥମ ଭାରତୀୟ ଭାବେ ଷ୍ଟିପଲଚେଜ୍ ଇଭେଣ୍ଟରେ ଏପରି ପଦକ ଜିତିବାକୁ ସକ୍ଷମ ହୋଇଛନ୍ତି। ସେ ମାତ୍ର ୫ ସେକେଣ୍ଡ ପାଇଁ ସ୍ୱର୍ଣ୍ଣ ପଦକ ହରାଇଥିଲେ ମଧ୍ୟ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ସେ ନ୍ୟାଶନାଲ ରେକର୍ଡ ସହ ୮.୧୧.୨୦ ଟାଇମିଂ ସହ ୩୦୦୦ ମିଟର ଦୂରତାକୁ ଅତିକ୍ରମ କରିଛନ୍ତି। କେନିୟାର ଆବ୍ରାହମ କିବିୱଟ ୮.୧୧.୧୫ ଟାଇମିଂ ସହ ସ୍ୱର୍ଣ୍ଣ ଜିତିଥିବା ବେଳେ ସେହି କେନିୟାର ଅମୋସ ସେରୁମ ୮.୧୬.୮୩ ସେକେଣ୍ଡ ଟାଇମିଂ ସହ ବ୍ରୋଞ୍ଜ ପଦକ ଜିତିଛନ୍ତି। ବିଶ୍ୱ ଚାମ୍ପିୟନଶିପରେ ଅବିନାଶ ୧୧ତମ ସ୍ଥାନରେ ରହି ନିଜର ଅଭିଯାନ ଶେଷ କରିଥିଲେ। ହେଲେ ଆଜି ସେ ନିଜର ଦମ ଦେଖାଇ ରୌପ୍ୟ ପଦକ ହାସଲ କରିଛନ୍ତି। ଅବିନାଶ ପଦକ ଜିତିବା ପରେ ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଦୌଡ଼କୁଦ ଇଭେଣ୍ଟରେ ଭାରତର ପଦକ ସଂଖ୍ୟା ୪କୁ ବୃଦ୍ଧି ପାଇଛି।




ତାଙ୍କ ପୂର୍ବରୁ ମହିଳା ୧୦୦୦ ମିଟର ରେସ ୱାକରେ ପ୍ରିୟଙ୍କା ଗୋସ୍ୱାମୀ ରୌପ୍ୟ, ଉଚ୍ଚ ଡିଆଁରେ ତେଜସ୍ୱିନ ଶଙ୍କର ବ୍ରୋଞ୍ଜ ଓ ଲମ୍ବ ଡିଆଁରେ ମୁରଲୀ ଶ୍ରୀଶଙ୍କର ରୌପ୍ୟ ପଦକ ଜିତିଥିଲେ।




# ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ବିପକ୍ଷ ଘରୋଇ ସିରିଜ ପାଇଁ ଘୋଷଣା ହେଲା ତାରିଖ

**ନୂଆଦିଲ୍ଲୀ(ଏଜେନ୍ସି):** ଭାରତ ଗସ୍ତରେ ଆସିବେ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା। ଦୁଇ ଦେଶ ବିପକ୍ଷ ସୀମିତ ଓଭର ସିରିଜ୍ ପାଇଁ ଆଜି ବିସିସିଆଇ ପକ୍ଷରୁ ତାରିଖ ଓ ଭେନ୍ୟୁ ଘୋଷଣା କରାଯାଇଛି। ଏହି ସୀମିତ ଓଭର ସିରିଜ ସେପ୍ଟେମ୍ବର ୨୦ରୁ ଆରମ୍ଭ ହେବ। ଭାରତ ପ୍ରଥମେ ଅଷ୍ଟ୍ରେଲିଆ ବିପକ୍ଷରେ ସେପ୍ଟେମ୍ବର ୨୦ରୁ ୨୫ ଯାଏ ଟି-୨୦ ମ୍ୟାଚ ଖେଳିବ। ଏହାପରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୨୮ ତାରିଖରୁ ସେପ୍ଟମ୍ବର ୪ ଯାଏ ଟି-୨୦ ସିରିଜ ଓ ଅକ୍ଟୋବର ୬ରୁ ୩ଟିକିଆ ଦିନିକିଆ ସିରିଜ ଖେଳିବ। ଏହି ସିରିଜ ଅକ୍ଟୋବର ୧୧ରେ ସରିବ। ଦିନିକିଆ ସିରିଜ୍ ପରେ ଟିମ ଇଣ୍ଡିଆ ବିଶ୍ୱକପ ଖେଳିବାକୁ ଅଷ୍ଟ୍ରେଲିଆ ଯିବ।



ଅଷ୍ଟ୍ରେଲିଆ ବିପକ୍ଷ ଟି-୨୦ ସିରିଜ

ପ୍ରଥମ ଟି-୨୦: ସେପ୍ଟେମ୍ବର ୨୦- ମୋହାଲି

ଦ୍ୱିତୀୟ ଟି-୨୦: ସେପ୍ଟେମ୍ବର ୨୩- ନାଗପୁର

ତୃତୀୟ ଟି-୨୦: ସେପ୍ଟେମ୍ବର ୨୫- ହାଇଦ୍ରାବାଦ

ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ସିରିଜ

ପ୍ରଥମ ଟି-୨୦: ସେପ୍ଟେମ୍ବର ୨୮- ଥିରୁଅନନ୍ତପୁରମ

ଦ୍ୱିତୀୟ ଟି-୨୦: ଅକ୍ଟୋବର ୨- ଗୌହାଟୀ

ତୃତୀୟ ଟି-୨୦: ଅକ୍ଟୋବର ୪- ଇନ୍ଦୋର

ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ

ପ୍ରଥମ ଦିନିକିଆ: ଅକ୍ଟୋବର ୬-ଲକ୍ଷ୍ନୌ

ଦ୍ୱିତୀୟ ଦିନିକିଆ: ଅକ୍ଟୋବର ୯-ରାଞ୍ଚି

ତୃତୀୟ ଦିନିକିଆ: ଅକ୍ଟୋବର ୧୧-ଦିଲ୍ଲୀ

ଭାରତ ବର୍ତ୍ତମାନ ୱେଷ୍ଟଇଣ୍ଡିଜ ବିପକ୍ଷରେ ଟି-୨୦ ସିରିଜ ଖେଳୁଛି। ଏହି ସିରିଜାର ୩ଟି ମ୍ୟାଚ ସରିଥିବା ବେଳେ ଆଉ ଦୁଇଟି ବାକି ରହିଛି। ଏହି ସିରିଜ ପରେ ଦଳ ଜାମ୍ବାୱେ ଗସ୍ତ କରିବ। ଅକ୍ଟୋବର ୧୮ରୁ ଜିମ୍ବାୱେ ସହ ୩ ଟିକିଆ ଦିନିକିଆ ସିରିଜ ଆରମ୍ଭ ହେବ। ଜିମ୍ବାୱେ ସିରିଜ ପରେ ଅଗଷ୍ଟ ୨୭ରୁ ଏସିଆ କପ ଆରମ୍ଭ ଆରମ୍ଭ ହେବ। ଭାରତ ଓ ପାକିସ୍ତାନ ୨୮ ତାରିଖରେ ପରସ୍ପରକୁ ଭେଟିବେ।

Printed, Published and owned by Sri Tapan Kumar Sahoo At-Badachanachoo, Po-Nakhara, Via-Choudwar, Dist-Cuttack-754025 (Odisha),
Printed at Sakuntala Printers, Bidanasi, Cuttack-753014 (Odisha) and Published at At - Badachanachoo, Po- Nakhara, Via-Choudwar, Dist-Cuttack- 754025 (Odisha)
Editor : SRI TAPAN KUMAR SAHOO Mob- 8895134289, 9938725879. Email : nishkarsha.media@gmail.com ସମ୍ପାଦକ: ତପନ କୁମାର ସାହୁ